# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୩୧/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, July 31/2023 | Page 14 | ₹ 7.00 | RAYAGADA

୪୯ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 246 | ମୂଲ୍ୟ ₹୭/-




**ହିଜାବରେ ବିଶ୍ୱକପ୍ ଖେଳିବା ବେନ୍‌ଜିନା ପ୍ରଥମ**

ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ହିଜାବ ପରିଧାନ କରି ଖେଳିବାରେ ମରକ୍କୋ ଡିଫେଣ୍ଡର ନୌହେଲା ବେନ୍‌ଜିନା ପ୍ରଥମ ଖେଳାଳି।

୧୨

୧୦

**ଜ୍ୟାକେଟ୍‌ରେ ସ୍ୱାମୀଙ୍କ ଫଟୋ**

ନିକଟରେ ଦୀପିକା ପାଦୁକୋନ ତାଙ୍କ ସ୍ୱାମୀ ରଣବୀର ସିଂଙ୍କ ସହ ଫିଲ୍ମ ଦେଖିବାକୁ ଯିବାବେଳେ ତାଙ୍କ ଜ୍ୟାକେଟ୍‌ରେ ରଣବୀରଙ୍କ ଫଟୋ କରିଥିବା ଦେଖିବାକୁ ମିଳିଛି।



# ବୁଢ଼ାବାପା ନାହିଁ

**ତଥାଗତ ସତପଥୀ**

ଓଡ଼ିଶା ସମେତ ଭାରତରେ ଖାଦ୍ୟସାମଗ୍ରୀ ଓ ପନିପରିବା ଦର ସାଧାରଣ ଲୋକଙ୍କ କିଣିବା କ୍ଷମତାଠାରୁ ବହୁ ଊର୍ଦ୍ଧ୍ୱକୁ ଚାଲିଗଲାଣି। ଜିରା କିଲୋଗ୍ରାମ ଉପରେ ୬୦୦ ଟଙ୍କା ବୃଦ୍ଧି ପାଇଥିବା କଥା ଶୁଣିଲେ ଆଉ ଆଶ୍ଚର୍ଯ୍ୟ ଲାଗୁନାହିଁ। ଚାଉଳ, ଡାଲି, ଖାଇବା ତେଲ, ଅଦା, ରସୁଣ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସାଧାରଣ ଲୋକଙ୍କୁ ବହୁତ ବାଧିଲାଣି। ବିଲାତି ବାଇଗଣ (ଟମାଟୋ) କିଲୋ ୨୦୦ ଟଙ୍କା ଉପରକୁ ଯାଇ ଗତ କିଛି ସପ୍ତାହ ହେବ ମୁଖ୍ୟଖବର ରହିଆସିଛି। କିନ୍ତୁ ସେଥିରେ ଦରବୃଦ୍ଧି ସୀମିତ ନୁହେଁ। ପ୍ରାୟ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ଏଭଳି ବଢ଼ିଛି ଯେ, ସାଧାରଣ ଲୋକ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲାଣି। କେନ୍ଦ୍ର ସରକାର ବୃଦ୍ଧି ଲଗାଇ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରଖିଛନ୍ତି। କିନ୍ତୁ ଗହୀରେଇ ଦେଖିଲେ ଅନ୍ତର୍ଜାତୀୟ ବଜାରରେ ଆଶୋଧିତ ତୈଳ ମୂଲ୍ୟ ଅପେକ୍ଷାକୃତ ହ୍ରାସ ପାଇଥିଲେ ମଧ୍ୟ ସରକାର ସେହି ସୁବିଧା ଜନସାଧାରଣଙ୍କୁ ଦେଉନାହାନ୍ତି। ଯଦି ଖାଦ୍ୟ ମୁଦ୍ରାସ୍ଫୀତିର ପରିସଂଖ୍ୟାନକୁ ଦେଖାଯାଏ ଜୁନ୍‌ରେ ଏହା ୪.୬ ପ୍ରତିଶତ ହୋଇଥିବା ବେଳେ ତା' ପୂର୍ବ ମାସ ଏହା ଥିଲା ୩ ପ୍ରତିଶତରୁ କମ୍। ଏଭଳି ସ୍ଥିତିରେ ଜୁଲାଇକୁ ହିସାବକୁ ନେଲେ ସ୍ଥିତି ଆହୁରି ଖରାପ ରିପୋର୍ଟ ଦେବ ବୋଲି ଅନୁମାନ କରିହେଉଛି। କାରଣ ଚଳିତ ମାସ ସବୁ ପ୍ରକାର ଦ୍ରବ୍ୟର ମୂଲ୍ୟ ଆକାଶଛୁଆଁ ହୋଇଛି। ଅବଶ୍ୟ କେହି ଭୁଲିଯିବା କଥା ନୁହେଁ ଯେ, ଭାରତର ଜନସଂଖ୍ୟା ବହୁଳ ମାତ୍ରାରେ ବୃଦ୍ଧି ପାଉଛି। ତତ୍‌ସହିତ ସରକାରୀ ନୀତି ଅନୁଯାୟୀ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଜନସଂଖ୍ୟା ସ୍ଥାନାନ୍ତରିତ କରିବାର ଲଗାତର ଅସ୍ୱାଭାବିକ ପ୍ରଚେଷ୍ଟା କୃଷି ଅର୍ଥନୀତିକୁ ଘୋର ଆଞ୍ଚ ପହଞ୍ଚାଇଛି। ସମସ୍ତଙ୍କ ମନେଥିବ ଉତ୍ତମ ଫସଲ ବର୍ଷରେ ସେନ୍‌ସେକ୍ସ ସମେତ ସବୁ ଅର୍ଥନୈତିକ ସୂଚକାଙ୍କ ଊର୍ଦ୍ଧ୍ୱଗାମୀ ଗ୍ରାଫ୍ ଦେଖାଇଥାଏ। ସେଥିରେ ଉତ୍‌ଫୁଲ୍ଲିତ ହେଉଥିବା ପଣ୍ଡିତମାନେ ଗଭୀରକୁ ଯାଇ ତା'ର କାରଣ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ବୋଲି ଅନୁମାନ କରିହେଉଛି। ତାହା କେବଳ ମାତ୍ର ସୂଚାଉଛି ଯେ, ଆଜି ମଧ୍ୟ ଭାରତର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ କୃଷିର ସଫଳତା ଉପରେ ନିର୍ଭରଶୀଳ।

ସବୁ ସମୟ ପାଇଁ ଦେଖାଯାଇଛି ଯେ, ସାମଗ୍ରୀଗୁଡ଼ିକର ଦରଦାମ ନିୟନ୍ତ୍ରଣ ଭିତରେ ରହିଲେ ପରିବାର ପ୍ରତିପୋଷଣ ସହଜ ହୋଇଥାଏ। କୋଭିଡ୍ ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଜନସାଧାରଣଙ୍କ ଆୟ ଯଥେଷ୍ଟ କମିଯାଇଛି। ଯେତେବେଳେ ବ୍ୟକ୍ତିର ଆୟ କମିଯିବ ଓ ଅନ୍ୟପକ୍ଷରେ ତା'ର ବ୍ୟୟ ବଢ଼ିଯିବ, ସେତେବେଳେ ତା'ର ଚଳିବା କଷ୍ଟକର ହୋଇଯିବ। ସରକାର ଲୋକଙ୍କ ବାସ୍ତବ ଦୁଃଖକୁ ନ ଦେଖି ଦେଶବାସୀଙ୍କୁ ବୁଝାଇବାରେ ଲାଗିଛନ୍ତି। ଦରଦାମ ବୃଦ୍ଧି ନେଇ ସରକାରଙ୍କୁ ଦୋଷ ଦିଆଗଲେ ଅସ୍ୱାଭାବିକ ମୌସୁମୀ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପ୍ରଭାବ ଆଦି କେତେକ ଘୋଷା କଥାକୁ ଲୋକଙ୍କ ଆଗରେ ଥୋଇ ଦିଆଯାଉଛି। ଏଥିସହିତ ଦେଶର ଏକ ପ୍ରମୁଖ ଇଂଲିଶ ଖବରକାଗଜ 'ଦି ଇକୋନୋମିକ୍ ଟାଇମ୍ସ'ରେ ୨୭ ଜୁଲାଇରେ ପ୍ରକାଶିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ବକ୍ତବ୍ୟ ବ୍ୟସ୍ତ କରିବା ସ୍ୱାଭାବିକ। ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ ତାଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତେ ଯଦି ଅନ୍ୟ କେହି ଶାସନ କରୁଥାଆନ୍ତେ, ତେବେ ଆଜି କ୍ଷୀର ଲିଟର ପିଛା ୩୦୦ ଟଙ୍କା ହୋଇଥାଆନ୍ତା ଓ ଡାଲି ୫୦୦ ଟଙ୍କା କିଲୋ ଛୁଇଁଥାଆନ୍ତା।

ନିକଟରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଭାରତ ସମ୍ବନ୍ଧରେ ଏକ ସକାରାତ୍ମକ ରିପୋର୍ଟ ପ୍ରଦାନ କରିଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୬ ପ୍ରତିଶତ ବୃଦ୍ଧି ପାଇବ। 'ବିରାଡ଼ି କପାଳକୁ ଶିକା ଛିଡ଼ିଲା' ଭଳି କେନ୍ଦ୍ର ସରକାର ଏବେ ଏହି ଆକଳନ ରିପୋର୍ଟକୁ ଅନ୍ତର୍ଜାତୀୟ ସ୍ୱୀକୃତି ଭାବେ ଧରି ନେଇ ବାହାବା ନେଲେଣି। କୁହାଯାଇପାରେ ଯେ, ଆଇଏମ୍‌ଏଫ୍‌ର ଏହି ଆଶାବାଦୀ ରିପୋର୍ଟ ନୀତି ପ୍ରସ୍ତୁତକାରୀଙ୍କୁ ମୁଦ୍ରାସ୍ଫୀତି ଓ ବେକାରି ଭଳି ସମସ୍ୟାକୁ କମାଇବା ଲାଗି ସେମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ସୃଷ୍ଟି କରିବ। କିନ୍ତୁ ଭାରତରେ ଅଧିକାଂଶ ନୀତିକାର ଓ ଗବେଷକ ରାଜନୈତିକ ବ୍ୟକ୍ତି, ବିଶେଷକରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିଚାଳିତ ହୋଇଥାଆନ୍ତି। ଏଠାରେ କୁହାଯାଇପାରେ ଯେ, ଦେଶ ଭିତରୁ ଯଦି କୌଣସି ଅସ୍ୱସ୍ତିକର ତଥ୍ୟ ଉପରେ ଆଧାରିତ ରିପୋର୍ଟ ପ୍ରକାଶ ପାଉଛି, ତେବେ ସେଥିରେ ଜଡ଼ିତ ଅଫିସର କିମ୍ବା ପରିସଂଖ୍ୟାନବିତ୍‌ଙ୍କୁ ଚାକିରିରୁ ବିଦା କରିବା ସହିତ ଜେଲ୍‌କୁ ପଠାଇ ଦିଆଯାଉଛି। ସେହିଭଳି ବିଦେଶରୁ ଭାରତ ସମ୍ପର୍କରେ ପ୍ରକାଶ ପାଉଥିବା ତଥ୍ୟ ଯଦି ସରକାରଙ୍କୁ ସୁହାଉନାହିଁ, ତେବେ ତାହାକୁ ଆଭ୍ୟନ୍ତରୀଣ କାର୍ଯ୍ୟରେ ବାହ୍ୟଶକ୍ତିର ହସ୍ତକ୍ଷେପ କହି ନାକଚ କରି ଦିଆଯାଉଛି। ଅର୍ଥାତ୍ ବାସ୍ତବତାକୁ ସ୍ୱୀକାର କରି ତା' ଉପରେ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଆଜିର ସରକାର ଅନିଚ୍ଛୁକ ବୋଲି ବୁଝାପଡୁଛି। ପରିସଂଖ୍ୟାନ ଠିକ୍ ରହିଲେ ଦେଶବାସୀଙ୍କ ପାଇଁ ପ୍ରଣୟନ ହେଉଥିବା ନୀତି ସେମାନଙ୍କ କାର୍ଯ୍ୟରେ ଲାଗିଥାଏ। କିନ୍ତୁ ଭାରତରେ ପରିସଂଖ୍ୟାନର ବୁଢ଼ାବାପା ଭାବେ ପରିଚିତ ଜନଗଣନା ଦୀର୍ଘ କାଳ ସ୍ଥଗିତ ରଖାଯିବା ଫଳରେ ମୂଳରୁ ପ୍ରତ୍ୟେକଟି କାର୍ଯ୍ୟ ଏବଂ ଯୋଜନା ତ୍ରୁଟିପୂର୍ଣ୍ଣ ହେଉଛି।



ଓଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ୟୁଏଲ୍‌ବି ଆକାଉଣ୍ଟାଣ୍ଟ ପଦବୀ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ରବିବାର ଭଦ୍ରକ କଲେଜ ପରିସରରେ ପରୀକ୍ଷାର୍ଥୀମାନେ ଧାରଣାରେ ବସିଛନ୍ତି। **(ଫଟୋ-ସନାତନ)**

# ପୁଣି ବିବାଦରେ ଓଏସ୍‌ଏସ୍‌ସି ପରୀକ୍ଷା

## ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ପରୀକ୍ଷା ବର୍ଜନ କଲେ ୨୧ ପରୀକ୍ଷାର୍ଥୀ

- **ଭଦ୍ରକ ମହାବିଦ୍ୟାଳୟରେ ବିଳମ୍ବରେ ପହଞ୍ଚିଲା ପ୍ରଶ୍ନପତ୍ର**
- **ଲିକ୍ ଅଭିଯୋଗକୁ ଖଣ୍ଡନ କଲେ କଲେଜ ଅଧକ୍ଷ**

ଭଦ୍ରକ,୩୦।୭(ସନାତନ ରାଉତ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ସାରା ଓଡ଼ିଶାରେ ହଇଚଇ ସୃଷ୍ଟି କରିଥିବାବେଳେ ରବିବାର ଭଦ୍ରକ କଲେଜରେ ପୁଣି ଏଭଳି ଏକ ଅଭିଯୋଗ ହୋଇଛି। ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ଗୃହ ଏବଂ ନଗର ଉନ୍ନୟନ ବିଭାଗ(ୟୁଏଲ୍‌ବି)ର ଆକାଉଣ୍ଟାଣ୍ଟ ପଦବୀ ପାଇଁ ରବିବାର ହୋଇଥିବା ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ୨୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ବର୍ଜନ କରିବା ସହ କଲେଜରେ ହୋହାଲ୍ଲା କରିବା ସହ ଧାରଣାରେ ବସିଥିଲେ। ପରେ ଉପଜିଲାପାଳ ମନୋଜ ପାତ୍ର ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାଶୁଝା କରିବା ସହ ଏ ସମ୍ପର୍କରେ ଓଏସ୍‌ଏସ୍‌ସି କମିଶନଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ଗୃହ ଏବଂ ନଗର ଉନ୍ନୟନ ବିଭାଗ(ୟୁଏଲ୍‌ବି)ର ଆକାଉଣ୍ଟାଣ୍ଟ ପଦବୀ ପାଇଁ ରବିବାର ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ଟା ଦୁଇଘଣ୍ଟା ପରୀକ୍ଷା ସମୟ ନିର୍ଦ୍ଧାରଣ ଥିଲା। ଭଦ୍ରକ ସ୍ୱୟଂଶାସିତ କଲେଜରେ ପ୍ରାୟ ୭ଶହ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା। ତେବେ ପ୍ରଶ୍ନପତ୍ର ପହଞ୍ଚିବା ବିଳମ୍ବ ହେବାରୁ ନିର୍ଦ୍ଧାରିତ ସମୟର ୧୦ ମିନିଟ୍ ପରେ ପରୀକ୍ଷାର୍ଥୀଙ୍କୁ ବଣ୍ଟାଯାଇଥିଲା। ଗୋଟିଏ ହଲ୍‌ରେ କିଛି ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ପ୍ରଶ୍ନପତ୍ରର ସିଲ୍ କଟିଯାଇଥିବା ନେଇ ସେମାନେ ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲିକ୍ ହୋଇଥିବା ଅଭିଯୋଗ ଆଣିଥିଲେ। ପରେ ପରୀକ୍ଷା ହଲ୍‌ରୁ ବାହାରି ହୋହଲ୍ଲା କରି ପଳାଇ ଯିବାକୁ ଚାହିଁଥିଲେ। ହେଲେ କଲେଜ ଫାଟକ ବନ୍ଦ ଥିବାରୁ ବାହାରି ନ ପାରି କିଛି ସମୟ ପାଇଁ ଧାରଣାରେ ବସିଥିଲେ। ଏପରିକି ପରୀକ୍ଷା ସରିବା ପରେ ଦୀର୍ଘ ସମୟ ଧରି ହୋହଲ୍ଲା କରିଥିଲେ। ପ୍ରଶ୍ନପତ୍ରର ସିଲ୍ ପରୀକ୍ଷାର୍ଥୀଙ୍କ ସାମ୍ନାରେ ଖୋଲାଯିବାର ନିୟମ ଥିବାବେଳେ ଉକ୍ତ ☞ପୃଷ୍ଠା-୪

# ୨ ଅସ୍ଥାୟୀ କର୍ମଚାରୀ ବହିଷ୍କୃତ

## ହାତୀକୁ ନିଆଁହୁଳା ମାଡ଼ ଘଟଣା

ବାରିପଦା,୩୦।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ହାତୀପଲ ଘଉଡ଼ାଇବା ପାଇଁ ହାତୀ ପିଠିକୁ ନିଆଁହୁଳାରେ ପିଟିବା ଘଟଣାରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ରେଞ୍ଜ ଡୁମୁରିଆ ଅଞ୍ଚଳରେ ଜୁଲାଇ ୧୫ରେ ଘଟିଥିବା ଉକ୍ତ ଘଟଣାକୁ ନେଇ ଦୁଇ ଅସ୍ଥାୟୀ ବନକର୍ମଚାରୀଙ୍କୁ ବହିଷ୍କୃତ କରାଯାଇଛି। ସେମାନେ ହେଲେ ବାପି ମାଝୀ ଓ ଦୀପକ ମୁଣ୍ଡା। ଉଭୟ ଅସ୍ଥାୟୀ କର୍ମଚାରୀ ଭାବେ ବନ ବିଭାଗରେ କାମ କରୁଥିଲେ। ସୂଚନାଯୋଗ୍ୟ, ☞ପୃଷ୍ଠା-୪

# ମୈତ୍ରୀ କମ୍ପାନୀର ଖଣି ଖନନକୁ ବିରୋଧ

## ୪୦ ଗାଁ ଲୋକଙ୍କ ଥାନା ଘେରାଉ

## ଖନନ ବନ୍ଦ ନ ହେଲେ ଆନ୍ଦୋଳନ ଚେତାବନୀ

ଟିକିରି,୩୦।୭ (ପ୍ରଫୁଲ୍ଲ କୁମାର ବେହେରା)

ଘରୋଇ କମ୍ପାନୀ ମୈତ୍ରୀ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ଉପରେ ଚାପ ପକାଉଥିବା ରାୟଗଡା ଓ କଳାହାଣ୍ଡି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ଅଞ୍ଚଳର ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଲୋକ ରବିବାର କାଶୀପୁର ଆସି ଥାନା ଘେରାଉ କରିଥିଲେ। ଏକ ଘରୋଇ କମ୍ପାନୀ ଓ କେତେକ ମୁଷ୍ଟିମେୟ ବ୍ୟକ୍ତି ସୁଙ୍ଗେର ଓ ଏହାର ଆଖପାଖ ଅଞ୍ଚଳବାସୀଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ଖାତା ଲୋକଙ୍କୁ ଜବରଦସ୍ତି ମାଗୁଥିବା ନେଇ ସୁଙ୍ଗେର ଅଞ୍ଚଳର ୬ ପଞ୍ଚାୟତର ୪୦ ଗ୍ରାମବାସୀ କାଶୀପୁର ଥାନାରେ ରବିବାର ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଥାନା ସମ୍ମୁଖରେ ମୈତ୍ରୀ କମ୍ପାନୀ ଗୋ ବ୍ୟାକ୍ ଏବଂ ବେଦାନ୍ତ କମ୍ପାନୀ ଗୋ ବ୍ୟାକ୍ ଆଦି ନାରା ଦେଇଥିଲେ।

ସୁଙ୍ଗେର ଅଞ୍ଚଳର ୩ଟି ଗ୍ରାମରେ ମୈତ୍ରୀ କମ୍ପାନୀ ଖଣି ଖନନ କାମ ଆରମ୍ଭ କରିଛି। ଏହାକୁ ବିରୋଧ କରି ଗ୍ରାମବାସୀ ଜୁଲାଇ ୨ରେ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ କୌଣସି ☞ପୃଷ୍ଠା-୪

# ସରକାର ବିଫଳ, ପ୍ରଧାନମନ୍ତ୍ରୀ ଉଦାସୀନ

## ମଣିପୁର ସ୍ଥିତି ଗମ୍ଭୀର

## ସମାଧାନ ନ ହେଲେ ଦେଶ ପାଇଁ ସୁରକ୍ଷା ସମସ୍ୟା ଉପୁଜିବ: ଇଣ୍ଡିଆ

ନୂଆଦିଲ୍ଲୀ,୩୦।୭

ପ୍ରାୟ ୩ ମାସ ଧରି ହିଂସା ଲାଗିରହିଥିବା ମଣିପୁରରେ ସ୍ଥିତି ଏବେ ବି ଗମ୍ଭୀର ରହିଛି। ଏହାର ସମାଧାନ କରି ଶାନ୍ତି ଫେରାଇ ଆଣିବାରେ ଉଭୟ ରାଜ୍ୟ ଓ କେନ୍ଦ୍ରର ଭାଜପା ସରକାର ବିଫଳ ହୋଇଛନ୍ତି। ଏତେ ସବୁ ଘଟିଯିବା ପରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତା ତାଙ୍କ ନିର୍ଲଜ ଉଦାସୀନତାକୁ ଦର୍ଶାଉଛି। ଯଥାଶୀଘ୍ର ସମ୍ଭବ ସମାଧାନ କରା ନ ଗଲେ ଏହା ଦେଶ ପାଇଁ ସୁରକ୍ଷାଗତ ଅସୁବିଧା ସୃଷ୍ଟି କରିପାରେ ବୋଲି ରବିବାର ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି।

ବିରୋଧୀ ଦଳଗୁଡ଼ିକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟର ୨୧ ଏମ୍‌ପି ଶନିବାରଠାରୁ ଜାତିଆଣ ଓ ଯୌନ ହିଂସା ପ୍ରଭାବିତ ମଣିପୁର ଗସ୍ତ କରିଥିବାବେଳେ ରବିବାର ଇମ୍ଫାଲସ୍ଥିତ ରାଜଭବନରେ ରାଜ୍ୟପାଳ ଅନସୂୟା ଉଇକେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ରାଜଭବନ ବାହାରେ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟପାଳ ଆମର ସବୁକଥା ଶୁଣି ସେଥିରେ ସହମତି ପ୍ରକାଶ କରିଛନ୍ତି। ରାଜ୍ୟପାଳ ଏହି ହିଂସାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଲୋକଙ୍କ ଦୁର୍ଦ୍ଦଶା ବର୍ଣ୍ଣନା କରିଛନ୍ତି। ଏକ ସର୍ବଦଳୀୟ ପ୍ରତିନିଧି ଦଳ ମଣିପୁର ଗସ୍ତ କରି ଉଭୟ ସମ୍ପ୍ରଦାୟ ମଧ୍ୟରେ ଅନାସ୍ଥାଭାବ ଦୂର କରିବା ପାଇଁ ମେଇତି ଓ କୁକି ଲୋକଙ୍କ ସହ ଆଲୋଚନା କରିବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ଏହି ପ୍ରସ୍ତାବ ଉପରେ ଆମେ ରାଜି ହୋଇଛୁ। ମଣିପୁର ☞ପୃଷ୍ଠା-୪

# ୧୩.୧୩ ଲକ୍ଷ ଝିଅ, ମହିଳା ନିଖୋଜ

## ଓଡ଼ିଶାରୁ ୭୦,୨୨୨ ମହିଳା, ୧୬,୬୪୯ ଝିଅ

ନୂଆଦିଲ୍ଲୀ,୩୦।୭ (ପି.ଟି.)

ଭାରତରେ ୨୦୧୯ରୁ ୨୦୨୧ ତିନି ବର୍ଷ ମଧ୍ୟରେ ୧୩.୧୩ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଓ ଝିଅ ନିଖୋଜ ହୋଇଯାଇଛନ୍ତି। ସେଥିମଧ୍ୟରୁ କେବଳ ମଧ୍ୟପ୍ରଦେଶରେ ପାଖାପାଖି ୨ ଲକ୍ଷ ନିଖୋଜ ହୋଇଥିବାବେଳେ ଏହା ପଛକୁ ପଶ୍ଚିମବଙ୍ଗ ରହିଛି। ଏହି ସମୟ ମଧ୍ୟରେ ଓଡ଼ିଶାରୁ ୭୦ ହଜାର ୨୨୨ ମହିଳା ଏବଂ ୧୬ ହଜାର ୬୪୯ ଝିଅ ନିଖୋଜ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୧୮ ବର୍ଷରୁ ଊର୍ଦ୍ଧ୍ୱ ୧୦,୬୧,୬୪୮ ଜଣ ମହିଳା ଏବଂ ୧୮ ବର୍ଷରୁ କମ୍ ୨,୫୧,୪୩୦ ଝିଅ ସାରା ଦେଶରୁ ନିଖୋଜ ହୋଇଯାଇଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଛି।



୨୦୧୯ରୁ ୨୦୨୧ ମଧ୍ୟରେ ମଧ୍ୟପ୍ରଦେଶରୁ ୧,୬୦,୧୮୦ ମହିଳା ଏବଂ ୩୮,୨୩୪ ଝିଅ ନିଖୋଜ ହୋଇଥିବାବେଳେ ପଶ୍ଚିମବଙ୍ଗରୁ ୧,୫୬,୯୦୫ ମହିଳା ଏବଂ ୩୬,୬୦୬ ଝିଅଙ୍କ ଖୋଜଖବର ମିଳୁନାହିଁ। ସେହିପରି ମହାରାଷ୍ଟ୍ରରୁ ୧,୭୮,୪୦୦ ମହିଳା ଏବଂ ୧୩,୦୩୩ ଝିଅ ଲାପତ୍ତା ହୋଇଥିବାବେଳେ ଛତିଶଗଡ଼ରୁ ୪୯,୧୧୬ ମହିଳା ଏବଂ ୧୦,୮୧୭ ଝିଅ ନିଖୋଜ ଅଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଦିଲ୍ଲୀରେ ସର୍ବାଧିକ ୬୧,୦୫୪ ମହିଳା ଏବଂ ୨୨,୯୧୯ ଝିଅ ଗତ ୩ ବର୍ଷରେ ନିଖୋଜ ହୋଇଛନ୍ତି। ସେହିପରି ଜମ୍ମୁ-କଶ୍ମୀରରେ ୮,୬୧୭ ମହିଳା ଏବଂ ୧,୧୪୮ ଝିଅଙ୍କ ପତ୍ତା ମିଳୁନାହିଁ। ମହିଳାମାନଙ୍କ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ନେଇଥିବା ପାର୍ଲାମେଣ୍ଟକୁ ଜଣାଇଛନ୍ତି। ଯୌନ ଅପରାଧରୁ ମହିଳାଙ୍କ ସୁରକ୍ଷା ପାଇଁ ଫୌଜଦାରି ଆଇନ ☞ପୃଷ୍ଠା-୪

# ଟ୍ରମ୍ପଙ୍କ ଚ୍ୟାଲେଞ୍ଜର ହେବେ ୩ ଭାରତୀୟ ବଂଶୋଦ୍ଭବ

## ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼

ୱାଶିଂଟନ,୩୦।୭

୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ରିପବ୍ଲିକାନ୍ ପ୍ରାର୍ଥୀ ଦୌଡ଼ରେ ଆଉ ଜଣେ ଭାରତୀୟ ବଂଶୋଦ୍ଭବ ସାମିଲ ହୋଇଛନ୍ତି। ଭାରତୀୟ-ଆମେରିକୀୟ ଇଞ୍ଜିନିୟର ହିର୍ଷ ବର୍ଦ୍ଧନ ସିଂ ହ୍ୱାଇଟ୍ ହାଉସ୍ ପାଇଁ ପ୍ରାର୍ଥିତ୍ୱ ଦୌଡ଼ରେ ସାମିଲ ହେବା ପରେ ଆଗାମୀ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଚ୍ୟାଲେଞ୍ଜର ହେବାକୁ ଯାଉଛନ୍ତି ୩ ଭାରତୀୟ ବଂଶୋଦ୍ଭବ। ପୂର୍ବରୁ ନିକ୍କି ହାଲି ଏବଂ ବିବେକ ରାମସ୍ୱାମୀ ରିପବ୍ଲିକାନ୍ ପ୍ରାର୍ଥିତ୍ୱ ଦୌଡ଼ରେ ନିଜକୁ ସାମିଲ କରିଥିଲେ। ୩୮ ବର୍ଷୀୟ ହିର୍ଷ ବର୍ଦ୍ଧନ ଏକ ଭିଡିଓ ବାର୍ତ୍ତା ଟୁଇଟ୍ କରି ନିଜକୁ ଜୀବନବ୍ୟାପୀ ରିପବ୍ଲିକାନ୍ ଏବଂ 'ଆମରେିକା ଫାଷ୍ଟ' ☞ପୃଷ୍ଠା-୪

## ସଂକ୍ଷେପରେ

### ସିଙ୍ଗାପୁରର ୭ ଉପଗ୍ରହକୁ କକ୍ଷପଥରେ ଅବସ୍ଥାପିତ କଲା ଇସ୍ରୋ



**ଶ୍ରୀହରିକୋଟା,୩୦।୭:** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏହାର ପିଏସ୍ଏଲ୍ଭି ରକେଟ ସହାୟତାରେ ରବିବାର ସିଙ୍ଗାପୁରର ୭ଟି ଉପଗ୍ରହକୁ ନିର୍ଦ୍ଧାରିତ କକ୍ଷପଥରେ ସଫଳତାର ସହ ଅବସ୍ଥାପିତ କରିଛି। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସକାଳ ୬ଟା ୩୧ ମିନିଟ୍‌ରେ ପିଏସ୍ଏଲ୍ଭିକୁ ଉତ୍କ୍ଷେପଣ କରାଯାଇଥିଲା। ଏହାର ପ୍ରାୟ ୨୩ ମିନିଟ୍ ପରେ ପ୍ରଥମେ ମୁଖ୍ୟ ସାଟେଲାଇଟ୍ ଡିଏସ୍-ଏସ୍ଏଆର୍ ରକେଟ୍‌ରୁ ଅଲଗା ହୋଇଥିଲା। ପରେ ପରେ ଅନ୍ୟ ୬ଟି ସାଟେଲାଇଟ୍ ଅଲଗା ହୋଇ ସେମାନଙ୍କ କକ୍ଷପଥରେ ଅବସ୍ଥାପିତ ହୋଇଥିଲେ। ଏହି ମିଶନ ସମୟରେ ବୈଜ୍ଞାନିକମାନେ ରକେଟ୍‌ର ଚତୁର୍ଥ ଷ୍ଟେଜ୍ ଉପରେ ଏକ୍ସପେରିମେଣ୍ଟ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଦେଶୀ ସାଟେଲାଇଟ୍‌ଗୁଡ଼ିକୁ ୫୩୬ କିଲୋମିଟର ଉଚ୍ଚ କକ୍ଷପଥରେ ଅବସ୍ଥାପିତ କରିବା ପରେ ରକେଟ୍‌ଟି ମହାକାଶ ବର୍ଜ୍ୟ ସମସ୍ୟାର ସମାଧାନ ପାଇଁ ୩୦୦ କିଲୋମିଟର ନିମ୍ନ କକ୍ଷପଥକୁ ଖସିବ ବୋଲି ଇସ୍ରୋ ଅଧ୍ୟକ୍ଷ ଏସ୍ ସୋମନାଥ କହିଛନ୍ତି।

### ଛୁଟିରେ ଥିବା ସେନା ଯବାନ ନିଖୋଜ

**ଆତଙ୍କବାଦୀଙ୍କ ଦ୍ୱାରା ଅପହରଣ ସନ୍ଦେହ**



ଜାଭେଦ୍ ଅହମଦ ୱାନି

**ଶ୍ରୀନଗର,୩୦।୭:** ଦକ୍ଷିଣ କଶ୍ମୀରର କୁଲ୍‌ଗାମ ଜିଲାର ଅସ୍ଥାଲ ଅଞ୍ଚଳରୁ ଜଣେ ସେନା ଯବାନ ଶନିବାର ସନ୍ଧ୍ୟାରେ ନିଖୋଜ ହୋଇଯାଇଛନ୍ତି। ଯବାନଙ୍କ ନାଁ ଜାଭେଦ୍‌ଅହମଦ ୱାନି ଓ ଘର ଅସ୍ଥାଲରେ। ସେ ଲଦାଖରେ ଲେହରେ ଜମ୍ମୁ-କଶ୍ମୀର ଲାଇଟ୍ ଇନ୍‌ଫ୍ୟାଣ୍ଟ୍ରି ରେଜିମେଣ୍ଟରେ ଜଣେ ରାଇଫଲ ମ୍ୟାନ୍ ଭାବେ ଅବସ୍ଥାପିତ ହୋଇଥିବାବେଳେ ଇଦ୍‌ଠାରୁ ଛୁଟିରେ ଘରକୁ ଆସିଥିଲେ। ସୋମବାର ସେ ଡ୍ୟୁଟିକୁ ଫେରିଥାନ୍ତେ। ସେ ଗତ ସନ୍ଧ୍ୟାରେ ତାଙ୍କ କାର୍‌ରେ କିଛି ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଚାୱଲଗାମ୍ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ କାର୍‌କୁ ବଜାର ନିକଟରେ ପାଇଥିଲେ। କାର୍‌ରେ ରକ୍ତ ଛିଟା ଲାଗିଥିବା କୁହାଯାଉଛି। ତାଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇଥିବା ପରିବାର ପକ୍ଷରୁ ସନ୍ଦେହ କରାଯାଇଛି। ପୁଅଙ୍କୁ ଫେରାଇ ଆଣିବା ପାଇଁ ତାଙ୍କ ମାଆ ଏକ ଭିଡିଓ ବାର୍ତ୍ତାରେ ନିବେଦନ କରିଛନ୍ତି। ଯଦି ତାଙ୍କ ପୁଅ କିଛି ଭୁଲ କରିଥାଏ, ତେବେ କ୍ଷମା କରିଦେବାକୁ ମାଆ କହିଛନ୍ତି। ଯବାନଙ୍କୁ ଖୋଜି ବାହାର କରିବା ଲାଗି ବ୍ୟାପକ ତଲାସି ଅଭିଯାନ ଚାଲିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।





ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରେ ପିଏସ୍ଏଲ୍ଭି-ସି୫୬ର ଉତ୍କ୍ଷେପଣକୁ ଛାତ୍ରୀଛାତ୍ର ଦେଖୁଛନ୍ତି।

## ପାକିସ୍ତାନରେ ବିସ୍ଫୋରଣ: ୩୯ ମୃତ


**ପେଶାୱର,୩୦।୭**

ଆଫଗାନିସ୍ତାନ ସୀମାକୁ ଲାଗିଥିବା ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶ ଅନ୍ତର୍ଗତ ଏକ ଆଦିବାସୀ ଜିଲାରେ ରବିବାର ଅପରାହ୍ଣରେ ଆତ୍ମଘାତୀ ବିସ୍ଫୋରଣ ଘଟି ୩୯ ଜଣଙ୍କ ମୃତ୍ୟୁ ହେବା ସହ ୧୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ବଜାଉର ଆଦିବାସୀ ଜିଲାର ସଦର ମହକୁମା ଖାର୍‌ଠାରେ ରାଜନୈତିକ ଦଳ ଜାମିଆତ୍ ଉଲେମା-ଇ-ଇସ୍‌ଲାମ-ଫଜଲ (ଜେୟୁଆଇ-ଏଫ୍)ର ସମ୍ମିଳନୀ ଚାଲିଥିବାବେଳେ ବିସ୍ଫୋରଣ ଘଟିଥିଲା। ସମ୍ମିଳନୀରେ ୪୦୦ରୁ ଅଧିକ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଦଳର କେନ୍ଦ୍ରୀୟ ନେତୃତ୍ୱ ପହଞ୍ଚିବାକୁ ଅପେକ୍ଷା କରାଯାଇଥିବାବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ଆତଙ୍କ ଖେଳିଯିବା ସହ ଲୋକେ ଧାଁଦଉଡ଼ କରିଥିଲେ। ଆତ୍ମଘାତୀ ବୋମାଧାରୀ ମଞ୍ଚର ଅତି ନିକଟରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ ବୋଲି ଖାଇବର ପଖତୁନ୍‌ଖ୍ୱାର ସ୍ୱାସ୍ଥ୍ୟମନ୍ତ୍ରୀ ରିଆଜ ଅନୱର କହିଛନ୍ତି। ବିସ୍ଫୋରଣ ସ୍ଥଳରେ ମୃତଦେହଗୁଡ଼ିକ ଛିଟିକି ପଡ଼ିଥିଲାବେଳେ ସ୍ୱେଚ୍ଛାସେବୀମାନେ ଆହତମାନଙ୍କୁ ଆମ୍ବୁଲାନ୍ସରେ ଭର୍ତ୍ତି କରୁଥିବା ଦେଖାଯାଇଛି। ପାକିସ୍ତାନରେ ଅକ୍ଟୋବର କିମ୍ବା ନଭେମ୍ବରରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ରାଜନୈତିକ ଦଳଗୁଡ଼ିକ ପ୍ରଚାର ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆତ୍ମଘାତୀ ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଆଇଏସ୍ ଆତଙ୍କବାଦୀ ସଂଗଠନର ସ୍ଥାନୀୟ ଗୋଷ୍ଠୀ ସେଠାରେ ସକ୍ରିୟ ଥିବା କୁହାଯାଇଛି। ଦଳ ସହ ସମ୍ପୃକ୍ତ ଧର୍ମୀୟ ବିଦ୍ୱାନମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯିବ ବୋଲି ଗତବର୍ଷ ଆଇଏସ୍ କହିଥିଲା। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏବଂ ରାଜ୍ୟର କାମଚଲା ମୁଖ୍ୟମନ୍ତ୍ରୀ ଆଜମ ଖାନ୍ ଘଟଣାର ତଦନ୍ତ କରନ୍ତୁ ବୋଲି ଜେୟୁଆଇ-ଏଫ୍ ମୁଖ୍ୟ ମୌଲାନା ଫଜଲୁର ରେହମାନ ଦାବି କରିଛନ୍ତି।

# ମୋଦିଙ୍କୁ ବାଛିଛନ୍ତି ପାୱାର

**ଅତୀତରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂଙ୍କୁ ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର ଦିଆଯାଇଥିଲା। ଜନସେବା ସମେତ ଦେଶର ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ଚଳିତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେବା ପାଇଁ ତାଙ୍କ ନାମ ଏନ୍‌ସିପି ମୁଖ୍ୟ ଶରଦ ପାୱାର ସୁପାରିସ କରିଥିଲେ। ଅଗଷ୍ଟ ୧ରେ ପୁଣେରେ ମୋଦିଙ୍କୁ ଏହି ସମ୍ମାନ ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ପାୱାର ମୁଖ୍ୟ ଅତିଥି ରୂପେ ଯୋଗଦେବାକୁ ଥିବାରୁ ବିରୋଧୀ ମେଣ୍ଟ ଇଣ୍ଡିଆ ପାଇଁ ଅଡୁଆ ସୃଷ୍ଟି ହୋଇଛି। ପୁତୁରା ଅଜିତ ପାୱାରଙ୍କ ବିଦ୍ରୋହ ପଛରେ ସିନିୟର ପାୱାରଙ୍କ ନୀରବ ସମର୍ଥନ ଥିବା ଉଦ୍ଧବ ଗୋଷ୍ଠୀର ଶିବସେନା ସନ୍ଦେହ କଲାଣି।**

**ମୁମ୍ବାଇ/ନୂଆଦିଲ୍ଲୀ,୩୦।୭**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ସିପି ପ୍ରତିଷ୍ଠାତା ଶରଦ ପାୱାର। (ଫାଇଲ୍ ଫଟୋ)

- ■ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର ପାଇବେ ପ୍ରଧାନମନ୍ତ୍ରୀ
- ■ଗୋଟିଏ ମଞ୍ଚରେ ରହିବେ ଦୁଇନେତା, ଇଣ୍ଡିଆର ବିରୋଧ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୧ରେ ପୁଣେ ଯିବେ। ସେଠାରେ ତାଙ୍କୁ ଲୋକମାନ୍ୟ ତିଳକ ନ୍ୟାଶନାଲ ଆୱାର୍ଡ-୨୦୨୩ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଅଦ୍ୱିତୀୟ ନେତୃତ୍ୱ ନେଇ ନାଗରିକଙ୍କ ମଧ୍ୟରେ ଦେଶଭକ୍ତି ଭାବନା ଜାଗ୍ରତ କରିଥିବାରୁ ସ୍ୱାଧୀନତା ସଂଗ୍ରାମୀ ବାଲ୍ ଗଙ୍ଗାଧର ତିଳକଙ୍କ ୧୦୩ତମ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ତିଳକ ସ୍ମାରକ ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ସବୁଠୁ ବଡ଼ କଥା ହେଲା, ଏସ୍‌ପି କଲେଜ ପଡ଼ିଆରେ ହେବାକୁ ଥିବା ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରତିଷ୍ଠାତା ଶରଦ ପାୱାର ଯୋଗଦେବେ। ପାୱାର ମୋଦିଙ୍କୁ ଏହି ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବେ। ଏନ୍‌ସିପିରେ ଫାଟ ସୃଷ୍ଟି ହୋଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟର ଅନେକ ନେତାଙ୍କ ମତରେ ପାୱାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହେବା ଅନୁଚିତ। ବିଶେଷକରି କେନ୍ଦ୍ର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିବାବେଳେ ସରକାର ଦିଲ୍ଲୀ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ସଂକ୍ରାନ୍ତ ଅଧ୍ୟାଦେଶ ଆଣିଛନ୍ତି। କେନ୍ଦ୍ର ସରକାର ଉକ୍ତ ଅଧ୍ୟାଦେଶ ସମ୍ପର୍କିତ ବିଲ୍‌କୁ ଖୁବ୍‌ଶୀଘ୍ର ଗୃହୀତ ପାଇଁ ଉଦ୍ୟମ କରିବେ। ତେଣୁ ଶିବସେନା ୟୁବିଟି, ଏଏପି, ସିପିଆଇଏମ୍ ଏବଂ ପାୱାରଙ୍କ ନିଜ ଗୋଷ୍ଠୀ ତାଙ୍କୁ ଭେଟି ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କରିଛନ୍ତି। କାରଣ ପ୍ରଧାନମନ୍ତ୍ରୀ ଓ ପାୱାର ଗୋଟିଏ ମଞ୍ଚରେ ଏକାଠି ହେଲେ ପୁତୁରା ଅଜିତ ପାୱାରଙ୍କ ବିଦ୍ରୋହ ପରେ ସେ ତାଙ୍କ ସହ ସାଲିସ କରିଛନ୍ତି ବୋଲି ଭୁଲ୍ ସନ୍ଦେଶ ଯିବ। ଏନେଇ ଶିବସେନା ୟୁବିଟି ମୁଖପାତ୍ର ସଞ୍ଜୟ ରାଉତ୍ କହିଛନ୍ତି, ଯେତେବେଳେ ପ୍ରଧାନମନ୍ତ୍ରୀ ୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ୍ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବିରୋଧରେ ବିଷ ଓକାଳୁଛନ୍ତି, ସେତେବେଳେ ପାୱାର ସାହେବ ତାଙ୍କୁ ସମ୍ମାନିତ କରିବା ଶୋଭନୀୟ ନୁହେଁ। ଏପରି କରିବା ଦ୍ୱାରା ପାୱାରଙ୍କ ଛବି ଓ ସମ୍ମାନ ଖରାପ ହେବ। ଏହି କାର୍ଯ୍ୟକ୍ରମ ବେଳେ ୨୬ ବିରୋଧୀ ଦଳ କଳାପତାକା ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ପାୱାର ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। କାରଣ ଲୋକମାନ୍ୟ ତିଳକ ପୁରସ୍କାର ମୋଦିଙ୍କୁ ଦେବା ପାଇଁ ପାୱାର ହିଁ ତାଙ୍କ ନାମ ସୁପାରିସ କରିଥିବା କୁହାଯାଉଛି। ଏହି ପୃଷ୍ଠଭୂମିରେ ଆଉ ଗୋଟିଏ କଥାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତାହା ହେଲା ଶରଦ ପାୱାର ଓ ଦଳରେ ବିଦ୍ରୋହ କରି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ହୋଇଥିବା ପୁତୁରା ଅଜିତଙ୍କ ଭିତରେ ଏକପ୍ରକାର ସାଲିସ ହୋଇଯାଇଥିବା କୁହାଯାଉଛି। କାରଣ ସିନିୟର ପାୱାର ଅଜିତଙ୍କୁ ଖୋଲାଖୋଲି ସମାଲୋଚନା କରୁନାହାନ୍ତି। ଏପରି କି ଇତିମଧ୍ୟରେ ଅଜିତ ଗୋଷ୍ଠୀ ଓ ପାୱାର ଗୋଷ୍ଠୀ ଏକାଧିକ ଥର ପରସ୍ପର ସହ ମିଳାମିଶା କଲେଣି। ୮୨ ବର୍ଷୀୟ ପାୱାର ବୟସାଧିକ କାରଣରୁ ପୁତୁରାଙ୍କୁ ବିରୋଧ କରି ଲମ୍ବା ଲଢ଼େଇ ପାଇଁ ପ୍ରସ୍ତୁତ ନୁହନ୍ତି ବୋଲି କୁହାଯାଉଛି। ରାଜନୈତିକ ବିଶ୍ଳେଷକଙ୍କ ମତରେ ଶରଦ ପାୱାର ଏନ୍‌ସିପିରେ ଅଜିତଙ୍କ ପ୍ରଭାବକୁ ଗ୍ରହଣ କରିସାରିଲେଣି। ଦୁଇଗୋଷ୍ଠୀ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ ପାୱାରଙ୍କ ଝିଅ ତଥା ଲୋକ ସଭା ଏମ୍‌ପି ସୁପ୍ରିୟା ସୁଲେ ଜାତୀୟ ସ୍ତରରେ ସକ୍ରିୟ ରହିବେ ଏବଂ ତାଙ୍କ ଗୋଷ୍ଠୀର ମହାରାଷ୍ଟ୍ର ମୁଖ୍ୟ ଜୟନ୍ତ ପାଟିଲଙ୍କୁ ମହାରାଷ୍ଟ୍ର କ୍ୟାବିନେଟରେ ସ୍ଥାନ ମିଳିବ। ଏପରି ହେଲେ କେନ୍ଦ୍ରର ମୋଦି କ୍ୟାବିନେଟରେ ଅଜିତ ଗୋଷ୍ଠୀର ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲଙ୍କ ସମେତ ସୁପ୍ରିୟାଙ୍କୁ ମଧ୍ୟ ସୁଯୋଗ ମିଳିପାରେ ବୋଲି କୁହାଯାଉଛି।

## ଆଗକୁ ଆଉ ଏକ ରାଜନୈତିକ ଝଡ଼

ମେ' ୨୦ରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ମଣିପୁର ହିଂସାକୁ ନେଇ ସଂସଦରେ ଅଚଳାବସ୍ଥା ଲାଗିରହିଛି। ସପ୍ତାହାନ୍ତ ଛୁଟି ପରେ ସୋମବାର ପୁଣି ଚାଲିବାକୁ ଥିବା ସଂସଦରେ ଆଉ ଏକ ବଡ଼ ଝଡ଼ ଉଠିବାକୁ ଯାଉଛି ଦିଲ୍ଲୀ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ପାଇଁ କେନ୍ଦ୍ରର ଅଧ୍ୟାଦେଶକୁ ନେଇ। ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ (ସଂଶୋଧନ) ଅଧ୍ୟାଦେଶ ଉପରେ ଶାସକ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ୨୬ ବିରୋଧୀ ଦଳକୁ ନେଇ ଗଠିତ ଭାରତୀୟ ଜାତୀୟ ବିକାଶମୂଳକ ସମାବେଶୀ ମେଣ୍ଟ (ଇଣ୍ଡିଆ) ମଧ୍ୟରେ ସଂସଦରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିବ। ଇଣ୍ଡିଆରେ ସାମିଲ ଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହି ଅଧ୍ୟାଦେଶକୁ ରାଜ୍ୟ ସଭାରେ ପାରିତ କରାଇ ନ ଦେବା ପାଇଁ ବିରୋଧୀ ଦଳଗୁଡ଼ିକର ସମର୍ଥନ ପାଇଛନ୍ତି।

ଦିଲ୍ଲୀର ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ଉପରେ ଜାତୀୟ ରାଜଧାନୀର ନିର୍ବାଚିତ ସରକାରଙ୍କ ନିୟନ୍ତ୍ରଣ ରହିବ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ମେ' ୯ରେ ଏହାକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଆଣିଛନ୍ତି। ଉକ୍ତ ଅଧ୍ୟାଦେଶକୁ ରାଜ୍ୟ ସଭାରେ ବିଧେୟକ ରୂପେ ଉପସ୍ଥାପନ କରି ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ। ଇଣ୍ଡିଆ ଏମ୍‌ପିମାନେ ବିଲ୍ ବିରୋଧରେ ଭୋଟ ଦେବେ। ଏଭଳି ସମୟରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସମେତ ସମସ୍ତ ବିରୋଧୀ ଦଳର ସଦସ୍ୟମାନଙ୍କ ଉପସ୍ଥିତି ଆବଶ୍ୟକ। କିନ୍ତୁ କେଜ୍‌ରିୱାଲଙ୍କ ସମେତ ବିରୋଧୀ ନେତାମାନଙ୍କୁ ନିରାଶ କରିବା ଭଳି ଏକ ଖବର ଆସିଛି। ତାହା ହେଉଛି, ଏନ୍‌ସିପି ମୁଖ୍ୟ ଶରଦ ପାୱାର ଉକ୍ତ ବିଧେୟକ ଉପରେ ଭୋଟିଂ ବେଳେ ରାଜ୍ୟ ସଭାରେ ରହି ନ ପାରନ୍ତି। ରାଜ୍ୟ ସଭାରେ ପାୱାରଙ୍କ ଗୋଷ୍ଠୀରେ ଫୌଜିଆ ଖାନ୍ ଏବଂ ବନ୍ଦନା ଚଭନ ରହିଛନ୍ତି। ଅନ୍ୟପକ୍ଷେ ସିନିୟର ପାୱାରଙ୍କ ପୁତୁରା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀରେ ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲ ରହିଛନ୍ତି। ଏନ୍‌ସିପି ଉଭୟ ଗୋଷ୍ଠୀ ଏକାଠି ହେଲେ ବିରୋଧୀ ଏକତା ଦୁର୍ବଳ ହେବ। ଜାତୀୟ ରାଜନୀତିରେ ଆଉ ଏକ ବଡ଼ ଝଡ଼ ସୃଷ୍ଟି ହେବ।

## ଉମେଶ ପାଲ୍ ହତ୍ୟା ମାମଲାରେ ଆତିକ୍ ଅହମଦଙ୍କ ଓକିଲ ଗିରଫ

**ପ୍ରୟାଗରାଜ,୩୦।୭**

ଉମେଶ ପାଲ୍ ହତ୍ୟା ମାମଲାରେ ପୋଲିସ ଗ୍ୟାଙ୍ଗଷ୍ଟର ତଥା ରାଜନେତା ଆତିକ୍ ଅହମଦଙ୍କ ଓକିଲ ବିଜୟ ମିଶ୍ରାଙ୍କୁ ରବିବାର ଗିରଫ କରିଛି। ତାଙ୍କ ବିରୋଧରେ ଏକାଧିକ ମାମଲା ବିଚାରାଧୀନ ରହିଛି। ଲକ୍ଷ୍ନୌର ଏକ ହୋଟେଲ ବାହାରୁ ମିଶ୍ରାଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପୋଲିସ କହିଛି। ୨୦୦୫ରେ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାରେ ଉମେଶ ପାଲ୍ ମୁଖ୍ୟ ସାକ୍ଷୀ ଥିଲେ। ତାଙ୍କୁ ଓ ତାଙ୍କର ଦୁଇଜଣ ସୁରକ୍ଷା କର୍ମୀଙ୍କୁ ଗତ ଫେବୃୟାରୀ ୨୪ରେ ହତ୍ୟା କରାଯାଇଥିଲା। ଉକ୍ତ ମାମଲାରେ ଅହମଦ ଏବଂ ଅଶ୍ରଫ ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ଗତ ଏପ୍ରିଲରେ ସେମାନଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା।

## ବିମାନରେ ମାଆ, ଝିଅଙ୍କୁ ମଦ୍ୟପ ଯାତ୍ରୀଙ୍କ ଯୌନ ନିର୍ଯାତନା

**ନ୍ୟୁୟର୍କ,୩୦।୭**

ଡେଲ୍ଟା ଏୟାରଲାଇନ୍ସର ଏକ ବିମାନରେ ଜଣେ ମଦ୍ୟପ ଯାତ୍ରୀ ଜଣେ ମହିଳା ଓ ତାଙ୍କ ନାବାଳିକା ଝିଅଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଏୟାରଲାଇନ୍ସ ବିରୋଧରେ ୨ ନିୟୁତ ଡଲାରର ମୋକଦ୍ଦମା ରୁଜୁ ହୋଇଛି। ଏୟାରଲାଇନର ଅବହେଳା ପାଇଁ ଏଭଳି ଘଟଣା ଘଟିଲା। ପୀଡ଼ିତା ମାଆଝିଅଙ୍କୁ କ୍ଷତିପୂରଣ ଦେବା ଲାଗି ଦାବି କରାଯାଇଛି। ନ୍ୟୁୟର୍କରୁ ଗ୍ରୀସ୍‌ର ଏଥେନ୍ସ ସହରକୁ ଯାଉଥିବା ବିମାନରେ ଯାତ୍ରୀ ଜଣକ ନିଶାଗ୍ରସ୍ତ ଥିବା ଜାଣି ମଧ୍ୟ ତାଙ୍କୁ କ୍ରମାଗତ ମଦ ଯୋଗାଇଦିଆଯାଇଥିଲା। ୯ ଘଣ୍ଟାର ବିମାନ ଯାତ୍ରାରେ ବ୍ୟକ୍ତି ଜଣକ ବାରମ୍ବାର ମହିଳା ଯାତ୍ରୀଙ୍କୁ ଅସଂଗତ ସ୍ପର୍ଶ କରିଥିଲେ ବୋଲି ଅଭିଯୋଗ ହୋଇଛି।

## ଆରମ୍ଭ ହେବ 'ମେରି ମାଟି ମେରା ଦେଶ' ଅଭିଯାନ

**ନୂଆଦିଲ୍ଲୀ,୩୦।୭**

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**



ଦେଶର ଶହୀଦ ବୀରମାନଙ୍କୁ ସମ୍ମାନିତ କରିବା ପାଇଁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସାରା ଦେଶରେ 'ମେରି ମାଟି ମେରା ଦେଶ' ଅଭିଯାନ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି। ଏହି ଅଭିଯାନ ଅବସରରେ ପଞ୍ଚାୟତଗୁଡ଼ିକରେ ଶହୀଦମାନଙ୍କ ସ୍ମୃତିରେ ସ୍ୱତନ୍ତ୍ର ଶିଳାଲେଖ ସ୍ଥାପନ କରାଯିବ। ଏହି ଅଭିଯାନରେ ଅମୃତ କଳସ ଯାତ୍ରା ଆୟୋଜନ କରାଯିବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ମାଟି ଓ ଚାରା ଗଛ ୭,୫୦୦ କଳସିରେ ଜାତୀୟ ରାଜଧାନୀକୁ ଅଣାଯିବ। ଉକ୍ତ କଳସିଗୁଡ଼ିକର ମାଟି ଓ ଚାରାରେ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଏକ ଅମୃତ ବାଟିକା ନିର୍ମାଣ ହେବ, ଯାହା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ମହାନ ପ୍ରତୀକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମେରି ମାଟି ମେରା ଦେଶ ଅଭିଯାନରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ସାହସୀ ପୁରୁଷ ଓ ମହିଳାମାନଙ୍କ ସ୍ମୃତି ଚାରଣ କରାଯିବ। ଗତବର୍ଷ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରଧାନମନ୍ତ୍ରୀ 'ହର ଘର ତ୍ରିରଙ୍ଗା' ଅଭିଯାନର ଡାକରା ଦେଇଥିଲେ, ଯେଉଁଥିରେ ସାରା ଦେଶ ସାମିଲ ହୋଇଥିଲା।

ସାମୂହିକ ସାଂସ୍କୃତିକ ସଚେତନତା ଯୋଗୁ ଦେଶର ବିଭିନ୍ନ ପବିତ୍ର ସ୍ଥାନରେ ତୀର୍ଥଯାତ୍ରୀ ସଂଖ୍ୟା ବୃଦ୍ଧି ପାଇଛି। ପ୍ରତିବର୍ଷ କାଶୀରେ ୧୦ କୋଟି ଭକ୍ତ ଆସୁଥିବାବେଳେ ଅଯୋଧ୍ୟା, ମଥୁରା, ଉଜ୍ଜୟିନୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦ୍ରୁତି ବୃଦ୍ଧି ପାଇଛି। ଏଥିରେ ଲକ୍ଷ ଲକ୍ଷ ଗରିବ ଲୋକେ ରୋଜଗାର ସୁଯୋଗ ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନିକଟରେ ଆମେରିକା ଭାରତକୁ ବହୁ ପ୍ରାଚୀନ କଳାକୃତି ଫେରାଇଛି। ସେଗୁଡ଼ିକ ୨୫୦ରୁ ୨,୫୦୦ ବର୍ଷର ପୁରୁଣା ଏବଂ ବିଭିନ୍ନ ଧର୍ମ ସହ ଜଡ଼ିତ ବୋଲି ମୋଦି କହିଥିଲେ। ମୌସୁମୀ ବର୍ଷା ଜନିତ ବନ୍ୟା ଓ ଭୂସ୍ଖଳନରେ ବିଭିନ୍ନ ରାଜ୍ୟରୁ ବହୁ ଲୋକ ପ୍ରଭାବିତ ହୋଇଥିବାବେଳେ ଅନ୍ୟମାନେ ମିଳିତ ସହାୟତାର ହାତ ବଢ଼ାଇଛନ୍ତି। ବିଭିନ୍ନ ସ୍ଥାନରେ ଜଳସଂରକ୍ଷଣ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରୋତ୍ସାହିତ କରିଛନ୍ତି।

## ଏବେ ଭୋଟ ହେଲେ ଏନ୍‌ଡିଏକୁ ୩୧୮ ଆସନ ମିଳିବ

**ନୂଆଦିଲ୍ଲୀ,୩୦।୭**


- ■ବିରୋଧୀ ମେଣ୍ଟ ପାଇବ ୧୭୫ ଆସନ
- ■ଓଡ଼ିଶାରେ ବିଜେଡିକୁ ୧୩, ଭାଜପାକୁ ୮ ଆସନ ମିଳିବ
- ■ଇଣ୍ଡିଆ ଟିଭି-ସିଏନ୍ଏକ୍ସ ଜନମତ ସର୍ଭେ ଆକଳନ

ଏବେ ଯଦି ଲୋକ ସଭା ନିର୍ବାଚନ ହୁଏ, ତେବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ୩୧୮ ଆସନ ସହ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିବ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ 'ଇଣ୍ଡିଆ' ୧୭୫ ଆସନ ପାଇବ ବୋଲି ଇଣ୍ଡିଆ ଟିଭି-ସିଏନ୍ଏକ୍ସ ଜନମତ ସର୍ଭେରେ ଆକଳନ କରାଯାଇଛି। ଏହା ବ୍ୟତୀତ ଅନ୍ୟାନ୍ୟ ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୫୦ ଆସନ ପାଇପାରନ୍ତି। ଅନ୍ୟପକ୍ଷରେ ନିମ୍ନ ସଦନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପାର ଆସନ ସଂଖ୍ୟା ୩୦୩ରୁ ୨୯୦କୁ ହ୍ରାସ ପାଇବାକୁ ଥିବାବେଳେ କଂଗ୍ରେସ ଆସନ ସଂଖ୍ୟା ୫୨ରୁ ୬୬କୁ ବୃଦ୍ଧି ପାଇବ ବୋଲି ଜନମତ ସର୍ଭେରେ ପୂର୍ବାନୁମାନ କରାଯାଇଛି।

ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳର ଲୋକ ସଭା ଆସନ ସଂଖ୍ୟା ୧୨ରୁ ୧୩କୁ ବଢ଼ିବାକୁ ଥିବାବେଳେ ଭାଜପାକୁ ୮ ଆସନ ମିଳିବ। ରାଜ୍ୟରେ ଅନ୍ୟ କୌଣସି ଦଳ ଖାତା ଖୋଲିପାରିବେ ନାହିଁ ବୋଲି ଜନମତ ସର୍ଭେରେ କୁହାଯାଇଛି। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଲୋକ ସଭାରେ ୨୨ ଆସନ ଥିବାବେଳେ ଏହା ୨୯ ଆସନକୁ ବୃଦ୍ଧି ପାଇବ। ଟିଏମ୍‌ସି ଲୋକ ସଭାରେ ତୃତୀୟ ବୃହତ୍ ଦଳ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଗତ ଥର ୨୨ ଆସନ ପାଇଥିବା ଆନ୍ଧ୍ରପ୍ରଦେଶର ୱାଇଏସ୍ଆର୍ କଂଗ୍ରେସ ପାର୍ଟି ଏଥର ୧୮ ଆସନକୁ ଖସି ଚତୁର୍ଥ ବୃହତ୍ ଦଳ ହେବ। ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟି)ର ଆସନ ସଂଖ୍ୟା ୬ରୁ ୧୧କୁ ବୃଦ୍ଧି ପାଇବାକୁ ଥିବାବେଳେ ଆମ୍ ଆଦ୍‌ମୀ ପାର୍ଟିର ଲୋକ ସଭାରେ ଏବେ ଗୋଟିଏ ଆସନ ଥିବାବେଳେ ଏହା ୧୦କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନାର ଆସନ ସଂଖ୍ୟା ୧୨ରୁ ୨କୁ ହ୍ରାସ ପାଇପାରେ।

ଏବେ ନିର୍ବାଚନ ହେଲେ ଉତ୍ତରପ୍ରଦେଶର ୮୦ ଆସନରୁ ଏନ୍‌ଡିଏକୁ ୭୩ ଆସନ ମିଳିପାରେ। ରାଜ୍ୟର ଅବଶିଷ୍ଟ ୭ ଆସନ ଇଣ୍ଡିଆ ମେଣ୍ଟକୁ ଯିବ ବୋଲି ଆକଳନ କରାଯାଇଛି। ଭାଜପା ଗୁଜରାଟର ସମସ୍ତ ୨୬ ଏବଂ ଉତ୍ତରାଖଣ୍ଡର ସମସ୍ତ ୫ ଆସନ ପୋଛିନେବ। କର୍ଣ୍ଣାଟକରୁ ଇଣ୍ଡିଆ ମେଣ୍ଟକୁ ୭ ଏବଂ ଜେଏସଏସ୍‌କୁ ଗୋଟିଏ ଆସନ ମିଳିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଅନ୍ୟ ପକ୍ଷରେ ଇଣ୍ଡିଆ ମେଣ୍ଟ କେରଳର ସମସ୍ତ ୨୦ ଲୋକ ସଭା ଆସନ ଜିତିବାକୁ ଥିବାବେଳେ ପଶ୍ଚିମବଙ୍ଗରେ ଟିଏମ୍‌ସି ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ୪୨ରୁ ୩୦ ଆସନ ଜିତିବ। ଅବଶିଷ୍ଟ ୧୨ ଆସନ ଏନ୍‌ଡିଏକୁ ଯିବ ବୋଲି ପୂର୍ବାନୁମାନ କରାଯାଇଛି।

# ବର୍ଷାରେ ଭୁଶୁଡ଼ିଲା ବ୍ୟାଙ୍କ ଛାତ


ସମ୍ବଲପୁର କୁଞ୍ଜେଲପଡ଼ା ବ୍ୟାଙ୍କର ଛାତ ଭୁଶୁଡ଼ି ପଡ଼ିଛି।

**ସମ୍ବଲପୁର,୩୦।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର କୁଞ୍ଜେଲପଡ଼ାରେ ବହୁବର୍ଷ ଧରି ଚାଲିଥିବା ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସିଟି ଶାଖା କୋଠା ଛାତ ରବିବାର ଭୋର ସମୟରେ ଭୁଶୁଡ଼ି ପଡିଛି। କିଛି ଦିନ ପୂର୍ବରୁ ପାଣି ଝରୁଥିବା ଯୋଗୁଁ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଦୁଇ ଦିନ ହେବ ପ୍ରବଳ ବର୍ଷା ହେବାରୁ ଏହି ଘଟଣା ଘଟିଛି। ପୁରୁଣା କୋଠା ହୋଇଥିବାରୁ କାଠ ବିମ୍‌ଗୁଡିକ ଦବି ଯାଇଥିଲା। ଦୁର୍ବଳ ଅବସ୍ଥାରେ ଛାତ ଝୁଲି ରହିଥିଲା। ପୂର୍ବରୁ ଅସରାଏ ବର୍ଷାରେ ଟଙ୍କା ଜମା ଓ ଉଠାଇବା ପାଇଁ ଥିବା କାଉଣ୍ଟରଗୁଡ଼ିକ ଉପରେ ପାଣି ଗଳୁଥିଲା। ତେଣୁ କମ୍ପ୍ୟୁଟର ଓ କାଗଜପତ୍ରକୁ ପଲିଥିନରେ ଘୋଡ଼ାଇ ରଖାଯାଉଥିଲା। ଏନେଇ ଗ୍ରାହକମାନେ ବ୍ୟାଙ୍କ ଅଧିକାରୀମାନଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଘର ପରିବର୍ତ୍ତନ କରାଯାଉ ନ ଥିଲା। ଭଡାରେ ଏହି ଘର ଚାଲୁଥିଲା। ବ୍ୟାଙ୍କରେ ୭ ଜଣ କର୍ମଚାରୀ କାମ କରନ୍ତି। ସବୁବେଳେ ଲୋକଙ୍କ ଭିଡ଼ ଲାଗି ରହିଥାଏ। କିନ୍ତୁ ରବିବାର ଥିବାରୁ ସେଠାରେ କେହି ଉପସ୍ଥିତ ନ ଥିଲେ। ଛାତ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାରୁ କାଗଜପତ୍ର, ଅନ୍ୟାନ୍ୟ ଜିନିଷ ଚାପି ହୋଇଯାଇଥିବା କୁହାଯାଉଛି।




# ଟ୍ରେନ୍ ଦୁର୍ଘଟଣାରେ ଆହତ ହାତୀର ମୃତ୍ୟୁ

## ୨ ମାଈ ହାତୀଙ୍କ ମୃତ୍ୟୁ ଘଟିଥିଲା

**କେନ୍ଦୁଝର, ୩୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅଧୀନ ବ୍ରାହ୍ମଣୀପାଳ ରେଞ୍ଜ ଶଗଡ଼ପଟା-ଟାଙ୍ଗିରିଆପାଳ ଷ୍ଟେଶନ ପାଖ ବାଲିଦାଣ୍ଡ ସାହି ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇଥିବା ହାତୀର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ରବିବାର ଜଙ୍ଗଲରେ ପୋତି ଦିଆଯାଇଛି। ମୃତ ହାତୀର ବୟସ ୮ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ଜୁଲାଇ ୧୧ ରାତି ପ୍ରାୟ ସାଢେ ୯ଟା ବେଳେ ଏହି ଛୁଆ ହାତୀଟି ହାତୀପଲ ସହ ରେଳ ଲାଇନ ପାର ହେଉଥିଲା। ଯଖପୁରା ପଟୁ ବାଂଶପାଣି ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ହାତୀପଲକୁ ଧକ୍କା ଦେଇଥିଲା। ଟ୍ରେନ୍ ଧକ୍କାରେ ୨ ମାଈ ହାତୀ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ପରେ ଛୁଆ ହାତୀ ଆହତ ହୋଇ ରେବଣା ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିଲା। ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ଆହତ ହାତୀଟି ଦୈତାରୀ ଜଙ୍ଗଲରେ ରହୁଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଛି। ଉକ୍ତ ଜଙ୍ଗଲରେ ପାଖାପାଖି ୭ ହାତୀ ରହୁଛନ୍ତି। ହାତୀ ସୁରକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏସିଏଫ୍ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି, ଘଟଣାରେ ବନ ବିଭାଗ ପକ୍ଷରୁ ଏକ ମାମଲା କରାଯାଇ ରେଳ ବିଭାଗର ଲୋକୋ ପାଇଲଟ ଏବଂ ଗାର୍ଡଙ୍କୁ ନୋଟିସ୍ ହୋଇଛି। ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନିଖୋଜ ନାବାଳକଙ୍କୁ ବଳି ସନ୍ଦେହ ଘଟଣା | ମହିଳା ପୂଜକଙ୍କ ସହ ୪ ଗିରଫ

**ଅନୁଗୋଳ,(ଅମିତ କୁମାର ସାମଲ)/ ବଇଣ୍ଡା,୩୦।୭ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ଗ୍ରାମ ମଙ୍ଗଳା କୋଠିରେ ଅଧିଆ ପଡ଼ିଥିବା କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳ (୧୩)ଙ୍କ ଗଳିତ ମୃତଦେହ ଉଦ୍ଧାରର ୨ ଦିନ ପରେ ପୋଲିସ ଗିରଫଦାରି ଆରମ୍ଭ କରିଛି। ଗତ ଶୁକ୍ରବାର ଠାରୁ ଅଟକ ଥିବା ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘ (୪୩) ଓ ତାଙ୍କର ୩ ପୁଅ ଦିବ୍ୟରଞ୍ଜନ ବାଘ (୨୩), ଜ୍ୟୋତିରଞ୍ଜନ ବାଘ (୨୨) ଏବଂ ସୌମ୍ୟରଞ୍ଜନ ବାଘ (୨୦)ଙ୍କୁ ରବିବାର ଗିରଫ କରାଯାଇଥିବା ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ମୃତ ନାବାଳକଙ୍କ ମା' ବାସନ୍ତୀ ବିଶ୍ୱାଳ କିଆକଟା ଥାନାରେ ଦେଇଥିବା ଅଭିଯୋଗ ଆଧାରରେ ପୋଲିସ ନଂ. ୬୮/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏଯାଏ ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ମଙ୍ଗଳା କୋଠିରେ ପୂଜାର୍ଚ୍ଚନା ଓ ନାବାଳକ ଅଧିଆ ପଡ଼ିଥିବା ନେଇ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରହିଛି। ଏଥିସହ ମୃତକଙ୍କ ମା' ପୁଅ ସଞ୍ଜୀବଙ୍କୁ ମହିଳା ପୂଜକ ରୀତାଞ୍ଜଳି ବଳି ଦେଇଥିବା ଅଭିଯୋଗ କରୁଛନ୍ତି। ତେଣୁ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଅପହରଣ, ହତ୍ୟା, ଠକେଇ, ଆପରାଧିକ ଷଡ଼ଯନ୍ତ୍ର, ଗୁଣିଗାରେଡି କରି ଚମତ୍କାରିତା ଦେଖାଇବା ପାଇଁ ଷଡ଼ଯନ୍ତ୍ର ଆଦି ଦଫା ଲଗାଇଛି। ୨ ଦିନ ଧରି ୪ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଥିବା ବେଳେ ଏବେ ମୃତଦେହ ବ୍ୟବଚ୍ଛେଦ, ଫୋରେନଶିକ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଉକ୍ତ ରିପୋର୍ଟରୁ ହିଁ ହତ୍ୟା ଓ ସେ ସମ୍ପର୍କିତ ତଥ୍ୟ ମିଳିପାରିବ। ଏହାପରେ ପୋଲିସ ତଦନ୍ତ ଅଧିକ ଆଗେଇପାରିବ। ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଘଟଣାର ପର୍ଦ୍ଦାଫାଶ କରିବାକୁ ପୋଲିସ ଅଦାଲତରେ ଆବେଦନ କରିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନାବାଳକଙ୍କ ମୃତଦେହ ଗାଁ ଶ୍ମଶାନରେ ପୋଲିସ ଉପସ୍ଥିତିରେ ରାତିରେ ପୋଡ଼ାଯିବାକୁ ନେଇ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ମୃତଦେହରେ ବିଭିନ୍ନ ଅଙ୍ଗ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଟୁସରସ୍ଥିତ ବିବାଦୀୟ ମଙ୍ଗଳା କୋଠିକୁ ଭାଙ୍ଗିବାକୁ ସ୍ଥାନୀୟ ଲୋକେ ଜୋର୍‌ଦାର ଦାବି କରୁଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ମଙ୍ଗଳା କୋଠି ପୋଲିସ ତଦନ୍ତ ପରିସରଭୁକ୍ତ ଥିବାରୁ ତଦନ୍ତ ଶେଷ ହେବା ଯାଏ ତାହାକୁ ସୁରକ୍ଷା ଦେବାକୁ ସେଠାରେ ପୋଲିସ ମୁତୟନ କରାଯାଇଛି।


ଗିରଫ ମହିଳା ପୂଜକ ରୀତାଞ୍ଜଳି ବାଘ ଓ ତାଙ୍କ ୩ ପୁଅ।



# ୪ ତାରିଖଯାଏ ବର୍ଷିବ

**ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)**

**ସମ୍ବଲପୁର ଜିଲାରେ ସର୍ବାଧିକ ୧୧୪.୪ ମିମି ବର୍ଷିଲା**

ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ଜାରି ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହୋଇ ଶନିବାର ଉତ୍ତର ଓ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ଲଘୁଚାପର ରୂପ ନେବା ପରେ ବର୍ଷା ପରିମାଣ ବଢ଼ିଛି। ରବିବାର ସନ୍ଧ୍ୟା ସୁଦ୍ଧା ସମ୍ବଲପୁର ଜିଲାରେ ସର୍ବାଧିକ ୧୧୪.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ସୁନ୍ଦରଗଡ଼ରେ ୧୧୨.୨ ମିମି, ଫୁଲବାଣୀରେ ୬୬.୦୦ ମିମି, ଦେବଗଡ଼ରେ ୬୩.୦ ମିମି ଓ ସୋନପୁରରେ ୫୫.୦୦ ମିମି ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ବିସ୍ତୃତ ବର୍ଷା ହେବାସହ କିଛି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ବିଶେଷକରି ଜୁଲାଇ ୩୧, ଅଗଷ୍ଟ ୧ ଓ ୨ରେ ରାଜ୍ୟରେ ବର୍ଷାର ପରିମାଣ ଅଧିକ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

୩୧ ତାରିଖରେ ସମ୍ବଲପୁର, ବୌଦ୍ଧ, ନୟାଗଡ଼, ଅନୁଗୋଳ ଆଦି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଟକ, ଜଗତ୍‌ସିଂହପୁର, ପୁରୀ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଆଦି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ ବିଜ୍ଞାନୀ ଏଚ୍. ଆର୍. ବିଶ୍ୱାସ କହିଛନ୍ତି, ଲଘୁଚାପ ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ବିଶେଷକରି ୧ ଓ ୨ ତାରିଖରେ ବର୍ଷାର ପରିମାଣ ଅଧିକ ରହିପାରେ। ସେହିପରି ଭୁବନେଶ୍ୱରରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା ହୋଇପାରେ। ୧ ତାରିଖରେ ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଆଦି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ସେସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ବଜ୍ରପାତରେ ଚାଷୀ ମୃତ

**କୁଜଙ୍ଗ,୩୦।୭(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ରାଜସ୍ୱ ଗ୍ରାମ ବାମଦେଇପୁର ତଥା ପଡା ଗ୍ରାମ କଣ୍ଟେଇନାଳିର ଜଣେ ଚାଷୀଙ୍କ ରବିବାର ବ୍ରଜପାତରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଈଶ୍ୱର ଜେନା(୪୫)। ରବିବାର ଅପରାହ୍ଣରେ ସେ ବିଲକୁ ଚାଷ କରିବାକୁ ଯାଇଥିଲେ। କିଛି ସମୟରେ ପରେ ମୁଷଳ ଧାରାରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏନେଇ ଈଶ୍ୱର ସେଠାରୁ ଚାଲି ଆସି ଗାଁ ପୋଖରୀରେ ଧୋଇ ହେଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଈଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ବଡ଼ ଭାଇ କିଶୋର ଜେନା କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# 'ରାଜ୍ୟରେ ଶିକ୍ଷାର ମାନ ହ୍ରାସ ପାଉଛି'

## ୧୬ତମ ମେଧାବୀ ଅଭିନନ୍ଦନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ଜଟଣୀ,୩୦।୭(ରବୀନ୍ଦ୍ର ନାଥ ମହାକୁଡ଼)**



ରାଜ୍ୟରେ ବର୍ତ୍ତମାନ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। ଯାହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ପ୍ରଭାବ ପଡୁଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବା ଏବଂ ସରକାରୀ ପ୍ରୋତ୍ସାହନ ଅଭାବ ଏହାର ପ୍ରମୁଖ କାରଣ ବୋଲି ଜଟଣୀସ୍ଥିତ ଅଗ୍ରୱାଲ ଧର୍ମଶାଳା ପରିସରରେ ଆୟୋଜିତ ୧୬ତମ ମେଧାବୀ ଅଭିନନ୍ଦନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହା କହିଛନ୍ତି। ପାଣ୍ଡବ ଜେନା ଟ୍ରଷ୍ଟ ଆନୁକୂଲ୍ୟରେ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସତପଥୀ ଶୁଭାରମ୍ଭ କରିଥିଲେ। ଦେଶ, ଜାତି, ଧର୍ମ ଓ ପରମ୍ପରାକୁ ଜାଣିବାକୁ ହେଲେ ପ୍ରଥମେ ତାର ଇତିହାସକୁ ଭଲଭାବେ ଜାଣିବା ଆବଶ୍ୟକ। ସେହିପରି ପୃଥିବୀପୃଷ୍ଠରେ ମଣିଷ ରହିବା ଦିନଠାରୁ ପ୍ରଥମେ ମାତୃଶକ୍ତିର ଉପାସନା କରାଯାଉଥିଲା। ତେଣୁ ମାତୃଶକ୍ତି ବିନା ପୃଥିବୀର କୌଣସି ସୃଷ୍ଟି ସମ୍ଭବ ନୁହେଁ ବୋଲି ସତପଥୀ କହିଥିଲେ। ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ସନ୍ତୋଷ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ, ଗରିବ ଛାତ୍ରୀଛାତ୍ର ଶିକ୍ଷାରୁ ଯେପରି ବଞ୍ଚିତ ନ ହେବେ ସେ ଦିଗରେ ତାଙ୍କ ଅନୁଷ୍ଠାନ କାର୍ଯ୍ୟ କରୁଛି। ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ନାଇଜର ଡିନ୍ ପ୍ରଫେସର ଡ. ପ୍ରଣୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଏନ୍‌ଏସ୍‌ଏସ୍ ଆଡଭାଇଜର ତଥା ନ୍ୟାଶନାଲ ୟୁଥ୍ ପ୍ରୋଜେକ୍ଟ ଓଡ଼ିଶା ମୁଖ୍ୟ ମଧୁସୂଦନ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିନତି ଜେନା, ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ କୈଳାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୬୨ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆଉ ୨୧୨ ମେଧାବୀ ଛାତ୍ରୀଛାତ୍ରଙ୍କ ନିକଟକୁ ଯାଇ ସମ୍ମାନିତ କରାଯିବ ବୋଲି ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଜେନା କହିଛନ୍ତି। ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍କୃତି ସୁରକ୍ଷା ମଞ୍ଚର ସଦସ୍ୟ ଚିତ୍ତରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୮ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠକ-ପାଠିକାଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜ୍ଞାନୀ ଗୁଣ ଚାହେଁ**
**ଅଜ୍ଞାନ ଧନ ଚାହେଁ**

ଜ୍ଞାନୀ ବ୍ୟକ୍ତି ଗୁଣକୁ ପ୍ରାଧାନ୍ୟ ଦେଉଥିବାବେଳେ ଅଜ୍ଞାନ ବା ମୂର୍ଖ ବ୍ୟକ୍ତି ଧନ ପଛରେ ଗୋଡ଼ାଉଥିବାର ଦେଖିବାକୁ ମିଳିଥାଏ। ଧନଠାରୁ ଗୁଣ କାହିଁକେତେ ଅଧିକ ମୂଲ୍ୟବାନ ହୋଇଥିବାବେଳେ ଅଜ୍ଞାନ ବ୍ୟକ୍ତି ନିଜ ମୂର୍ଖାମିରୁ ଏହାକୁ ଜାଣିବାରେ ଅସମର୍ଥ ହୋଇଥା'ନ୍ତି। କାରଣ ଧନ ସମୟକ୍ରମେ ସରି ଆସୁଥିବାବେଳେ ଗୁଣର କିନ୍ତୁ କେବେବି ପରିସମାପ୍ତି ଘଟିନଥାଏ ବୋଲି ଜଣାଯାଇଥାଏ। ଜ୍ଞାନୀ ଏବଂ ଅଜ୍ଞାନ ବ୍ୟକ୍ତିଙ୍କ ଚରିତ୍ର ଏପରି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜ୍ଞାତ ଅଜ୍ଞାତ ଯେତେ କଥା**
**ସବୁ ତ ସମୟର ବାର୍ତ୍ତା !**

ସବୁକିଛି ସମୟ ହିଁ ନିର୍ଣ୍ଣୟ କରିଥାଏ। ସମୟକୁ ହିଁ ସବୁ ଜଣା। ଅଜଣା ହିଁ ଜଣା ର ରୂପାନ୍ତର ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଣିପୁରରେ ଶାନ୍ତି ଓ ସଦ୍‌ଭାବନା ଫେରାଇ ଆଣିବା ପାଇଁ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଓଡ଼ିଶା ନାଗରିକ ସଂଗଠନ ସମୂହ ଏବଂ ବୁଦ୍ଧିଜୀବୀମାନେ ପ୍ରବଳ ବର୍ଷା ସତ୍ତ୍ୱେ କ୍ୟାଣ୍ଡେଲ ଜାଳି ଶାନ୍ତି ପ୍ରତିଷ୍ଠା ପାଇଁ ନିବେଦନ କରୁଛନ୍ତି। **(ଫଟୋ-ଅନୁରାଧା)**

# ପହିଲାରୁ ଯୁକ୍ତ୨ ପାଠପଢ଼ା

ଭୁବନେଶ୍ୱର,୩୦ ।୭(ଅନୁରାଧା ମହାରଣା)

ଅଗଷ୍ଟ ପହିଲାରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ୨୦୨୩-୨୪ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ପାଇଁ ପ୍ରତି ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଆୟୋଜନ କରାଯିବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖିଛନ୍ତି। ଏହି ପ୍ରବେଶ ଉତ୍ସବରେ ପିଲାଙ୍କ ପାଇଁ କେଉଁସବୁ କାର୍ଯ୍ୟକ୍ରମର ଆୟୋଜନ କରାଯିବ ସେନେଇ ବିସ୍ତୃତ ଭାବେ ଉଲ୍ଲେଖ ରହିଛି। ନୂଆ କରି ଶିକ୍ଷାନୁଷ୍ଠାନକୁ ଆସିଥିବା ପିଲାଙ୍କୁ ସ୍ୱାଗତ କରିବା ପାଇଁ ସୁସଜ୍ଜିତ ହଲ୍‌ରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆବଶ୍ୟକ ସ୍ଥଳେ ବିଭାଗ ଅନୁସାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏଥିରେ ପିଲାଙ୍କୁ ଶିକ୍ଷାନୁଷ୍ଠାନର ଇତିହାସ, କାର୍ଯ୍ୟକଳାପ ଓ ନିୟମ ବିଷୟରେ ପିଲାଙ୍କୁ ଅବଗତ କରାଯିବ। ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ/ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିବେ। ଛାତ୍ର ଜୀବନରେ ଉଚ୍ଚ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ପିଲାଙ୍କୁ ଅବଗତ କରାଯିବା ସହ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର ସମ୍ପର୍କରେ ପିଲାମାନେ ଜାଣିବାକୁ ପାଇବେ। ସେହିପରି ପିଲାଙ୍କ ୟୁନିଫର୍ମ ଓ ପରିଚୟ ପତ୍ର ଉପରେ ମଧ୍ୟ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଅଗଷ୍ଟ ୧୪ ସୁଦ୍ଧା ଛାତ୍ରଛାତ୍ରୀ ୟୁନିଫର୍ମ ପିନ୍ଧି କ୍ଲାସ କରିବେ। ତେବେ ସ୍ଥାୟୀ ପରିଚୟପତ୍ର ମିଳିନ ଥିଲେ ଅସ୍ଥାୟୀ ପରିଚୟପତ୍ର ପ୍ରଦାନ କରିବେ ବିଦ୍ୟାଳୟ କର୍ତ୍ତୃପକ୍ଷ। ନିୟମିତ ଅଭିଭାବକ-ଶିକ୍ଷକ ବୈଠକ ଆୟୋଜନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କ୍ୟାରିଅର ପୋର୍ଟାଲ ସମ୍ପର୍କିତ ତଥ୍ୟ ପିଲାମାନେ ଶିକ୍ଷା ଆରମ୍ଭରୁ ଜାଣି ରଖିବା ପାଇଁ କୁହାଯାଇଛି। http://odishacareerportal.comରେ ଉପଲବ୍ଧ ପ୍ରାୟ ୫୫୦ କ୍ୟାରିଅର ଅପସନ୍ ସମ୍ପର୍କରେ ସୂଚନା ପାଇପାରିବେ ଛାତ୍ରୀଛାତ୍ର। ପିଲାମାନେ ଶିକ୍ଷାନୁଷ୍ଠାନର ପ୍ରୋକ୍ଟୋରଙ୍କ ସହ ମଧ୍ୟ ପରିଚିତ ହେବେ। ପ୍ରୋକ୍ଟୋର ବିଦ୍ୟାର୍ଥୀଙ୍କୁ ସେମାନଙ୍କ ପାଠ୍ୟ ବିଷୟ, ବିଭାଗ, ଦଳ ଓ ସମୟ ସାରଣୀ ବିଷୟରେ ମାର୍ଗଦର୍ଶନ ଦେବେ।

# ଦିଲ୍ଲୀରେ ଶିଶୁଚାଲାଣ ୬୮% ବୃଦ୍ଧି

**■ ତାଲିକାର ଶୀର୍ଷରେ ଉତ୍ତରପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ**
**■ କର୍ଣାଟକରେ ୧୮ ଗୁଣା ବଢ଼ିଛି**

ନୂଆଦିଲ୍ଲୀ,୩୦।୭

ଦେଶର ରାଜଧାନୀ ଦିଲ୍ଲୀରେ ଶିଶୁ ଚାଲାଣ ଚିନ୍ତାଜନକ ହୋଇଛି। କୋଭିଡ୍‌ର ପୂର୍ବ ଓ ପରବର୍ତ୍ତୀ ସମୟକୁ ତୁଳନା କଲେ ଏଠାରେ ଶିଶୁ ଚାଲାଣ ମାମଲା ୬୮% ବୃଦ୍ଧି ପାଇଛି। ତେବେ ୨୦୧୬ରୁ ୨୦୨୨ ମଧ୍ୟରେ ହୋଇଥିବା ଶିଶୁ ଚାଲାଣ ଅଭିଯୋଗ ସମ୍ପର୍କିତ ତାଲିକାରେ ଶୀର୍ଷରେ ରହିଛି ଉତ୍ତରପ୍ରଦେଶ। ଏହା ପଛକୁ ରହିଛି ବିହାର ଏବଂ ଆନ୍ଧ୍ରପ୍ରଦେଶ। ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିବା ସମାଜସେବୀ କୈଳାସ ସତ୍ୟାର୍ଥୀଙ୍କ ଦ୍ୱାରା ପ୍ରତିଷ୍ଠିତ 'କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନସ୍ ଫାଉଣ୍ଡେଶନ' (କେଏସ୍‌ସିଏଫ୍) ଏବଂ 'ଗେମ୍ସ୨୪x୭' ଦ୍ୱାରା ହୋଇଥିବା ଅଧ୍ୟୟନ ରିପୋର୍ଟରୁ ଏହା ଜଣାପଡ଼ିଛି। 'ଚାଇଲ୍ଡ ଟ୍ରାଫିକିଂ ଇନ୍ ଇଣ୍ଡିଆ: ଇନ୍‌ସାଇଟ୍‌ସ ଫ୍ରମ୍ ସିଚୁଏଶନ ଡାଟା ଆନାଲିସିସ୍ ଆଣ୍ଡ ଦ ନିଡ୍ ଫର୍ ଟେକ୍-ଡ୍ରିଭେନ୍ ଇଣ୍ଟରଭେନ୍‌ଶନ ଷ୍ଟ୍ରାଟେଜିସ୍' ଶୀର୍ଷକ ଏହି ରିପୋର୍ଟ ରବିବାର ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ଅବସରରେ ପ୍ରକାଶ ପାଇଛି।

ଶିଶୁ ଚାଲାଣ କ୍ଷେତ୍ରରେ ଶୀର୍ଷରେ ଥିବା ଜିଲା ହେଉଛି ରାଜସ୍ଥାନର ଜୟପୁର। ଜୟପୁର ସହର ଦେଶରେ ଶିଶୁ ଚାଲାଣର ହଟସ୍ପଟ୍ ଭାବେ ଉଭା ହୋଇଛି। ଏହା ପଛକୁ ଥିବା ଅନ୍ୟ ୪ଟି ଜିଲା ରାଜଧାନୀ ଦିଲ୍ଲୀରେ ରହିଛି। 'ଗେମ୍ସ୨୪x୭' ଏବଂ କେଏସ୍‌ସିଏଫ୍ ପକ୍ଷରୁ ୨୧ ରାଜ୍ୟର ୨୬୨ ଜିଲାରେ ୨୦୧୬ରୁ ୨୦୨୨ ମଧ୍ୟରେ ହୋଇଥିବା ଶିଶୁ ଚାଲାଣ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରାଯାଇଛି। ଏହି ସମୟ ମଧ୍ୟରେ ୧୮ ବର୍ଷରୁ କମ୍ ୧୩,୫୪୯ ଶିଶୁ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତଙ୍କ ବୟସ ୧୩ରୁ ୧୮ ବର୍ଷ ମଧ୍ୟରେ ହୋଇଥିବାବେଳେ ୧୩ ପ୍ରତିଶତ ହେଉଛନ୍ତି ୯ରୁ ୧୨ ବର୍ଷ ବୟସର। ଏଥିରୁ ସ୍ପଷ୍ଟ ହେଉଛି ଯେ, ସବୁ ବୟସର ପିଲା ଚାଲାଣର ଶିକାର ହେଉଛନ୍ତି।

ଏହି ରିପୋର୍ଟ ବିଭିନ୍ନ ଇଣ୍ଡଷ୍ଟ୍ରିକୁ ମଧ୍ୟ ଫୋକସ୍ କରିଛି, ଯେଉଁଠି ଶିଶୁମାନଙ୍କୁ ନିୟୋଜିତ କରାଯାଉଛି। ହୋଟେଲ ଏବଂ ଢାବାରେ ଶିଶୁଶ୍ରମିକଙ୍କ ସଂଖ୍ୟା ସର୍ବାଧିକ (୧୫.୬%)। ଏହାପଛକୁ ଅଟୋମୋବାଇଲ ଏବଂ ଟ୍ରାନ୍ସପୋର୍ଟ ଇଣ୍ଡଷ୍ଟ୍ରିରେ ୧୩% ଏବଂ ଗାରମେଣ୍ଟ ଇଣ୍ଡଷ୍ଟ୍ରିରେ ୧୧.୧୮% ଶିଶୁ ଶ୍ରମିକ ନିୟୋଜିତ ହୋଇଛନ୍ତି। ସେହିପରି ୫ରୁ ୮ ବର୍ଷ ବୟସର ପିଲାମାନେ ପ୍ରସାଧନ ଶିଳ୍ପରେ ନିୟୋଜିତ ଥିବା ରିପୋର୍ଟରେ ଦର୍ଶାଯାଇଛି।

ବିଭିନ୍ନ ରାଜ୍ୟରେ ଶିଶୁ ଚାଲାଣ ମାମଲା ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଥିବାବେଳେ ଏ କ୍ଷେତ୍ରରେ ଉତ୍ତରପ୍ରଦେଶ ଦୃଷ୍ଟି ଆକର୍ଷଣ କରିଛି। ଏଠାରେ ୨୦୧୬ରୁ ୨୦୧୯ ମଧ୍ୟରେ ଅର୍ଥାତ୍ କୋଭିଡ୍‌ର ପୂର୍ବ ସମୟରେ ଶିଶୁ ଚାଲାଣ ସମ୍ପର୍କିତ ୨୬୭ଟି ଅଭିଯୋଗ ହୋଇଛି। କିନ୍ତୁ କୋଭିଡ୍ ପରବର୍ତ୍ତୀ ଅର୍ଥାତ୍ ୨୦୨୧ରୁ ୨୦୨୨ ମଧ୍ୟରେ ଏହି ସଂଖ୍ୟା ୧୨୧୪କୁ ବୃଦ୍ଧି ପାଇଛି। ତେବେ କର୍ଣାଟକରେ ଶିଶୁ ଚାଲାଣ ଅଭିଯୋଗ ୧୮ଗୁଣା ବଢ଼ିଛି। ଏଠାରେ ହୋଇଥିବା ଅଭିଯୋଗ ୬ରୁ ୧୧୦କୁ ବୃଦ୍ଧି ପାଇଛି। ଏଭଳି ଉଦ୍‌ବେଗଜନକ ପରିସଂଖ୍ୟାନ ସତ୍ତ୍ୱେ ବିଗତ ଏକ ଦଶନ୍ଧି ମଧ୍ୟରେ ସରକାରୀ ତଥା ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକର ସକ୍ରିୟତାର ସକାରାତ୍ମକ ପ୍ରଭାବ ପଡ଼ିଥିବା ରିପୋର୍ଟରେ ଦର୍ଶାଯାଇଛି। ସରକାରଙ୍କ ବାରମ୍ବାର ହସ୍ତକ୍ଷେପ ଏବଂ ସଚେତନତା ଅଭିଯାନ ଯୋଗୁ ଶିଶୁଚାଲାଣ ସମ୍ପର୍କିତ ଅଭିଯୋଗ ବୃଦ୍ଧି ପାଇଛି। ଏହାସହ ଶିଶୁ ଚାଲାଣ ସଂଖ୍ୟାରେ ହ୍ରାସ ଘଟିଛି ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ସାମାଜିକ ଦୁଃସ୍ଥିତିକୁ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ପାଇଁ ଏକ ବିସ୍ତୃତ ଶିଶୁ ଚାଲାଣ ନିରୋଧୀ ଆଇନ ଆବଶ୍ୟକତା ଥିବା ନେଇ ରିପୋର୍ଟ ଗୁରୁତ୍ୱାରୋପ କରିଛି।

**ପ୍ରଥମ ପୃଷ୍ଠାରୁ...**

## ମୈତ୍ରୀ କମ୍ପାନୀର ...

କାର୍ଯ୍ୟାନୁଷ୍ଠାନ ନ ନେବାରୁ ଲୋକେ ଅତିରିକ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଅଞ୍ଚଳର କେତେଜଣ ଯୁବକ କିଛି ଦିନ ତଳେ ସୁଙ୍ଗେର ଅଞ୍ଚଳର ରେଙ୍ଗାଠାରେ ଏକ ବୈଠକ କରି ଭଡ଼ା ନାଁରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ଅଞ୍ଚଳବାସୀ ପୁନଃ ଥାନାକୁ ଯିବା ସମୟରେ ସିଆଡ଼ିମାଳଠାରେ ପୋଲିସ ଓ ଏମ୍‌ଭିଆଇ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିଲା। ଫଳରେ ଶତାଧିକ ମହିଳା ଓ ପୁରୁଷ ଦୀର୍ଘ ୨୦ କି.ମି. ଚାଲି ଚାଲି ଆସି ଥାନା ଘେରାଉ କରିଥିଲେ। ଯଦି ଉକ୍ତ ଅଞ୍ଚଳରେ ଖଣି ଖନନ ବନ୍ଦ ଏବଂ ଉକ୍ତ ବ୍ୟକ୍ତିଙ୍କ ଗୁଣ୍ଡାରାଜ ବନ୍ଦ କରା ନ ଯାଏ ତେବେ ଆଗାମୀ ଦିନରେ ଏକ ବଡ଼ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସରକାର ଘରୋଇ କମ୍ପାନୀର ଚୁକ୍ତି ବାତିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଠାରେ ଖଣି ଖନନ ହେଲେ ଅଞ୍ଚଳବାସୀଙ୍କ ଜୀବିକା ପ୍ରଭାବିତ ହେବା ସହିତ ପରିବେଶ ପ୍ରଦୂଷିତ ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ କାଶୀପୁର ଥାନା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ ବ୍ୟସ୍ତ ଥିବା କହି ଫୋନ କାଟିଦେଇଥିବାରୁ କୌଣସି ମତାମତ ମିଳିପାରିନାହିଁ ।



ଗ୍ରାମବାସୀ କାଶୀପୁର ଥାନା ଘେରାଉ କରିଛନ୍ତି।

## ୨ ଅସ୍ଥାୟୀ କର୍ମଚାରୀ ...

କେନ୍ଦୁଝର ଓ ଝାଡ଼ଖଣ୍ଡ ଅଞ୍ଚଳରୁ ଆସିଥିବା ହାତୀପଲକୁ ଘଉଡ଼ାଇବା ନିମନ୍ତେ ହାତୀ ପିଠିରେ ନିଆଁହୁଳା ପକାଇବା ଦୃଶ୍ୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ବନ ବିଭାଗ ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହାତୀ ପ୍ରତି କୌଣସି ଅମାନବୀୟ ବ୍ୟବହାର କିମ୍ବା ବିରକ୍ତିକର ଆଚରଣ କରା ନ ଯିବାକୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏ ନେଇ ଘଟଣା ପରେ କେଉଁ କାରଣରୁ ଏପରି କାର୍ଯ୍ୟ କରିଥିଲେ ବୋଲି ଦୁଇ କର୍ମଚାରୀଙ୍କୁ ରିପୋର୍ଟ ମଗାଯାଇଥିଲା। ଉଭୟ ଦୋଷ ସ୍ୱୀକାର କରିବାରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ପ୍ରକାଶ କରିଛନ୍ତି।

## ପୁଣି ବିବାଦରେ ...

ହଲ୍‌ରେ ଏହା କରାଯାଇ ନ ଥିବା ପରୀକ୍ଷାର୍ଥୀମାନେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ପ୍ରଶ୍ନପତ୍ର ଭାଇରାଲ କରି ଟଙ୍କା ରୋଜଗାର କରାଯାଉଛି। ଟଙ୍କା ନେଇ ଚାକିରି ବିକ୍ରି କରାଯାଉଥିବା ବେଳେ ଆମେ ଗରିବ ପିଲାମାନେ ଚାକିରିରୁ ବଞ୍ଚିତ ହେଉଛୁ ବୋଲି କହି ପରୀକ୍ଷାର୍ଥୀ ପର୍ଶୁରାମ ମିଶ୍ର, ସୌମ୍ୟରଞ୍ଜନ ସାହୁ, ପ୍ରଭାତ କୁମାର ପାଣିଗ୍ରାହୀ, ରାଧାରାଣୀ ସାହୁ, ପ୍ରଣବ କୁମାର ଜେନା, ମୀତାଞ୍ଜଳି ଦାସ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖବରପାଇ ଉପଜିଲାପାଳ ମନୋଜ ପାତ୍ର ଓ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପହଞ୍ଚି କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରୀକ୍ଷା ବର୍ଜନ କରିଥିବା ୨୧ ପରୀକ୍ଷାର୍ଥୀଙ୍କ ସହ ଆଲୋଚନା କରି ଓଏସ୍‌ଏସ୍‌ସି କମିଶଙ୍କୁ ଏନେଇ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ଟାଉନ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ସହ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର କହିଛନ୍ତି, ଜିଲା ଟ୍ରେଜେରିରୁ ପ୍ରଶ୍ନପତ୍ର ୯ଟା ୩୫ରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ପ୍ରଶ୍ନପତ୍ର ପରିବହନ ସମୟରେ କୌଣସି ଗୋଟିଏର ସିଲ୍ ସାମାନ୍ୟ ଫାଟି ଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କଲେଜରେ ସିସିଟିଭି ଲାଗିଥିବା ବେଳେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଓ ପରୀକ୍ଷକମାନଙ୍କ ଉପସ୍ଥିତିରେ ସିଲ୍ ଖୋଲାଯାଇଥିଲା। ଉପଜିଲାପାଳ ମନୋଜ ପାତ୍ର କହିଛନ୍ତି, ପରୀକ୍ଷା କାର୍ଯ୍ୟ ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନ ପକ୍ଷରୁ ନିୟୋଜିତ ମାଜିଷ୍ଟ୍ରେଟ୍ ଓ ପୋଲିସ ଉପସ୍ଥିତିରେ ଆସିଷ୍ଟାଣ୍ଟ ଅବ୍‌ଜର୍‌ଭରମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଜିଲାର ୫ଟି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଥିଲା। କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ଆସିଷ୍ଟାଣ୍ଟ ଅବ୍‌ଜରଭର ଓ ଇନ୍‌ଭିଜିଲେଟରଙ୍କ ଉପସ୍ଥିତିରେ ପରୀକ୍ଷା କକ୍ଷରେ ପ୍ରଶ୍ନପତ୍ର ଖୋଲାଯାଇଥିଲା। ଏ ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଛି। ତେଣୁ ଅଭିଯୋଗ ଭିତ୍ତିହୀନ। ଅପରପକ୍ଷରେ ସବୁ କେନ୍ଦ୍ରରେ ସ୍ୱଚ୍ଛତାର ସହ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଓ ସାବଧାନତାକୁ ଠିକ୍ ଭାବେ ଅନୁସରଣ କରାଯାଇଥିବା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରକାଶ କରିଛନ୍ତି। ଭଦ୍ରକ କଲେଜ ବ୍ୟତୀତ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ, ଜିଲା ସ୍କୁଲ, ଭଦ୍ରକ ମହିଳା ମହାବିଦ୍ୟାଳୟ ଓ ବାଗୁରାଇ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା।

## ସରକାର ବିଫଳ, ...

ଆସିଥିବା ଏମ୍‌ପିମାନେ ଯାହା ଅନୁଧ୍ୟାନ କରିଛୁ, ସେସବୁ ପାର୍ଲାମେଣ୍ଟକୁ ଅବଗତ କରାଇବୁ ଏବଂ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ଉଦ୍ୟମ କରିବୁ। ମଣିପୁରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପଟୁ କ'ଣ ଭୁଲ୍ ହୋଇଛି ତାହା ମଧ୍ୟ ପାର୍ଲାମେଣ୍ଟକୁ ଅବଗତ କରାଇବୁ। ସଂସଦରେ ଏନେଇ ଆଲୋଚନା କରିବାକୁ କେନ୍ଦ୍ରକୁ ଆମେ ଅନୁରୋଧ କରୁଛୁ। କାରଣ ମଣିପୁର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ଅଧୀର କହିଛନ୍ତି।

ଦୁଇଦିନିଆ ଗସ୍ତବେଳେ ଅଙ୍ଗେ ନିଭାଇଥିବା ଅନୁଭୂତି ବଖାଣିବାକୁ ଯାଇ ଅଧୀର ଆହୁରି କହିଛନ୍ତି, ସ୍ଥିତି ଏମିତି ହୋଇଛି ଯେ, ଉପତ୍ୟକାର ମେଇତିମାନେ କୁକି ବହୁଳ ପାର୍ବତ୍ୟାଞ୍ଚଳକୁ ଯାଇପାରୁ ନାହାନ୍ତି କି ସେମାନେ ମଧ୍ୟ ଭ୍ୟାଲିକୁ ଆସିପାରୁ ନାହାନ୍ତି। ଏହି ଦକ୍ଷିଣପୂର୍ବ ରାଜ୍ୟରେ ରାଶନ, ଗୋଖାଦ୍ୟ, କ୍ଷୀର, ଶିଶୁ ଖାଦ୍ୟ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁନାହିଁ। ଛାତ୍ରୀଛାତ୍ରଙ୍କ ଶିକ୍ଷା ବ୍ୟାହତ ହୋଇଛି। ଆମେ ରାଜ୍ୟପାଳଙ୍କୁ ଏହି ସବୁ ଅସୁବିଧା ସମ୍ପର୍କରେ ଜଣାଇଛୁ ବୋଲି ଅଧୀର କହିଛନ୍ତି। ସେହିପରି ଟିଏମ୍‌ସିର ରାଜ୍ୟ ସଭା ସଦସ୍ୟା ସୁସ୍ମିତା ଦେବ ଖବରଦାତା ସମ୍ମିଳନୀରେ ରାଜ୍ୟବାସୀଙ୍କୁ ବିରୋଧୀ ମେଣ୍ଟର ସମର୍ଥନ ଆଶ୍ୱାସନା ଦେଇଥିଲେ। ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ଉତ୍ତରଦାୟୀ କରାଇବା ଲାଗି ମୌସୁମୀ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତ ସେମାନଙ୍କ ପାଇଁ ଲଢ଼େଇ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବିରୋଧୀ ଏମ୍‌ପିମାନେ ଅପରାହ୍ନରେ ଦିଲ୍ଲୀ ଫେରିଯାଇଛନ୍ତି। ଅଧୀର ଓ ଲୋକ ସଭାରେ କଂଗ୍ରେସ ଉପନେତା ସୌରଭ ଗୋଗୋଇଙ୍କ ସମେତ ପ୍ରତିନିଧି ଦଳରେ ଟିଏମ୍‌ସିର ସୁସ୍ମିତା ଦେବ, ଜେଏମ୍‌ଏମ୍‌ର ମହୁଆ ମାଜି, ଡିଏମ୍‌କେର କାନିମୋଝି, ଏନ୍‌ସିପିର ପି.ପି. ମହମ୍ମଦ ଫୈଜାଲ, ଆର୍‌ଏଲ୍‌ଡି ଅଧ୍ୟକ୍ଷ ଜୟନ୍ତ ଚୌଧରୀ, ଆର୍‌ଜେଡି ନେତା ମନୋଜ କୁମାର ଝା, ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ୍ ଏବଂ ଭିସିକେର ଟି. ଥିରୁମାଭଲଭାନ୍ ସାମିଲ ଥିଲେ। ସେହିପରି ଜେଡିୟୁ ଅଧ୍ୟକ୍ଷ ରାଜୀବ ରଞ୍ଜନ (ଲଲନ୍ ) ସିଂ ଏବଂ ତାଙ୍କ ପାର୍ଟି ସହଯୋଗୀ ଅନୀଲ ପ୍ରସାଦ ହେଗ୍‌ଡେ, ସିପିଆଇର ସନ୍ଦୋଶ କୁମାର, ସିପିଆଇଏମ୍‌ର ଏ.ଏ. ରହିମ, ଏସ୍‌ପିର ଜାଭେଦ ଅଲି ଖାନ୍, ଆଇୟୁଏମ୍‌ଏଲ୍‌ର ଇ.ଟି. ମହମ୍ମଦ ବଶିର, ଏଏପିର ସୁଶୀଲ ଗୁପ୍ତା, ଭିସିକେର ଡି. ରବିକୁମାର ଏବଂ ଶିବସେନା ୟୁବିଟିର ଅରବିନ୍ଦ ସାୱନ୍ତ ମଧ୍ୟ ପ୍ରତିନିଧି ଦଳରେ ଥିଲେ। ଉଲ୍ଲେଖଯୋଗ୍ୟ, ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରୁଥିବା ଅଣଆଦିବାସୀ ମେଇତି ସମ୍ପ୍ରଦାୟ ଓ କୁକି ବର୍ଗର ଲୋକଙ୍କ ମଧ୍ୟରେ ବହୁ ପୂର୍ବରୁ ସଂଘର୍ଷ ଲାଗିରହିଆସିଛି। ତେବେ ଗତ ଏପ୍ରିଲରେ ମେଇତିଙ୍କୁ ଏସ୍‌ଟି ବର୍ଗରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ମଣିପୁର ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ମେ' ୩ରେ ଜାତିଆଣ ହିଂସା ପୁଣି ଆରମ୍ଭ ହୋଇଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ସେପଟେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ (ଜୁଲାଇ ୧୯)ରେ ମେ' ୪ର ଏକ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଥିଲା। ୨ ଜଣ କୁକି-ଜୁ ମହିଳାଙ୍କ ଦେହରୁ ବସ୍ତ୍ର ଖୋଲି ପରେଡ୍ କରାଯିବାବେଳର ଏହି ୨୬ ସେକେଣ୍ଡର ଭିଡିଓ ଭାରତ ସମେତ ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଉଲଗ୍ନ ପରେଡ୍‌ର ଶିକାର ହୋଇଥିବା ଜଣେ ସ୍ୱଳ୍ପବୟସ୍କାଙ୍କୁ ଏକ ଚାଷଜମିରେ ଗଣବଳାତ୍କାର ମଧ୍ୟ କରାଯାଇଥିଲା। ତାଙ୍କ ବାପା ଓ ଭାଇ ପ୍ରତିବାଦ କରିବାରୁ ମେଇତିମାନେ ଉଭୟଙ୍କୁ ହତ୍ୟା କରିଥିଲେ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନୀରବତା ଭଙ୍ଗକରି ପାର୍ଲାମେଣ୍ଟରେ ବିବୃତି ରଖନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରୁଥିବାବେଳେ ସରକାର କହୁଛନ୍ତି, ଗୃହରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉତ୍ତର ରଖିବେ। ଏହାକୁ ବିରୋଧ କରି ବିପକ୍ଷ ଇଣ୍ଡିଆ ମେଣ୍ଟ ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛି। ଲୋକ ସଭାରେ ମଙ୍ଗଳବାର କିମ୍ବା ବୁଧବାର ଏହା ଉପରେ ବିତର୍କ ହୋଇପାରେ।

## ୧୩.୧୩ ଲକ୍ଷ ଝିଅ...

(ସଂଶୋଧନ) ଆଇନ, ୨୦୧୩ କାର୍ଯ୍ୟକାରୀ ହୋଇଛି। ଏହା ବ୍ୟତୀତ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଠୋର କରିବା ପାଇଁ କ୍ରିମିନାଲ ଲ' ଆମେଣ୍ଡମେଣ୍ଟ ଆକ୍ଟ, ୨୦୧୮ କାର୍ଯ୍ୟକାରୀ ହୋଇଛି, ଯେଉଁଥିରେ ୧୨ ବର୍ଷ ବୟସରୁ କମ୍ ଝିଅଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡ ଦିଆଯାଇପାରିବ। ବଳାତ୍କାର ଅଭିଯୋଗର ୨ ମାସ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜଶିଟ୍ ଦାଖଲ କରିବା ଏବଂ ପରବର୍ତ୍ତୀ ୨ ମାସରେ ବିଚାର ଶେଷ କରିବାକୁ ଆଇନରେ ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସରକାର ଏକ ଏମର୍ଜେନ୍ସି ରେସ୍ପନ୍ସ ସପୋର୍ଟ ସିଷ୍ଟମ୍ ଆରମ୍ଭ କରିଛନ୍ତି। ୧୧୨ ନମ୍ବର ଭିତ୍ତିକ ଏହି ବ୍ୟବସ୍ଥା ମହିଳାଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିଥାଏ। ସ୍ମାର୍ଟ ପୋଲିସିଂ, ନିରାପଦ ପରିଚାଳନା, ସୁରକ୍ଷିତ ସିଟି ପ୍ରୋଜେକ୍ଟକୁ ସହାୟତା ପାଇଁ ପ୍ରଯୁକ୍ତି ବ୍ୟବହାରକୁ ପ୍ରଥମ ପର୍ଯ୍ୟାୟରେ ୮ ମହାନଗର ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ ଏବଂ ମୁମ୍ବାଇରେ ଲାଗୁ କରାଯାଇଛି। ସୋସିଆଲ ମିଡିଆରେ ଅଶ୍ଳୀଳ ବିଷୟ ସମ୍ପର୍କରେ ଜନସାଧାରଣ ଅଭିଯୋଗ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୧୮ ସେପ୍ଟେମ୍ବର ୨୦ରେ ସାଇବର ରିପୋର୍ଟିଂ ପୋର୍ଟାଲ ଏବଂ ଯୌନ ଅପରାଧୀଙ୍କ ଉପରେ ଏକ ଜାତୀୟ ଡେଟାବେସ୍ ଆରମ୍ଭ କରିଥିଲେ।

## ଟ୍ରମ୍ପଙ୍କ ଚ୍ୟାଲେଞ୍ଜର ହେବେ ...

ରୁଢ଼ିବାଦୀ ବୋଲି ଦାବି କରିଛନ୍ତି। ନ୍ୟୁଜର୍ସି ରିପବ୍ଲିକାନ ପାର୍ଟିର କଞ୍ଜରଭେଟିଭ୍ ୱିଙ୍ଗ୍ ପାଇଁ ସେ କାମ କରୁଛନ୍ତି। ଟ୍ରମ୍ପ୍ ଏକାଧିକ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ସତ୍ତ୍ୱେ ସେ ରିପବ୍ଲିକାନ୍ ପ୍ରାର୍ଥୀ ଦୌଡ଼ରେ ଆଗରେ ଅଛନ୍ତି। ଆସନ୍ତାବର୍ଷ ଜୁଲାଇ ୧୫ରୁ ୧୮ ୱିସକନସିନ୍‌ର ମିଲ୍‌ୱାଉକିଠାରେ ରିପବ୍ଲିକାନ୍ ବୈଠକ ବସି ଆନୁଷ୍ଠାନିକ ଭାବେ ପରବର୍ତ୍ତୀ ରାଷ୍ଟ୍ରପତି ପ୍ରାର୍ଥୀ ଚୟନ କରାଯିବ। ସାଉଥ୍ କାରୋଲିନାର ପୂର୍ବତନ ଗଭର୍ନର ତଥା ଟ୍ରମ୍ପ୍‌ଙ୍କ ପ୍ରଥମ ଜାତିସଂଘ ରାଷ୍ଟ୍ରଦୂତ ନିକ୍କି ହାଲି ରିପବ୍ଲିକାନ୍ ପ୍ରାଇମେରି ପ୍ରତିଯୋଗିତା ପାଇଁ ଏକମାତ୍ର ମହିଳା ପ୍ରାର୍ଥୀ। ପ୍ରବାସୀ ଭାରତୀୟ ଦମ୍ପତିଙ୍କ ଝିଅ ୫୧ ବର୍ଷୀୟ ନିକ୍କି ତାଙ୍କ ପୂର୍ବତନ ବସ୍ ଟ୍ରମ୍ପ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଯାଉଛନ୍ତି। ସେହିପରି ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗୀ ବିବେକ ରାମସ୍ୱାମୀ ଗତ ଫେବୃୟାରୀରେ ରିପବ୍ଲିକାନ ପ୍ରାର୍ଥିତ୍ୱ ଦୌଡ଼ରେ ସାମିଲ ହୋଇଥିଲେ। ଏମାନଙ୍କ ବ୍ୟତୀତ ଫ୍ଲୋରିଡ଼ା ଗଭର୍ନର ରୋନ୍ ଡିସାଣ୍ଟିସ୍ ମଧ୍ୟ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନବମସ୍ଥ ଚନ୍ଦ୍ର ପ୍ରଭାବରୁ ଘର କାମ ଛାଡି ବାହାର ଲୋକମାନଙ୍କ ପାଇଁ ବିଶେଷ ସମୟ ଦେବେ। ତଥାପି ପାରିବାରିକ ଜୀବନରେ ସୁଖ, ସ୍ୱାଚ୍ଛନ୍ଦ୍ୟ ବାଧାପ୍ରାପ୍ତ ହେବ ନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପୂର୍ବରୁ ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

**ବୃଷ**
କୌଣସି ବନ୍ଧୁଙ୍କ ସାହାଯ୍ୟର ପ୍ରତିଶ୍ରୁତି ଲାଭ କରି ଦିଲ୍‌ଖୁସ୍ ହୋଇଯିବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଆଶା କରିଥିବା ଦିଗରୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ମିଳିବ। ଗୃହ ସମସ୍ୟା, ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ମିଥୁନ**
ବନ୍ଧୁଙ୍କ ଗହଣରେ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ ଓ ଆପଣଙ୍କ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପାରିବାରିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ**
ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କାରଣ ଅତୀତର କେତେକ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ।

**ସିଂହ**
ଯେତେପ୍ରକାର ଚେଷ୍ଟା କଲେ ମଧ୍ୟ ଅଭାବ, ଅସୁବିଧା ଓ ପ୍ରତିକୂଳତା ଭିତର ଦେଇ ଗତି କରିବାକୁ ପଡିବ। କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ମନ ବିଚଳିତ ମଧ୍ୟ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା**
ବିଭିନ୍ନ ପ୍ରତିରୋଧର ସାମ୍ନା କରି ପାରିବାରିକ କ୍ଷେତ୍ରରେ ପରିସ୍ଥିତି ଗମ୍ଭୀର ରହିବ। ପରିବାର ମଧ୍ୟରେ କ୍ରୋଧବଶତଃ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ, କିନ୍ତୁ ଆପଣ ନିରାଶ ହେବେ ନାହିଁ। କର୍ମାରମ୍ଭରେ ପ୍ରଥମେ ସଙ୍କଟର ସମ୍ମୁଖୀନ ହେବେ କିନ୍ତୁ ପରେ ସବୁ କିଛି ଠିକ୍ ହୋଇଯିବ।

**ତୁଳା**
ଆଗାମୀ ଭବିଷ୍ୟତର ସୁନେଲୀ କଳ୍ପନାରେ ମନ ଉବୁଟୁବୁ ହୋଇପାରେ। ଅଫିସିଆଲି, ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ସାଙ୍ଗଙ୍କ ଦ୍ୱାରା ଉତ୍ସାହିତ ହୋଇ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ।

**ବିଛା**
ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ପ୍ରତ୍ୟେକ କାମ ଲାଗି ଅନୁକୂଳ ବାତାବରଣ ସୃଷ୍ଟି ହେବ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ପ୍ରଶାସନ, ଆଇନ, ଅଦାଲତ, ରାଜନୀତି ଓ ସାଂଗଠନିକ, ସଭାସମିତି ପାଇଁ ଦିନଟି ଭଲ।

**ଧନୁ**
ସକାଳୁ ସକାଳୁ କୌଣସି ଖୁସି ଖବର ମନକୁ ପୁଲ୍‌କିତ କରିଦେବ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ଅପରାହ୍ନ ସମୟରେ ସାହାଯ୍ୟ କରିବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**ମକର**
ପ୍ରତ୍ୟେକ ଦିଗ ପ୍ରତିବନ୍ଧକ ମୁକ୍ତ ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିବ। ଗୃହସୀମାକୁ କେନ୍ଦ୍ରକରି କିଛି ସମସ୍ୟା କିମ୍ବା ଜମିଜମା କଳହ ତୀବ୍ର ରୂପ ଧାରଣ କରିପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମୁଣ୍ଡରେ ହାତଦେଇ ବସିବାକୁ ପଡ଼ିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ।

**କୁମ୍ଭ**
ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ଯେତେ ଯାହା କଲେ ମଧ୍ୟ ସମସ୍ୟା ଆଦୌ ପିଛା ଛାଡିବ ନାହିଁ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ**
ଆଜି ଯାହା ଚାହିଁବେ ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଦୂରଯାତ୍ରାର ସୁଯୋଗ ପାଇବେ, କିନ୍ତୁ ହୁଏତ ଶେଷ ସମୟରେ ତାହା ବାତିଲ୍ ହୋଇଯାଇପାରେ। ଆଲୋଚନା ସମୟରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଶ୍ରାବଣ(ମଳ) ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ସୋମବାର, ଶିବଶୟନ ଚତୁର୍ଦ୍ଦଶୀ, ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଜୁଲାଇ ୩୧ ତାରିଖ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୬ ଗତେ, ଘ.୦୭।୦୨ ମଧ୍ୟେ, ଘ.୧୦।୩୫ ଗତେ, ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୦୨ ଗତେ, ଘ.୦୮।୨୯ ମଧ୍ୟେ ରାହୁକାଳ ।

# ବିନା ଅନୁମତିରେ ୬ମାସ ଛୁଟିରେ ଥିଲେ ଗୋପାଳ

**ସମ୍ବଲପୁର,୩୦।୭ (ଶୁଭାଶିଷ ପାଢ଼ୀ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିବା ପରେ ଏବେ ଲୋକଲୋଚନକୁ ଆସୁଛି ଅନେକ ପ୍ରସଙ୍ଗ। ଚାର୍ଜଶିଟ୍ ଓ ପଲିଗ୍ରାଫ ରିପୋର୍ଟକୁ ଦେଖିଲେ ଅନେକ ତଥ୍ୟରେ ତାଳମେଳ ମଧ୍ୟ ରହୁନାହିଁ। ଅଭିଯୁକ୍ତ ଗୋପାଳ ଦାସ ପୋଲିସ ବିଭାଗର ମୁଖିଆଙ୍କ ବିନା ଅନୁମତିରେ ଦୁଇଥରରେ ୬ମାସ ଛୁଟିରେ ରହିଥିଲେ। ଯାହାକୁ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କୁ ଚିଠି କରାଯାଇଥିଲା। ହେଲେ ସେ ମାନସିକ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସୁସ୍ଥ ଥିବା ରିପୋର୍ଟ ଦାଖଲ କରିବା ପରେ ପୁଣି ଚାକିରି ନିୟମିତ ହୋଇଥିଲା। ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏ ସମ୍ପର୍କରେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୦୧୪ ଫେବୃୟାରୀ ୩ ରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ୨ମାସ ବିନା ଅନୁମତିରେ ରହିଥିଲେ। ୨୦୧୫ ମସିହା ଫେବୃୟାରୀ ୨୦ ରୁ ୨୮ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଛୁଟିରେ ଥିଲେ। କିନ୍ତୁ ମାର୍ଚ୍ଚ ୧ରେ କାର୍ଯ୍ୟରେ ଯୋଗ ନ ଦେଇ ଗୋପାଳ ପୁଣି ବିନା ଅନୁମତିରେ ମାର୍ଚ୍ଚ ୧ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ରହିଥିଲେ। ହେଲେ ଏମ୍‌କେସିଜିରେ ମାନସିକ ରୋଗର ଚିକିତ୍ସା ହେଉଥିବା ଓ ସୁସ୍ଥ ହୋଇଥିବା ଡାକ୍ତରୀ ରିପୋର୍ଟ ଦେବାପରେ ଚାକିରିରେ ଯୋଗଦାନ କରିଥିଲେ। ଗୋପାଳ କେଉଁ କାରଣରୁ ଛୁଟି ନ ନେଇ ଏତେଦିନ ରହିଲେ ଯାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ ସ୍ପଷ୍ଟ ଯେ, ପୋଲିସ ବିଭାଗ ଗୋପାଳର ମାନସିକ ସ୍ଥିତି ସବୁ ସମୟରେ ଠିକ୍ ନ ଥିବା ପୂର୍ବରୁ ଜାଣିଥିଲା। ଅନ୍ୟପଟେ ଗୋପାଳର ମାନସିକ ରୋଗ ପରୀକ୍ଷା କରିବା ପାଇଁ ଗଠନ ହୋଇଥିବା ଡାକ୍ତରୀ ଟିମ୍ ମଧ୍ୟ ଗୋପାଳଙ୍କ ମାନସିକ ସ୍ଥିତିର ଉଚ୍ଚତର ପରୀକ୍ଷା ପାଇଁ ସୁପାରିଶ କରିବା ସହ ୪ ପ୍ରକାର ଔଷଧ ଖାଇବାକୁ ଦେବାକୁ ଗତ ଏପ୍ରିଲ ମାସରେ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏବେ ମଧ୍ୟ ମାନସିକ ରୋଗର ଔଷଧ ଗୋପାଳ ଖାଉଥିବା ଜଣାପଡିଛି।

ଅନ୍ୟପକ୍ଷେ ଗୋପାଳଙ୍କ ପଲିଗ୍ରାଫ ପରୀକ୍ଷାରେ ମଧ୍ୟ ମାନସିକ ରୋଗ ସମ୍ପର୍କରେ ଉଲ୍ଲେଖ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ହତ୍ୟା କରିବା ସମୟରେ ମାନସିକ ରୋଗ ପାଇଁ ଖାଉଥିବା ଔଷଧ ବନ୍ଦ କରିଦେଇଥିଲ କି ବୋଲି ତଦନ୍ତ ସମୟରେ ପ୍ରଶ୍ନ କରାଯାଇଥିଲା। ଅଭିଯୁକ୍ତ ଗୋପାଳ ହଁ କହି ଉତ୍ତର ଦେଉଥିଲେ। ଏହି ଦୁଇ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ଗୋପାଳ ସତରେ ପାଗଳ ଥିଲେ। ହେଲେ ବେଙ୍ଗାଲୁରୁ ନିମହାନ୍ସରେ ପରୀକ୍ଷା ପାଇଁ ଗୋପାଳଙ୍କୁ ନେବାକୁ କ୍ରାଇମବ୍ରାଞ୍ଚର ଆବେଦନ ଉପରେ କୋର୍ଟ ମନା କରି ଦେଇଥିଲେ। ରାଜ୍ୟ ସରକାର ଗଠନ କରିଥିବା ଡାକ୍ତରୀ ଦଳ ଫେବୃୟାରୀ ୫ ତାରିଖରେ ଦେଇଥିବା ରିପୋର୍ଟ ଅନୁସାରେ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ ରହିଛି ତେଣୁ ଅଧିକ ପରୀକ୍ଷା କରିବାର ଆବଶ୍ୟକତା ନୁହେଁ ବୋଲି ମନା କରିଥିଲେ। ଏବେ ଗୋପାଳ ଚୌଦ୍ୱାର ଜେଲରେ ଅଛନ୍ତି।

ସୂଚନାଯୋଗ୍ୟଯେ, ଜାନୁୟାରୀ ୨୯ତାରିଖରେ ନବ ଦାସ ଝାରସୁଗୁଡା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବାବେଳେ ତାଙ୍କୁ ଗାନ୍ଧୀଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ସର୍ଭିସ ବନ୍ଧୁକରୁ ଗୁଳି କରି ହତ୍ୟା କରିଥିଲେ। ହତ୍ୟାକାଣ୍ଡର ୧୧୮ ଦିନ ପରେ ୫୩୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ଏଥିରେ ୮୯ ଜଣ ସାକ୍ଷୀ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ମଧ୍ୟ ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଥିଲା। ଏପରିକି ଅଭିଯୁକ୍ତ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ଯଦି ବ୍ୟକ୍ତିଗତ କାରଣ ତାହା ହେଲେ ପାରିବାରିକ କିମ୍ବା ଚାକିରି କ୍ଷେତ୍ରକୁ ନେଇ ରାଗ ଥିଲା ତାହା ସ୍ପଷ୍ଟ ହୋଇପାରିଲା ନାହିଁ। ଯାହାକି ରାଜ୍ୟ ସରକାର ଓ ପୋଲିସ ବିଭାଗକୁ ସନ୍ଦେହ ଘେରକୁ ଟାଣି ଆଣିଥିଲା। ଅନ୍ୟପଟେ ଝାରସୁଗୁଡା କୋର୍ଟରେ ଜୁଲାଇ ୨୦ ଓ ଜୁଲାଇ ୨୭ ତାରିଖରେ ଗୋପାଳଙ୍କୁ କଡା ସୁରକ୍ଷା ବଳୟରେ ହାଜର କରାଯାଇଛି।

**ନବ ଦାସ ହତ୍ୟା ଘଟଣା**



ଗୋପାଳ ଦାସ

# ମାଉଣ୍ଟ ଏଲବ୍ରସ୍ ଚଢ଼ିବେ ସୌଭାଗ୍ୟ

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

ନୟାଗଡ଼ ଜିଲା ଇଟାମାଟିର ପର୍ବତାରୋହୀ ଆଇରନ୍ ମ୍ୟାନ୍ ସୌଭାଗ୍ୟ କୁମାର ରଥ ଅଗଷ୍ଟରେ ୟୁରୋପ ଓ ରୁଷ୍‌ର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରସ୍ (୧୮୫୧୦ ଫୁଟ ଉଚ୍ଚ) ଆରୋହଣ କରିବେ। ଏଥିପାଇଁ ସେ ଅଗଷ୍ଟ ୫ରେ ଦିଲ୍ଲୀରୁ ମସ୍କୋ ଯାତ୍ରା କରିବେ। ୭ ତାରିଖରେ ମସ୍କୋରୁ 'ମିନେରାଲନୀ ଭଡୀ'ରେ ପହଞ୍ଚିବା ପରେ ୮ ତାରିଖରେ ତାଙ୍କର ଦୁଃସାହସିକ ପର୍ବତାରୋହଣ ଯାତ୍ରା ଆରମ୍ଭ ହେବ। ପୂର୍ବରୁ ସେ ୨୦୧୯ରେ ଜର୍ମାନୀର ହାମ୍‌ବର୍ଗଠାରେ ଓ ୨୦୨୨ରେ କାଜାକସ୍ଥାନର ଆସ୍ଥାନା ସହରରେ ସଫଳତାର ସହ ଏକକାଳୀନ ସନ୍ତରଣ, ସାଇକ୍ଲିଂ ଓ ଦୌଡ଼ ସମାପ୍ତ କରି ୨ଥର ଆଇରନ ମ୍ୟାନ ଟାଇଟଲ ହାସଲ କରିଛନ୍ତି। ସେହିପରି ଭୃଗୁଲେକ୍, ଫ୍ରେଣ୍ଡଶିପ ପିକ୍, ହମ୍‌ତା ପାସ୍ ଭଳି ଗିରିଶୃଙ୍ଗ ସଫଳତାର ସହ ଆରୋହଣ କରିଛନ୍ତି। ଭବିଷ୍ୟତରେ ସେ ବିଶ୍ୱର ୭ ମହାଦେଶର ସର୍ବୋଚ୍ଚ ୭ ଗିରିଶୃଙ୍ଗ ଆରୋହଣ କରିବାକୁ ଲକ୍ଷ୍ୟ ରଖିଥିବା ସୌଭାଗ୍ୟ କହିଛନ୍ତି।

ତେବେ ସୌଭାଗ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳତା କାମନା କରିବା ପାଇଁ ରବିବାର ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶା ମିଡିଆ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କରୁଣାକର ପଟ୍ଟନାୟକ, ଭାରତ ସରକାରଙ୍କ ପୂର୍ବତନ ମିଡିଆ ପରାମର୍ଶଦାତା ତଥା ଡିଏଭିପିର ପୂର୍ବତନ ମହାନିର୍ଦ୍ଦେଶକ ଡ. ଉମାକାନ୍ତ ମିଶ୍ର ଏବଂ ଲେଖକ ଦାଶ ବେନହୁର ଅତିଥି ଭାବେ ଯୋଗଦେଇ ସୌଭାଗ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ପର୍ବତାରୋହଣ କରି ସେ କେବଳ ନୟାଗଡ଼ ନୁହେଁ, ବରଂ ଭାରତ ପାଇଁ ଗୌରବ ଆଣିବାକୁ ଯାଉଛନ୍ତି ବୋଲି କରୁଣାକର କହିଥିଲେ। ସେହିପରି ସାଧୁତା, କଠିନ ପରିଶ୍ରମ ଓ ବିନମ୍ରତା ସଫଳତା ଆଣିଥାଏ ବୋଲି ଡ. ମିଶ୍ର ମତ ଦେଇଥିଲେ। ପ୍ରତିଟି ସଫଳତା ପଛରେ ଅନେକ ବିଫଳତାର ତାଲିକା ଥାଏ। ମନୋବଳ ଦୃଢ଼କରି ଆଗେଇ ଚାଲିଲେ ସେ ବିଶ୍ୱର ଅନ୍ୟ ଗିରିଶୃଙ୍ଗ ମଧ୍ୟ ଲଘିପାରିବେ ବୋଲି ଦାଶ ବେନ୍‌ହୁର ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ସୌଭାଗ୍ୟ ଉପସ୍ଥିତ ରହି ନିଜର ପୂର୍ବ ଅଭିଜ୍ଞତା ବଖାଣିବା ସହ ଆଗାମୀ ଯୋଜନା ସଂକ୍ରାନ୍ତ ତଥ୍ୟ ଓ ସୂଚନା ଉପସ୍ଥାପନ କରିଥିଲେ। କଥାଶିଳ୍ପୀ ତଥା ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ସାମ୍ବାଦିକ ତଥା ମଞ୍ଚର ସହ ଆବାହକ ସୁବ୍ରତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ମଞ୍ଚ ସଦସ୍ୟଙ୍କ ସମେତ ନୟାଗଡ଼ ଜିଲାର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



ସୌଭାଗ୍ୟ କୁମାର ରଥ

# ନରେନ୍ଦ୍ର ମିଶ୍ର ପାଇବେ 'ଗଙ୍ଗାଧର ମେହେର' ସମ୍ମାନ

**ଭୁବନେଶ୍ୱର, ୩୦।୭(ବନ୍ଦନା ସେଠୀ)**

ଗଙ୍ଗାଧର ମେହେର ସ୍ମୃତି କମିଟିର ବୈଠକ ରବିବାର ଚନ୍ଦ୍ରଶେଖରପୁରସ୍ଥିତ ମିହିର ମେହେରଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ମୃତି କମିଟିର କର୍ମକର୍ତ୍ତା ଚୟନ କରାଯିବା ସହ ଚଳିତ ବର୍ଷର ସମ୍ମାନଜନକ 'ଗଙ୍ଗାଧର ମେହେର ସମ୍ମାନ' ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନରେନ୍ଦ୍ର କୁମାର ମିଶ୍ରଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ମେହେର ସ୍ମୃତି କମିଟି ଅଧ୍ୟକ୍ଷ ଭାବେ ସଞ୍ଜୀବ ଚନ୍ଦ୍ର ହୋତା, ଉପାଧ୍ୟକ୍ଷ ବ୍ରହ୍ମାନନ୍ଦ ମେହେର ଓ ନରସିଂହ ମେହେର, ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର ଓ ଶେଷଦେବ ମେହେର, ଆବାହକ ମିହିର ମେହେର, ସମ୍ପାଦକ ଦିଲୀପ ଦାଶଶର୍ମା, ଯୁଗ୍ମ ସମ୍ପାଦକ କୁମରମଣି ମେହେର ଓ ସୁରେଶ ନାୟକ, ସାଙ୍ଗଠନିକ ସମ୍ପାଦକ ଅଶୋକ ମେହେର, ମଣିକର ମେହେର, ସନତ ମେହେର, ଧନୁର୍ଜୟ ମେହେର ଓ ଲୋକେଶ ଜଗତ, କୋଷାଧ୍ୟକ୍ଷା ଭାବେ ଗୀତା ମେହେର, ଗଣମାଧ୍ୟମ ସମ୍ପାଦକ ଭାବେ ମାନସ ପରିଡା ଓ ଶକ୍ତିମାନ ମେହେର, ସ୍ମରଣିକା ସମ୍ପାଦକ ସୁଶୀଲ କୁମାର ବାଗ ଓ ପ୍ରଶାନ୍ତ ମହାପାତ୍ର, କାର୍ଯ୍ୟାଳୟ ସମ୍ପାଦକ ଭାବେ ସମୀର ମେହେର ଓ ସଞ୍ଜୀବ ମେହେର ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।

# ୱିଲିୟମ୍ ୱାର୍ଡ୍ସୱର୍ଥଙ୍କ ସହିତ ଗଙ୍ଗାଧର ମେହେର ତୁଳନୀୟ




## ବରୁଣେଶ୍ୱର କଲେଜରେ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଯାଜପୁର,୩୦।୭(ହର୍ଷବର୍ଦ୍ଧନ ବେହେରା)**

ଅଖିଳଚକ୍ର ଓଡ଼ିଶା ଆନୁକୂଲ୍ୟରେ ସ୍ୱଭାବ କବିଗଙ୍ଗାଧର ମେହେରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ରବିବାର ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ଏହାକୁ ଉନ୍ମୋଚନ କରିଥିଲେ। ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ସଭାରେ ଅଧ୍ୟକ୍ଷ ମହାପାତ୍ର କହିଥିଲେ, ବିଶ୍ୱର ଶ୍ରେଷ୍ଠ ପ୍ରକୃତି କବି ୱିଲିୟମ୍ ୱାର୍ଡ୍ସୱର୍ଥଙ୍କ ସହିତ କବି ଗଙ୍ଗାଧର ମେହେର କୌଣସି ଗୁଣରେ କମ୍ ନୁହନ୍ତି। ଏମାନେ ପ୍ରକୃତିକୁ ଭିନ୍ନ ଦୃଷ୍ଟିରେ ଦେଖିଥାଆନ୍ତି। ଅଜୟ କୁମାର ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗଙ୍ଗାଧର ମେହେରଙ୍କ ସମଗ୍ର କାବ୍ୟ ତାଙ୍କର ମୌଳିକ ଚିନ୍ତା ଚେତନାକୁ ବହନ କରିଛି। ଓଡ଼ିଆ ସାହିତ୍ୟରେ ତାହା ବିରଳ। ପ୍ରକୃତିକୁ ନେଇ ସେ ଯେଉଁ କବିତା ରଚନା କରିଛନ୍ତି, ତାହା କାଳଜୟୀ ବୋଲି ସେ କହିଥିଲେ। ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ସମ୍ମାନିତ ଅତିଥି ଏବଂ ପଶ୍ଚିମାଞ୍ଚଳର ପ୍ରତିନିଧି ଭାବେ ଯୋଗଦେଇ କହିଥିଲେ, ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି ଏହି କଲେଜ ପରିସରରେ ସ୍ଥାପନ କରାଯିବା ଗୌରବର ବିଷୟ। କବିଙ୍କ ବାଲ୍ୟ ଶିକ୍ଷା ଓ ତାଙ୍କର ଅସାଧାରଣ କାବ୍ୟିକ ପ୍ରତିଭା ସମ୍ପର୍କରେ ସେ ବର୍ଣ୍ଣନା କରିଥିଲେ। ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ ମୁଖ୍ୟଅତିଥି ଏବଂ ଡ. ଶ୍ରୀହରି ଧଳ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ରଚିତ କବିତାରେ ପ୍ରକୃତି, ଆଧ୍ୟାତ୍ମିକତା, ଦେଶାତ୍ମକବୋଧ ଭାବଧାରା ଥିଲା ବୋଲି କହିଥିଲେ। ସଭାପତି ଧଳମହାପାତ୍ର କହିଥିଲେ, ସ୍ୱଭାବ କବି ଆମ ପ୍ରକୃତି ଉପରେ କବିତାର ଧାରା ସୃଷ୍ଟି କରିଥିଲେ। ତାଙ୍କ କବିତାର ମୌଳିକତା ବାସ୍ତବରେ ଅନନ୍ୟ। ସାହିତ୍ୟ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ରକ୍ଷା କରିବା ତାଙ୍କର ଲକ୍ଷ୍ୟ ଥିଲା। ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, ପୂଜ୍ୟପୂଜା ପରମ୍ପରାକୁ ରକ୍ଷା କରିବା ପାଇଁ ଅଖିଳଚକ୍ର ୫୩ ବର୍ଷ ଧରି କାର୍ଯ୍ୟ କରିଆସିଛି। ଏହି ପରମ୍ପରାକୁ ଉତ୍ତରପିଢ଼ିଙ୍କ ପାଇଁ ଧରି ରଖିବା ଏବଂ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବା ନିମନ୍ତେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଲକ୍ଷ୍ୟ ରହିଛି। ସହଯୋଗୀ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ପୀତାମ୍ବର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

# ତାରକା ହୋଟେଲରେ ଚଢ଼ାଉ, କଇଁଛ ଜବତ

## କର୍ତ୍ତୃପକ୍ଷଙ୍କ ନାମରେ ମାମଲା ରୁଜୁ କରି ବନ ବିଭାଗର ତଦନ୍ତ

**ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ)**

ଭୁବନେଶ୍ୱରର ଏକ ତାରକା ହୋଟେଲରେ ଶନିବାର ବିଳମ୍ବିତ ରାତିରେ ଚନ୍ଦକା ବନ୍ୟ ପ୍ରାଣୀ ଡିଭିଜନ ପକ୍ଷରୁ ଚଢାଉ କରାଯାଇ ୫ଟି କଇଁଛ ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ୩ଟି ବିଦେଶୀ ରେଡ୍ ଇୟର ସ୍ଲାଇଡର କଇଁଛ ଥିବାବେଳେ ୨ଟି ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛ ରହିଛି। ରେଡ ଇୟର୍ ସ୍ଲାଇଡରଙ୍କୁ ଘରେ ପାଳନ କରିହେବ। ମାତ୍ର ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛ ଭାରତୀୟ ବନ୍ୟପ୍ରାଣୀ ଆଇନରେ ତଫସିଲ ୧ ବା ସିଡ୍ୟୁଲ ୧ ସଂରକ୍ଷିତ ତାଲିକାଭୁକ୍ତ। ତେଣୁ ଏହି ପ୍ରଜାତିର କଇଁଛକୁ ଘରେ ପାଣିକୁଣ୍ଡରେ ପୋଷିଲେ କିମ୍ବା ଶିକାର କରି ତା'ର ମାଂସ ଖାଇଲେ ୭ ବର୍ଷ ଯାଏ ଜେଲ ଦଣ୍ଡ ଭୋଗିବାକୁ ପଡ଼ିପାରେ। ତେଣୁ ଉଦ୍ଧାର ୫ କଇଁଛ ମଧ୍ୟରୁ ୨ଟି ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛକୁ ଜବତ କରାଯାଇ ତଦନ୍ତ କରାଯାଉଥିବା ଚନ୍ଦକା ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା କହିଛନ୍ତି। କଇଁଛ କେଉଁଠୁ ଆସିଲା, କେଉଁ ଉଦ୍ଦେଶ୍ୟରେ ଏଠାରେ ରଖାଯାଇଥିଲା, ସେନେଇ ଖୋଳତାଡ଼ କରାଯିବା ସହ ହୋଟେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ନିୟମ ଅନୁଯାୟୀ କୌଣସି ସିଡ୍ୟୁଲ ପ୍ରାଣୀଙ୍କୁ ଘରେ ରଖାଯାଇ ପାରିବ ନାହିଁ। ଏହାକୁ ଅବମାନନା କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ମଧ୍ୟ ଲାଗୁ ହୋଇପାରେ ବୋଲି ଏସିଏଫ୍ କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବାଉରୀ ବନ୍ଧୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା।



## ସାପ କାମୁଡ଼ାରେ ଶ୍ରମିକ ମୃତ

**ରାଉରକେଲା, ୩୦।୭(ସଙ୍ଗୀତା ଜେନା)**

ବିଷାକ୍ତ ସାପ କାମୁଡିବାରୁ ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡି ଅନ୍ତର୍ଗତ ସାଇପଡ଼ା ଅଞ୍ଚଳର ଜଣେ ଶ୍ରମିକଙ୍କ ରବିବାର ସକାଳେ ମୃତ୍ୟୁ ହୋଇଛି। ମୃତକ ହେଲେ କଲୁଙ୍ଗା ବଜରଙ୍ଗ ଷ୍ଟିଲରେ କାମ କରୁଥିବା ମିଥୁନ ପ୍ରଧାନ(୩୫)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୯।୨୩) ରୁଜୁ କରିଛି।

# ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ ହୋଇଛି: ଧର୍ମେନ୍ଦ୍ର




ଅଖିଳ ଭାରତୀୟ ଶିକ୍ଷା ସମାଗମର ଉଦ୍‌ଯାପନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବା ଅବସରରେ।

**ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)**

ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି (କାପାସିଟି ବିଲ୍‌ଡିଂ) ପାଇଁ ପ୍ରଶିକ୍ଷଣ ଦେବା ଦିଗରେ ବ୍ୟାପକ ଯୋଜନା ପ୍ରସ୍ତୁତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମଠାରେ ଆୟୋଜିତ ଦୁଇ ଦିବସୀୟ 'ଅଖିଳ ଭାରତୀୟ ଶିକ୍ଷା ସମାଗମ'ର ଉଦଯାପନୀ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ଶିକ୍ଷାନୁଷ୍ଠାନ ଏକ ମନ୍ଦିର। ଆମେ ସମସ୍ତେ ଶିକ୍ଷା ପରିବାରର ଏକ ଅଂଶ, ଛାତ୍ରୀଛାତ୍ରମାନଙ୍କ ପ୍ରତି ଥିବା ଆମର ଦାୟିତ୍ୱବୋଧକୁ ସମ୍ପାଦନ କରିବା ସମସ୍ତଙ୍କ ଦାୟିତ୍ୱ। ଏକବିଂଶ ଶତାବ୍ଦୀରେ ଦେଶକୁ ଆଗକୁ ନେବା ପାଇଁ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଉପରେ ବ୍ୟାପକ ଯୋଜନା ପ୍ରସ୍ତୁତ ହେଉଛି। ଚଳିତ ଶିକ୍ଷାବର୍ଷରେ ୧୦୦ଟି ଡାଇଟ୍‌କୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ଆମ ଦେଶରେ କୋଟିଏ ସ୍କୁଲ ଶିକ୍ଷକ ଅଛନ୍ତି। ସେମାନଙ୍କ କ୍ଷମତା ବଢାଇବା ଆମର ପ୍ରାଥମିକତା। ଆମ ଦେଶରେ ୫୦ ହଜାର କଲେଜ ଏବଂ ୧୧୦୦ ବିଶ୍ୱବିଦ୍ୟାଳୟ ଓ ଏହାସହ ଅନୁବନ୍ଧିତ ଅନେକ ଶିକ୍ଷାନୁଷ୍ଠାନ ରହିଛି। ଏହାକୁ ଗତି ଦେବା ପାଇଁ ୟୁଜିସି ଓ ଉଚ୍ଚ ଶିକ୍ଷାନୁଷ୍ଠାନ ବିଭାଗ ପ୍ରାରମ୍ଭରେ ମାଲବୀୟ ମିଶନ ଅନ୍ତର୍ଗତ ସବୁ ରାଜ୍ୟରେ ଦକ୍ଷତା ବୃଦ୍ଧି ନିମନ୍ତେ ବ୍ୟବସ୍ଥା କରାଯିବ। ଏକବିଂଶ ଶତାବ୍ଦୀର ନୂଆପିଢିଙ୍କ ଲାଗି ସ୍କୁଲ୍ ଶିକ୍ଷା ପାଇଁ ୧୦୦ଟି, ଉଚ୍ଚଶିକ୍ଷାନୁଷ୍ଠାନ ପାଇଁ ୧୦୦ଟି ଏବଂ ଦକ୍ଷତା ପରିସଂସ୍ଥାନ କ୍ଷେତ୍ରରେ ୧୦୦ଟି ଟ୍ରେନର ଟ୍ରେନିଂ ଇନଷ୍ଟିଚ୍ୟୁଶନ ଏବଂ ଟିଚର୍ କାପାସିଟି ବିଲଡିଂ ଇନଷ୍ଟିଚ୍ୟୁଶନ ପ୍ରତିଷ୍ଠା କରିବା ପାଇଁ ଭାରତ ସରକାର କାମ କରୁଛନ୍ତି ବୋଲି ସେ କହିଛନ୍ତି। ଜାତୀୟ ଶିକ୍ଷା ନୀତି ଏପରି ଏକ ଦସ୍ତାବିଜ, ଯାହା ଦେଶର ଶିକ୍ଷା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାର କ୍ଷମତା ରଖିଛି। ଦେଶକୁ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ହେଲେ ଏହି ଶିକ୍ଷା ନୀତିକୁ କ୍ରିୟାନ୍ୱୟନ କରିବାକୁ ପଡ଼ିବ। ବିଶ୍ୱ ସମସ୍ୟା ସମାଧାନର ରାସ୍ତା ବାହାର କରିବା ହେଉ କିମ୍ବା ଦେଶକୁ ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ନୂଆ ଶିକ୍ଷା ନୀତିକୁ ଲାଗୁ କରାଇବା ପାଇଁ ପଡ଼ିବ। ସେହିପରି ପିଏମ୍ ଶ୍ରୀସ୍କୁଲ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନର ପ୍ରାରମ୍ଭିକ ପ୍ରୟୋଗଶାଳା ହେବ। ଏହି ସ୍କୁଲକୁ ସଫଳ କରିବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନ ସମେତ ସମସ୍ତଙ୍କର ସହଯୋଗ ଆବଶ୍ୟକବୋଲି ଧର୍ମେନ୍ଦ୍ର କହିଛନ୍ତି। ଆୟୋଜିତ ପ୍ରଦର୍ଶନୀରେ ପ୍ରାୟ ୨ ଲକ୍ଷ ଛାତ୍ରୀଛାତ୍ର ଓ ଶିକ୍ଷା ଏବଂ ଦକ୍ଷତା ବିକାଶ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିବା ସୂଚନା ଦିଆଯାଇଛି।

# ଦିବ୍ୟାଙ୍ଗ ଛାତ୍ରୀଙ୍କ ବିକାଶ ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଡିଏସଟି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



**ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)**

ଦିବ୍ୟାଙ୍ଗ ଛାତ୍ରୀଙ୍କ ବିକାଶ ପାଇଁ ରମାଦେବୀ ବିଶ୍ୱବିଦ୍ୟାଳୟ ଏବଂ ଡାଇଭର୍ସ ସୋସାଇଟି ଟ୍ରଷ୍ଟ (ଡିଏସ୍‌ଟି) ମଧ୍ୟରେ ରବିବାର ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଦୁଇବର୍ଷ ପାଇଁ ଏହି ଏମ୍‌ଓୟୁ ହୋଇଥିବାବେଳେ ଏଥିରେ ଡିଏସ୍‌ଟିର ଟ୍ରଷ୍ଟି ଅର୍ଚ୍ଚନା ମିଶ୍ର, ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ପିଜି କାଉନ୍‌ସିଲର ମୁଖ୍ୟ ପ୍ରଫେସର ଚଣ୍ଡୀ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଏମ୍‌ଓୟୁ ଅନୁସାରେ ଦିବ୍ୟାଙ୍ଗ, ଦୃଷ୍ଟିହୀନ ଛାତ୍ରୀଙ୍କୁ ସେମାନଙ୍କ ଦକ୍ଷତା ଓ କ୍ୟାରିୟର ବିକାଶ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାସହ ସେମାନଙ୍କ ପାଇଁ ବିଭିନ୍ନ କର୍ପୋରେଟ ସେକ୍ଟରରେ ନିଯୁକ୍ତି ସୃଷ୍ଟି ସହ ଦକ୍ଷତା ଅନୁଯାୟୀ ମଧ୍ୟ କର୍ମନିଯୁକ୍ତି ଯୋଗାଇ ଦିଆଯିବ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀମାନେ କିପରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଅତିଥିମାନେ ଆଲୋଚନା କରିଥିଲେ।

"ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। –ଶ୍ରୀଅରବିନ୍ଦ

# ମୂଲ୍ୟବୋଧଭିତ୍ତିକ ରାଜନୀତି



ହରେକୃଷ୍ଣ ପଣ୍ଡା

ଆମ ଭାରତୀୟ ରାଜନୀତିରେ କ'ଣ ମୂଲ୍ୟବୋଧଭିତ୍ତିକ ରାଜନୀତି ସମ୍ଭବ ହେବ ନାହିଁ? ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଯେତେବେଳେ ସମ୍ଭବ ହୋଇ ନାହିଁ ତାହା ଏବେ କାହିଁକି, ଆଗାମୀ ଭବିଷ୍ୟତରେ ବି ସମ୍ଭବ ହେବ ନାହିଁ ବୋଲି ମନେହୁଏ। ଗଣତନ୍ତ୍ରର ତିନୋଟି ମଜଭୁତ ସ୍ତମ୍ଭ ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଆଉ ନ୍ୟାୟପାଳିକା। ଆମ ଦେଶର ମେଧାବୀ ଯୁବ ଗୋଷ୍ଠୀ ଅଧ୍ୟୟନ କରିବା ସମୟରେ ଲକ୍ଷ୍ୟ ରଖିଥାଆନ୍ତି ନିଜକୁ କିପରି ପ୍ରସ୍ତୁତ କରିବେ ନ୍ୟାୟପାଳିକାରେ, ଆଉ କିଛି ମେଧାବୀ ଲକ୍ଷ୍ୟ ରଖନ୍ତି କାର୍ଯ୍ୟପାଳିକାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ଆଉ କିଛି ଯୁବ ଗୋଷ୍ଠୀ ଆଶା ପୋଷଣ କରନ୍ତି ଯେକୌଣସି ସଂସ୍ଥାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ତେବେ ପିଲାଟିବେଳୁ କେହି କୁହନ୍ତି ନାହିଁ ଯେ ମୁଁ ଜଣେ ସରପଞ୍ଚ,ଏମ୍ଏଲ୍ଏ,ଏମ୍ପି ହୋଇ ରାଜନୀତିରେ ପ୍ରବେଶ କରିବି ବୋଲି। ମେଧାବୀ ପିଲାମାନେ ଦେଶର ନ୍ୟାୟ ବିଭାଗରେ, ଅଥବା ଆଇଏଏସ୍,ଓଏଏସ୍ ହୋଇ ବାହାରିବା ଉଚ୍ଚ ଆଶା ପୋଷଣ କରିଥାଆନ୍ତି। କେହି କେହି ଦେଶରେ ସ୍ୱାଧୀନ ଭାବେ ଜଣେ ଶିଳ୍ପପତି କିମ୍ବା ଉଦ୍ୟୋଗପତି ହୋଇଥାଆନ୍ତି। କିନ୍ତୁ ଜଣେ ରାଜନେତା, ରାଜନୀତିଜ୍ଞ କିମ୍ବା ଲୋକପ୍ରତିନିଧି ହେବା ଲକ୍ଷ୍ୟ କେହି ଆଶାପୋଷଣ କରି ନ ଥାଆନ୍ତି। କାରଣ ଗଣତନ୍ତ୍ର ଶାସନରେ ଏମାନଙ୍କ ପାଇଁ ଯୋଗ୍ୟତା, ଜ୍ଞାନ, ଅଭିଜ୍ଞତା କୌଣସିଟିର ଆବଶ୍ୟକତା ନ ଥାଏ।

ତେବେ ପରିସ୍ଥିତି, ପରିବେଶ ଓ ସୁଯୋଗକୁ ନେଇ ଜଣେ ରାଜନେତା ବା ଲୋକପ୍ରତିନିଧି ହୋଇଥାଆନ୍ତି। କିନ୍ତୁ ଏମାନଙ୍କ ପାଇଁ କଠିନ ଅଗ୍ନିପରୀକ୍ଷା ରହିଥାଏ, ଯାହା ଉପରୋକ୍ତ ଦୁଇଟି ସ୍ତମ୍ଭ ପାଇଁ ନ ଥାଏ। ତାହା ହେଲା ନିର୍ବାଚନ ବୈତରଣୀ ପାର ହେବା। ଜଣେ ପ୍ରଶାସକ ବା ଶିଳ୍ପପତି ବା ବିଭିନ୍ନ ସଂସ୍ଥାର ଉଚ୍ଚ ପଦପଦବୀ ମଣ୍ଡନ କରୁଥିବା ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ଅଧ୍ୟାପନା କଲେ ସେମାନେ ଲକ୍ଷ୍ୟ ହାସଲ କରିପାରନ୍ତି। ନିଜସ୍ୱ ମେଧା ବଳରେ ଜଣେ ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ କିମ୍ବା ଡାକ୍ତର, ଇଞ୍ଜିନିୟର ହୋଇପାରନ୍ତି। ହେଲେ ଜ୍ଞାନ ମେଧା ବା ଯୋଗ୍ୟତାକୁ ନ ନେଇ ଲୋକପ୍ରତିନିଧି ହୋଇପାରିବେ। ଅନ୍ୟ ଦେଶରେ ସାମାଜିକ କାର୍ଯ୍ୟ, ସେବା କରୁଥିବା ବ୍ୟକ୍ତି ଲୋକପ୍ରତିନିଧିଟିଏ ହୋଇପାରେ। ଏକଛତ୍ରବାଦୀ ଦେଶମାନଙ୍କରେ ନିଜର ବାହୁବଳ ଥିଲେ ପ୍ରତିନିଧିଟିଏ ହୋଇପାରେ। ଦେଖିବାକୁ ଗଲେ ଲୋକପ୍ରତିନିଧିଟିଏ ହେବା ପାଇଁ ଏବେ ବାହୁବଳ, ଅର୍ଥବଳ, ଚତୁରତା ଆଦି କେତେକ ଶକ୍ତି ଆବଶ୍ୟକ ହେଉଛି। ଖାଲି ସେତିକି ନୁହେଁ ଦଳର ନେତୃବୃନ୍ଦଙ୍କ ଗୋଡାଣିଆ ହୋଇ ନ ଥିଲେ ସୁପାରିସ ପତ୍ର ପାଇବା ଅସମ୍ଭବ। ଗଣତାନ୍ତ୍ରିକ ଦେଶରେ ଗଣତାନ୍ତ୍ରିକ ଶାସନକୁ ଯିଏ ଯାଉଛନ୍ତି ସେମାନେ ଅଗଣତାନ୍ତ୍ରିକ ଉପାୟରେ ଯିବାକୁ ପଡୁଛି। ଦଳୀୟ ନେତୃବୃନ୍ଦଙ୍କ ସନ୍ତୁଷ୍ଟୀକରଣ ନିମନ୍ତେ କାମ କରିବାକୁ ହୁଏ। ଦେଶର ମୁଖ୍ୟ ଶାସକ କୁହନ୍ତି, ଆମେ ଦେଶର ଅଗଣିତ ଜନତାଙ୍କ ସେବା ପାଇଁ ଆସିଛୁ। ସେହି କଥାର କିଛି ପ୍ରାସଙ୍ଗିକତା ଥିବା ଜଣାପଡେ ନାହିଁ। କାରଣ ଗାଦିର ମୋହ ଥରକ ପାଇଁ ନୁହେଁ, ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖିଥାଆନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଚୟନରେ ଯେଉଁ ମନ୍ତ୍ରିମଣ୍ଡଳ ଗଠନ କରାଯାଏ, ସେମାନେ କ'ଣ ଦେଶ ସେବା ପାଇଁ କାମ କରନ୍ତି? ଏହା ଜଳଜଳ ହୋଇ ଦିଶୁଛି ସେମାନେ ମୁଖ୍ୟାଧିପତିଙ୍କ ସନ୍ତୁଷ୍ଟୀକରଣ ଓ ନିଜ ଦଳ ପାଇଁ କାମ କରନ୍ତି। ଏମାନଙ୍କର ଆଇନକାନୁନ, ସମ୍ବିଧାନ, ଲୋକଙ୍କ ଆଶା ଆକାଂକ୍ଷା ପ୍ରତି ଆଦୌ ଦୃଷ୍ଟି ନ ଥାଏ। ଏହା ଏବେକାର ରାଜନୈତିକ ପରମ୍ପରା। ଯେଉଁ ଦଳ ଗଣତାନ୍ତ୍ରିକ ଶାସନର ଭାର ବହନ କରୁଛନ୍ତି ସେହି ଦଳର ଗଣତାନ୍ତ୍ରିକ ଭିତ୍ତିଭୂମି ନ ଥିବା ଦେଖାଯାଏ। ଦଳୀୟ ନେତୃବୃନ୍ଦଙ୍କର ରାଷ୍ଟ୍ରଭକ୍ତି ଲୋକସେବା ଲକ୍ଷ୍ୟ ନ ଥାଏ, ଲକ୍ଷ୍ୟ ଥାଏ ଗାଦିନସୀନ ହେବା। ଆଉ ଗୋଟିଏ ପ୍ରଥା ଅଛି, ଯେଉଁ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିବ ସେ ଶାସନ କରିବ। ଭାବି ଦେଖନ୍ତୁ ଯେଉଁ ଦଳ ଶାସନ ଗାଦି ଦଖଲ କଲା ସେ ଆଗାମୀ ଭବିଷ୍ୟତ ଚିନ୍ତା ଛାଡିପାରିବ କି? ନିଜ ଦଳ ପ୍ରତି ଲୋକଙ୍କ ଆକର୍ଷଣ କିପରି ବୃଦ୍ଧି ପାଇବ ସେଥିପାଇଁ କାମ ନ କରିବ କି? ନିଜ ମନ୍ତ୍ରିମଣ୍ଡଳର ଦୁର୍ବଳତାକୁ ପଦାରେ ପକାଇବାକୁ ଉଚିତ ମଣିବ କି? ଏଭଳି ରାଜନୈତିକ ପରମ୍ପରାକୁ କେହି କ'ଣ ତ୍ୟାଗ କରିପାରିବେ ? ଏଠାରେ କୁହାଯାଇପାରେ ଗଣତାନ୍ତ୍ରିକ ପରମ୍ପରା ଖରାପ ନୁହେଁ, କେବଳ ଦୁର୍ବଳ ଅନଭିଜ୍ଞମାନେ ଏହାକୁ ଅବାଟରେ ନେଉଛନ୍ତି।



ଯେଉଁ ବିରୋଧୀ ଦଳ ଆଜି ପାଟି କରୁଛନ୍ତି, ଚିତ୍କାର କରି ବିରୋଧାଭାସ ପ୍ରକାଶ କରୁଛନ୍ତି, ସେମାନେ କ'ଣ ଏଭଳି ପରମ୍ପରାରୁ ଊର୍ଦ୍ଧ୍ୱରେ ଅଛନ୍ତି କି? ଏମାନେ ଗାଦିନସୀନ ହେଲେ କ'ଣ ଦଳ ପାଇଁ କାମ ନ କରି ଦେଶ ପାଇଁ କାମ କରିବେ? ଏହା ଅସମ୍ଭବ ମନେହୁଏ। ମୂଲ୍ୟବୋଧ ରାଜନୀତିକୁ ଧରିଲେ କେହି ତିଷ୍ଠିବେ ନାହିଁ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଦଳର ନେତୃତ୍ୱ ଯିଏ ନେଉଛନ୍ତି ସେମାନଙ୍କ ଇଚ୍ଛା ଉପରେ ସବୁ କିଛି ନିର୍ଭର କରୁଛି। ପବିତ୍ର ଗଣତାନ୍ତ୍ରିକ ପଦ୍ଧତିକୁ କୌଣସି ଦଳ ଅନୁସରଣ କରନ୍ତି ନାହିଁ। ସେଥିପାଇଁ ନିର୍ବାଚନ କମିଶନର ଏମାନଙ୍କ ଉପରେ ତାଗିଦ କରିବା ଦେଖାଯାଏ, ଦଳର ସମ୍ବିଧାନ ସର୍ବସମ୍ମୁଖରେ ପ୍ରକାଶ କର। ଦଳ ଭିତରେ ନିର୍ବାଚନଭିତ୍ତିକ ନେତା ଓ କର୍ମକର୍ତ୍ତା ନିର୍ବାଚିତ କର। ଦଳୀୟ ପାଣ୍ଠିର ଅଡିଟ ରିପୋର୍ଟ ଦିଅ । ଏ କଥାକୁ ଯଦିଓ କେହି ମାନନ୍ତିନାହିଁ ତଥାପି ସେମାନଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ବାଟ ଛାଡି ଦିଆଯାଏ। ଦଳୀୟ ପ୍ରାର୍ଥୀ ଚୟନ ପାଇଁ କୌଣସି ମାପଦଣ୍ଡ ନିର୍ବାଚନ କମିଶନର ରଖିନାହାନ୍ତି। ତେଣୁ ରାଜନୈତିକ ଦଳର ନେତୃବୃନ୍ଦ ଅମାପ ଏକଛତ୍ରବାଦ କ୍ଷମତା ଉପଭୋଗ କରି ଚାଲିଛନ୍ତି।

ଆମ ଦେଶର ଜନଚରିତ୍ର ହେଉଛି ଗୋଳିଆ ପାଣିରୁ ଫାଇଦା ହାସଲ କରିବା। ନିର୍ବାଚନ କମିଶନର ଯେତେବେଳେ ଏମାନଙ୍କ ଉପରେ ଅଙ୍କୁଶ ଲଗାଇ ନ ପାରନ୍ତି ଏହା ହେବା ସ୍ୱାଭାବିକ। ଯାହାଫଳରେ ଦେଖାଯାଏ ବହୁ ଅପରାଧୀ ଅନଭିଜ୍ଞ ବ୍ୟବସ୍ଥାପିକାରେ ଅନାୟାସରେ ପ୍ରବେଶ କରିଯାଆନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏମାନେ ଉପରୋକ୍ତ ଦୁଇଟି ସ୍ତମ୍ଭରେ ଥିବା ମେଧାବୀ ଜ୍ଞାନୀମାନଙ୍କ ଉପରେ ନାଲିଆଖି ଦେଖାଇ ଏମାନଙ୍କୁ ସମ୍ବିଧାନ ବହିର୍ଭୂତ ବାଟରେ ଚଳାନ୍ତି। ଶ୍ରୀଅରବିନ୍ଦ କହିଛନ୍ତି ଆମକୁ ଆଖି ନ ଥିବା ଡେଙ୍ଗା ବ୍ୟକ୍ତି ଆଗରେ ରହି ବାଟ ଦେଖାଉଛନ୍ତି, ଆମେ ଅନ୍ଧମାନେ ତାରି ପଛରେ ଚାଲୁଛୁ। ଏଭଳି ପରମ୍ପରା ରଦ୍ଦ ନ ହେଲା ପର୍ଯ୍ୟନ୍ତ ଆମେ ଦୁର୍ଦ୍ଦଶା ଭୋଗ କରୁଥିବା। ବିବର୍ତ୍ତନ ଧାରାରେ ବର୍ତ୍ତମାନର ରାଜନୈତିକ ପରମ୍ପରା ଯେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତିତ ନ ହୋଇଛି ଏବଂ ମେଧାବୀ, ରାଷ୍ଟ୍ରପ୍ରେମୀ, ସାମ୍ବିଧାନିକ ଦକ୍ଷ ଅନୁରକ୍ତ ବ୍ୟକ୍ତି ଯେବେ ବ୍ୟବସ୍ଥାପିକାକୁ ଅନାୟାସରେ ପ୍ରବେଶ ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ବ୍ୟବସ୍ଥାପିକା କ୍ରମଶଃ ସ୍ଥାଣୁ ପାଲଟି ଚାଲିଥିବ।

–ଯାଜପୁର

ମୋ: ୯୪୩୭୩୧୫୬୨୩

## ହାତମୁଠାରେ ଜୀବନ



ଦ୍ୱିତୀ ଚନ୍ଦ୍ର ସାହୁ

ସାମାନ୍ୟ ହାତ ପାପୁଲି। ତା' ଭିତରେ ଜୀବନକୁ ବାନ୍ଧି ରଖିହେବ ତ ! ଏ ହାତ ପାପୁଲି ଛୋଟ ହେଲେ ବି ଭାରି କରାମତି। ଏ ଧନୀକୁ ଗରିବ କରିପାରେ। ରଙ୍କକୁ ଧନୀ କରିପାରେ। ଏ ହାତର କରାମତି ଭାରି ବିସ୍ମୟ। ବୁଝିହୁଏନା କିଛି। ଯେ ବୁଝେ ସେ ଖୋଜେ। ସେ ହାତକୁ ନିଜ ବାଗରେ ପରିଚାଳିତ କରେ। ପାପୁଲି ଦେହରେ ଥିବା ଅଙ୍କାବଙ୍କା ରେଖାସବୁ ତା'ର କାଳେ ଭାଗ୍ୟ। କିନ୍ତୁ କେହି କେହି ଏହି ଭାଗ୍ୟକୁ ବଦଳେଇବାର କ୍ଷମତା ରଖନ୍ତି ବୋଲି ଦାବି କରନ୍ତି। ପରିଶ୍ରମ ବଳରେ ହୁଏତ ଭାଗ୍ୟ ବି ବଦଳିଯାଏ ଅନେକ ସମୟରେ। ଜୀବନ ପରୀକ୍ଷା ନେଇଥାଏ ପ୍ରତିଥର। ପ୍ରତିକ୍ଷଣ ଜୀବନ ପରୀକ୍ଷାରେ ସମ୍ମୁଖୀନ ହୋଇଥାଏ ମଣିଷ। ଏଇ ପରୀକ୍ଷା ହିଁ ମଣିଷକୁ ମଜଭୁତ କରେ। ମନୋବଳକୁ ଦୃଢ଼ କରେ। ଆଗକୁ ବଢ଼ିବାକୁ ଶକ୍ତି, ସାମର୍ଥ୍ୟ ଓ ରାହା ଦେଖାଏ। କିନ୍ତୁ ଅନେକ ସମୟରେ ମଣିଷ ଜୀବନର ଅର୍ଥକୁ ବୁଝିପାରେନି। ଜୀବନର ଅର୍ଥକୁ କଦର୍ଥ କରିବସେ। ନିଜ ଚଲାପଥକୁ କଣ୍ଟକିତ କରିପକାଏ। ଜୀବନ ସୁନେଲି ସ୍ୱପ୍ନ ଦେଖାଏ। ବାହୁରେ ଦୁଇଟି ଡେଣା ଲଗାଏ। ଉଡ଼ିବାକୁ ପ୍ରାଥମିକ ବଳ ଯୋଗାଏ। ଉଡ଼ାଣ ନିଜ ପାଖରେ ଥାଏ। କେତେ ଦୂର ଉଡ଼ିବାକୁ ହେବ ନିଜକୁ ନିଜେ ପ୍ରସ୍ତୁତ କରିବାକୁ ହୁଏ। ଏମିତି ଉଡ଼ାଣ କରିବା ଉଚିତ ନୁହେଁ, ଯେଉଁଠି ନିଜ ପାଦ ତଳର ମାଟି ସବୁବେଳେ ସ୍ପଷ୍ଟ ଦେଖାଯାଉଥିବ। ସମୟ ଅସମୟରେ ନିଜକୁ ନିଜେ ଥୟ କରି ପୁନଶ୍ଚ ଠିଆ ହେବାର ଅବକାଶ ନିଜ ପାଖରେ ରଖିବା ଉଚିତ।

ଏବେ ମଣିଷ ଜୀବନ ସହ ଧୁମ୍ କୁସ୍ତି କରି ଚାଲିଛି। ଜୀବନଠାରୁ ଜିତି ଆଗେଇବାକୁ ଭାରି ଇଚ୍ଛା ମଣିଷର। ସେଥିପାଇଁ ସେ ଅସୁମାରି ସ୍ୱପ୍ନ ଦେଖେ। ପାର୍ଥିବ ସୁଖ ପଛରେ ଦୌଡ଼ିବା ଆରମ୍ଭ କରେ। ସେ ଦୌଡିବାର ଶେଷ ନାହିଁ। ଦୌଡିବାର ବେଗ ବଢ଼େ ସିନା କେଉଁଠି କିଛି ସମୟ ଅଟକିବାର ନାଁ ନାହିଁ। କିନ୍ତୁ ଶେଷରେ ଛଅ ହାତ ଚାଖଣ୍ଡେ ଜାଗା ଭିତରେ ନିଜକୁ ସୀମିତ ରଖେ। ଅଧିକ ସ୍ଥାନ ତା'ର ଲୋଡ଼ା ପଡ଼େନି। ଏକଥା ବୁଝିପାରେନି ବୋଲି ଜୀବନସାରା ପ୍ରତିଯୋଗିତା କରେ ଅନ୍ୟ ସହ। ପ୍ରାଚୁର୍ଯ୍ୟ ଭିତରେ ଅବଦମିତ ଦୁଃଖକୁ ଘୋଡ଼େଇବାକୁ ଚେଷ୍ଟା କରେ। ସୁଖ ଭଳି ଦେଖା ଯାଉଥିବା ଭୋଗର ଅସୁମାରି ଉପାଦାନ ସମୂହ ଭିତରେ ଦୁଃଖ ସବୁ ଆଖିମିଟିକା ମାରେ। ନିଜ ଛଡା ଅନେକେ ହୁଏତ ଏହାକୁ ଦେଖିପାରନ୍ତିନି କି ବୁଝିପାରନ୍ତିନି। ଅନ୍ତରଜ୍ୱାଳାକୁ ବି ଫେଡି କହିହୁଏନି। ଜୀବନକୁ ହାତମୁଠାରେ ରଖିବାର ଦୁର୍ବାର କାମନା ଭିତରେ ଜୀବନ ହାତମୁଠାରୁ ଅପସରିଯାଏ। ତେଣୁ ଛୋଟ ଛୋଟ ସ୍ୱପ୍ନକୁ ପୂରଣ କରି ଜୀବନକୁ ଆଗେଇ ନେଲେ ଜୀବନ ନିଜ ଶୈଳୀରେ ଆଗକୁ ବଢ଼ିବାକୁ ହେବ। ଗୋଟିଏ ପରେ ଗୋଟିଏ ଶିଡି ଦେଇ ଆଗକୁ ବଢିଲେ ଉପରକୁ ଉଠିବା ସହଜ ହେବ। ଜୀବନ ଏମିତି ଜିଇବାକୁ ହେବ ଯେଉଁଠି ବେଶି କିଛି ପାଇବାର ଲୋଭ ନ ଥିବ କି ଅନେକ କିଛି ହରାଇବାର ଗ୍ଲାନି ନ ଥିବ।

ଛୋଟ ଛୋଟ ଖୁସିକୁ ସାଉଁଟି ଜୀବନକୁ ଉପଭୋଗ କରିବାକୁ ହେବ। ଏସବୁ ସମାହାର ଜୀବନକୁ ରସସିକ୍ତ କରାଇବ। ଜୀବନର ପ୍ରକୃତ ଅର୍ଥକୁ ଅନୁଭବ କରିବାର ପର୍ଯ୍ୟାପ୍ତ ଅବସର ଦେବ। ସଦ୍ୟ ଖୁସିରେ ଆନନ୍ଦିତ ହେବା ଅବଶ୍ୟ। ଜୀବନ ଗୋଟାପଣେ ସହଜ ଓ ସରଳ। ଆମ ମନ ଓ ଆଗ୍ରହ ଏହାକୁ ଜଟିଳ ଓ କୁଟିଳ କରିଦିଏ। ଏକଥା ବି ସତ ଜୀବନ କେବେ ବି ବିନା ମୂଲ୍ୟ ଓ ବିନା ପରିଶ୍ରମରେ କିଛି ଦିଏନି। ଏପରିକି ଶ୍ୱାସପ୍ରଶ୍ୱାସରେ କିଛି ନେବାକୁ ହେଲେ କିଛି ଛାଡିବାକୁ ପଡ଼େ ଆମକୁ। ନିଜର ସୁସଂହତ ଜୀବନ ଶୈଳୀ, ଆସ୍ଥା, ଦୃଢ଼ ବିଶ୍ୱାସ ଓ ଅମୂଲ୍ୟ କର୍ମ ଜୀବନରେ ପ୍ରତିଫଳିତ ହୋଇଥାଏ। ଯେମିତି ମଣିଷ କରେ ସେମିତି ଜୀବନ ଫଳ ଦେଇଦିଏ। ହୁଏତ ବିଳମ୍ବ ହୋଇପାରେ କିନ୍ତୁ ଅବଶ୍ୟ ପ୍ରାପ୍ତି ଦିଏ। ଦୁନିଆକୁ ଦେଖି ନିଜ ଜୀବନକୁ ଯିଏ ବଦଳେଇବାକୁ ଚେଷ୍ଟା କରେ ସେ କଷ୍ଟ ପାଇବା ସ୍ୱାଭାବିକ। ନିଜ ପାଇଁ ନିଜେ ବଦଳି ଗଲେ ଜୀବନ ବି ଦୁନିଆ ପାଇଁ ଆପଣାଛାଏ ବଦଳିଯିବ। ତେଣୁ ମନକୁ ଯେତେ ଶୂନ୍ୟ ରଖିହେବ ଜୀବନ ସେତିକି ମୂଲ୍ୟବାନ ହୋଇପାରିବ। ମନକୁ ଶୂନ୍ୟ ରଖିବାକୁ ହେଲେ ଜୀବନରେ ଅସମ୍ଭବ କାମନା ଓ ପ୍ରାପ୍ତିଠାରୁ ଦୂରେଇ ରଖିବାକୁ ହେବ। ତେବେ ଯାଇ ହାତମୁଠାରେ ଜୀବନ ରହିବ। ଜୀବନ ଚିର ସବୁଜ, ସୁନ୍ଦର ଓ ସରସ ହୋଇପାରିବ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା

ମୋ:୯୪୩୭୯୦୯୬୭୧

## ଏଇ ଭାରତରେ

କାଫେରୁ ଯାହା ଲାଭ ହେଉଛି ସେଥିରେ ଏକ ଗାଁ ସ୍କୁଲ ଚଳାଉଛନ୍ତି ଲୋରି ଚୌହାନ। ସେ ପିଏଚ୍ଡି କରୁଥିବା ସମୟରେ ଉତ୍ତରାଖଣ୍ଡର ବିଭିନ୍ନ ଗାଁକୁ ଯିବାବେଳେ ସେଠାକାର ପିଲାମାନଙ୍କ ଶୈକ୍ଷିକ ଅବ୍ୟବସ୍ଥାକୁ ଉପଲବ୍ଧି କରିଥିଲେ। ଏଣୁ ଲୋରି ଏବଂ ତାଙ୍କ ସ୍ୱାମୀ କୁନ୍ୱାର ଗଡ଼ୱାଲରେ ଏକ ଇଂଲିଶ ମାଧ୍ୟମ ସ୍କୁଲ ପ୍ରତିଷ୍ଠା କରି ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ସେମାନେ ଏକ କାଫେରୁ ଯାହା ଲାଭ ପାଉଛନ୍ତି ସେଥିରେ ପିଲାମାନଙ୍କ ପଢ଼ା ଖର୍ଚ୍ଚଠାରୁ ଆରମ୍ଭ କରି ସବୁକିଛି ଭରଣା କରୁଛନ୍ତି। ଉତ୍ତରାଖଣ୍ଡର କେମ୍ପ୍ଟି ଜଳପ୍ରପାତଠାରୁ ୫ କିମି ଦୂର ପର୍ଯ୍ୟଟନସ୍ଥଳ ସେନ୍ଜି ଗାଁରେ ଏହି ସ୍କୁଲ ଓ କାଫେ ଅଛି। ଏହି ଗାଁରେ ସେମାନେ ସ୍କୁଲ ପ୍ରତିଷ୍ଠା କରିବାର ଏକ କାରଣ ଅଛି। ବାସ୍ତବରେ ଲୋରିଙ୍କ ଜନ୍ମ କାନାଡାରେ। ଭାରତରେ ପିଏଚ୍ଡି କରିବା ପରେ ସେନ୍ଜି ଗାଁକୁ ଯିବା ଅବସରରେ ତାଙ୍କର କୁନ୍ୱାରଙ୍କ ସହ ଦେଖା ହୋଇଥିଲା। କୁନ୍ୱାର ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରି ଗ୍ରାମୀଣ ପିଲାମାନଙ୍କ ପାଇଁ କିଛି କରିବାକୁ ଚାହୁଁଥିଲେ। ଏଣୁ ଦୁହିଁଙ୍କ ଲକ୍ଷ୍ୟ ସମାନ ଥିଲା ଓ ପରେ ସେମାନେ ପରସ୍ପରକୁ ୨୦୦୭ରେ ବିବାହ କରିବା ପରେ ସ୍କୁଲ ପ୍ରତିଷ୍ଠା କରିଥିଲେ। ପ୍ରଥମେ ସ୍କୁଲରେ ୮ ଜଣ ଛାତ୍ର ଥିଲେ, ଏବେ ସେଠାରେ ୨୫ଟି ପାହାଡିଆ ଗାଁର ୧୨୫ ପିଲା ରହୁଛନ୍ତି ଓ ପଢୁଛନ୍ତି। ସ୍କୁଲରେ ଏବେ ୧୩ ଶିକ୍ଷକ ଅଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୩୧ ଜୁଲାଇ ୧୯୯୮

- ଜାପାନର ନୂତନ ପ୍ରଧାନମନ୍ତ୍ରୀ ଭାବେ କେଇଜୋ ଓବୁଚିଙ୍କ ଦାୟିତ୍ୱ ଗ୍ରହଣ।
- ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସହ ଯୌନ ସମ୍ପର୍କ ରଖିଥିବା ନେଇ ହ୍ୱାଇଟ୍ ହାଉସ୍ର ପୂର୍ବତନ ଅନ୍ତେବାସିନୀ ମୋନିକା ଲେୱିନ୍ସ୍କିଙ୍କ ସାକ୍ଷ୍ୟ ପ୍ରଦାନ।
- ବିଶ୍ୱର ପୂର୍ବତନ ଏକନମ୍ବର ଖେଳାଳି ଗୀତ୍ ସେଠୀଙ୍କୁ ପରାସ୍ତ କରି ବମ୍ବେର ଅଶୋକ ସାଣ୍ଡିଲ୍ୟଙ୍କ 'ବିଲିଆର୍ଡ ପଏଣ୍ଟ ପୁଲ ଟ୍ରଫି' ହାସଲ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | 3 | |
| 1 | | 9 | | | 4 | | | |
| 8 | 2 | | | 5 | | | | |
| 5 | | | | | 1 | 6 | 2 | |
| | | | | 9 | 7 | | | |
| | | | | 4 | | | | |
| | 3 | | | | 9 | | | 7 |
| | 6 | | | | | 2 | | |
| 2 | | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 6 | 3 | 9 | 4 | 5 | 1 |
| 1 | 4 | 9 | 2 | 5 | 7 | 8 | 6 | 3 |
| 6 | 3 | 5 | 8 | 4 | 1 | 7 | 2 | 9 |
| 3 | 7 | 6 | 1 | 9 | 8 | 5 | 4 | 2 |
| 9 | 1 | 4 | 7 | 2 | 5 | 3 | 8 | 6 |
| 8 | 5 | 2 | 4 | 6 | 3 | 1 | 9 | 7 |
| 7 | 2 | 1 | 5 | 8 | 6 | 9 | 3 | 4 |
| 5 | 6 | 3 | 9 | 7 | 4 | 2 | 1 | 8 |
| 4 | 9 | 8 | 3 | 1 | 2 | 6 | 7 | 5 |

ଗତକାଲିର ଉତ୍ତର


# ଓପେନହେଇମେରଙ୍କ ଗୀତା ରହସ୍ୟ



ଡ. ନରେନ୍ଦ୍ର ସେଠୀ

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକା ତା'ର ବହୁଚର୍ଚ୍ଚିତ ଗୁପ୍ତ ମ୍ୟାନହାଟନ ପ୍ରୋଜେକ୍ଟ ପାଇଁ ଜଣେ ବିଚକ୍ଷଣ ବୈଜ୍ଞାନିକଙ୍କୁ ଚୟନ କରିଥିଲା, ଯାହାର ମୂଳ ଉଦ୍ଦେଶ୍ୟ ଥିଲା ସଦ୍ୟ ଉଦ୍ଭାବନ ହୋଇଥିବା ନାଭିକୀୟ ପ୍ରକ୍ରିୟାକୁ ନେଇ ପରମାଣୁ ବୋମା ପ୍ରସ୍ତୁତ କରିବା। ସେହି ବୈଜ୍ଞାନିକ ଥିଲେ ଜେ. ରୋବର୍ଟ ଓପେନହେଇମେର, ଯାହାଙ୍କ ବିଷୟରେ ବିଶ୍ୱର ବିଜ୍ଞାନ ଲେଖକମାନେ ଅନେକ କିଛି ଲେଖିସାରିଛନ୍ତି। ବିଗତ ଷାଠିଏ ବର୍ଷ ଭିତରେ ତାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ବିଶ୍ୱର ପ୍ରଥମ ପରମାଣୁ ବୋମା ଜାପାନର ନାଗାସାକି ଓ ତା'ର ତିନିଦିନ ପରେ ହିରୋଶିମା ସହର ଉପରେ ସଂହାରଲୀଳା କରିଥିଲା। ଏହି ଦୁଇଟି ପରମାଣୁ ବୋମାର ଭୟାବହତା ଅନେକ ନିରୀହ ମଣିଷଙ୍କୁ ମାଟିରେ ମିଶାଇବା ସହିତ ସମଗ୍ର ବିଶ୍ୱର ଦୃଷ୍ଟିଭଙ୍ଗୀ ବଦଳିବାକୁ ବାଧ କରିଥିଲା, ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ଏହାର ବ୍ୟବହାର ହୋଇନାହିଁ। ରାତାରାତି ଲୋକପ୍ରିୟ ପାଲଟି ଯାଇଥିବା ରୋବର୍ଟ ଓପେନହେଇମେର ସେହି ମାନବ ସଂହାର ପାଇଁ ନିଜକୁ ଦାୟୀ କରି ଗଭୀର ଭାବରେ ମର୍ମାହତ ହୋଇଥିଲେ। ଉଲ୍ଲେଖ କରାଯାଇପାରେ ଯେ ଯଦିଓ ହିରୋଶିମା ଓ ନାଗାସାକିରେ ପରମାଣୁ ବୋମା ବିସ୍ଫୋରଣ ଆମେରିକାର ଏକ ସମ୍ପୂର୍ଣ୍ଣ ରାଜନୈତିକ ନିଷ୍ପତ୍ତି ଥିଲା, ଏଥିରେ କିନ୍ତୁ ଆମେରିକା ସମେତ ସବୁ ଦେଶର ବୈଜ୍ଞାନିକମାନେ ଏହାକୁ ଏକ ଅନାବଶ୍ୟକ ଓ ଅନୁଚିତ ପଦକ୍ଷେପ ଭାବରେ ବିବେଚନା କରିଥିଲେ। ଏପରି କି ଅକ୍ଟୋବର ୧୯୪୫ରେ ହ୍ୱାଇଟ ହାଉସରେ ଆମେରିକା ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ଭେଟବେଳେ ଓପେନହେଇମେର କହିଥିଲେ,'ରାଷ୍ଟ୍ରପତି ମହୋଦୟ ମୋ ହାତ ରକ୍ତରେ ଜୁଡୁବୁଡୁ ...'। କିନ୍ତୁ ଆମେରିକାର ରାଷ୍ଟ୍ରପତି ଆଶ୍ୱାସନା ଦେବାକୁ ଯାଇ କହିଲେ, ଆପଣ ପରମାଣୁ ବୋମା ଧ୍ୱଂସର ବୋଝକୁ ନିଜ କାନ୍ଧରେ ବୋହି ଦୁଃଖିତ ହୁଅନ୍ତୁ ନାହିଁ। ରୋବର୍ଟ ଓପେନହେଇମେରଙ୍କ ଆତ୍ମଜୀବନୀ ପୁସ୍ତକ ଅନୁସାରେ ତତ୍କାଳୀନ ରାଷ୍ଟ୍ରପତି ଟ୍ରୁମ୍ୟାନ ରୋବର୍ଟ ଓପେନହେଇମେରଙ୍କୁ ଆଉ ରାଷ୍ଟ୍ରପତି ଭବନକୁ ପ୍ରବେଶ ନ କରିବାକୁ କଡା ନିର୍ଦ୍ଦେଶ ଜାରି କରିଥିଲେ।

ସେତେବେଳେ ଋଷିଆ ସହିତ ଏକ ପରମାଣୁ ଅସ୍ତ୍ର ଦୌଡରେ ସାମିଲ ନ ହେବାକୁ ସେ ଆମେରିକାର ରାଷ୍ଟ୍ରପତିଙ୍କୁ ବୁଝାଇବାରେ ବିଫଳ ହେଲେ ଓ ଏପରି ଉପଦେଶ ଦେଉଥିବା ବୈଜ୍ଞାନିକଙ୍କୁ ରାଷ୍ଟ୍ରପତି ମଧ୍ୟ ପସନ୍ଦ କଲେନାହିଁ। ପ୍ରାୟ ୮୦ ବର୍ଷ ପରେ ପରମାଣୁ ବୋମାର ଜନକ ରୋବର୍ଟ ଓପେନହେଇମେରଙ୍କ ଜୀବନୀ ଉପରେ ଖ୍ରିଷ୍ଟୋଫର ନୋଲାନଙ୍କ ଚଳଚ୍ଚିତ୍ର 'ଓପେନହେଇମେର' ଯାହା ଗତ ଶୁକ୍ରବାର ମୁକ୍ତିଲାଭ କରିଛି ବୋଧେ ଏକ ଅକଳ୍ପନୀୟ ସତ୍ୟ କାହାଣୀ, ଯାହା ପରମାଣୁର ଶକ୍ତିକୁ ପରିଚୟ କରାଇ ମଣିଷକୁ କଳ୍ପନାତୀତ ଭାବରେ ଶକ୍ତିଶାଳୀ କରିଦେଲା। ୧୯୮୪ରେ ମୁଦ୍ରିତ ଏକ ବହୁଚର୍ଚ୍ଚିତ ପୁସ୍ତକ 'ଦି ଡେ ଦି ସନ ରୋଜ ଟାୱାଇସି' ପୁସ୍ତକରେ ଉଲ୍ଲେଖ ଅଛି ଯେ ୧୯୪୫ ଅଗଷ୍ଟ ୮ ତାରିଖରେ ସୂର୍ଯ୍ୟ ଆଉଥରେ ଉଦୟ ହୋଇଥିଲେ ଓ ଏଥିରେ ୧୩,୫୦,୦୦୦ ଲୋକ ମରିଥିଲେ। ପରମାଣୁ ବୋମାର ବିଭୀଷିକା ଓ ନରସଂହାର ଦେଖି ଓପେନହେଇମେର ଏପରି ଭାଙ୍ଗିପଡିଥିଲେ ଯେ ଚାଲିବାରେ ଅସମର୍ଥ ହୋଇପଡିଥିଲେ। ପରମାଣୁ ବୋମାର ଧ୍ୱଂସଲୀଳା ପାଇଁ ନିଜକୁ ଦାୟୀ କରି ସେ ଅନେକ ଧର୍ମଗ୍ରନ୍ଥ ସବୁ ପଢିବାକୁ ଲାଗିଲେ। ସବୁଠୁ ତାଙ୍କୁ ହିନ୍ଦୁ ଧର୍ମର ସର୍ବୋଚ୍ଚ ପୁସ୍ତକ ଗୀତା ପ୍ରଭାବିତ କରିଥିଲା ଓ ତାଙ୍କ ଜୀବନର ଅନେକ ଦିନ ସେ ସଂସ୍କୃତ ପଢିବା ଓ ପଢ଼ାଇବାରେ ଅତିବାହିତ କରିଥିଲେ। ଯୁଦ୍ଧଭୂମିରେ ଭାଙ୍ଗି ପଡିଥିବା ଅର୍ଜୁନଙ୍କୁ ସାହସ ଓ ଶକ୍ତି ଦେବା ପାଇଁ କୃଷ୍ଣଙ୍କ ଉପଦେଶ ଓ ଶେଷରେ ବିଶ୍ୱରୂପ ଦର୍ଶନ ସେହି ପରମାଣୁ ବୋମାର ଜନକଙ୍କୁ ପ୍ରଭାବିତ କରିଥିଲା। କିପରି ଧ୍ୱଂସ, ବିନାଶ ଓ ମୃତ୍ୟୁ ଦେଖି ଭାଙ୍ଗି ନ ପଡ଼ି କର୍ତ୍ତବ୍ୟ କରିବା ଉଚିତ ବୋଲି କୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିଲେ ତାହା ତାଙ୍କୁ ଅଭିଭୂତ କରିଥିଲା। ଗୀତାର ସେହି ଶ୍ଳୋକ ଯେଉଁଠି କୃଷ୍ଣ ନିଜକୁ ସଂହାରକ, ବିନାଶକାରୀ, ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଭାବରେ ଅର୍ଜୁନଙ୍କୁ ବୁଝାଇବାକୁ ଯାଇ ବିଶ୍ୱରୂପ ଦର୍ଶନ କରାଇଛନ୍ତି ତାହା ପଢି ସେ ମୋହିତ ହେଲେ। ଗୀତାର ସାରାଂଶ ଭାବରେ ଏହା ସେ ବୁଝିଲେ ଯେ ଯାହା କିଛି ଅର୍ଜୁନ ଯୁଦ୍ଧଭୂମିରେ କରିବେ ସବୁ ଈଶ୍ୱରଙ୍କର ଇଚ୍ଛା ଓ ସବୁ ତାଙ୍କରି ନିୟନ୍ତ୍ରଣରେ, ଅର୍ଥାତ୍ କୁରୁକ୍ଷେତ୍ରରେ ଅର୍ଜୁନ ଜଣେ ସୈନିକ ମାତ୍ର ଓ ଯାହା କିଛି କରିବେ ସବୁ ଈଶ୍ୱର କରିବେ। ତେଣୁ ଦୁଃଖ ଓ ବିଷାଦ କରିବା ଅନୁଚିତ। ପରମାଣୁ ବୋମାର ଭୟାବହତା ବୋଧେ ଈଶ୍ୱରଙ୍କର ଏକ ଇଚ୍ଛା ଥିଲା ଓ ଓପେନହେଇମେର ଏକ ମାଧ୍ୟମ ଥିଲେ ମାତ୍ର। ଏହା ଗୀତା ସୂତ୍ର ଅନୁସାରେ ମାନିନେଇ ସେ ଶାନ୍ତି ସନ୍ଧାନରେ ଥିଲେ, ଯାହା ତାଙ୍କୁ କେବେ ମିଳି ନ ଥିଲା। ସେ ସମସ୍ତଙ୍କୁ ଗୀତାର ମର୍ମ କହି ବୁଲିଲେ ମୃତ୍ୟୁ ଏକ ମାୟା ମାତ୍ର, ଅର୍ଥାତ୍ କେହି ଜନ୍ମ ନେବା ଓ ମରିବା ଏକ ମିଛ ପ୍ରକ୍ରିୟା। କିନ୍ତୁ ଓପେନହେଇମେର ଗୀତା ଅନୁସାରେ ଏହା ବୁଝିବାକୁ ଅସମର୍ଥ ହେଲେ ଯେ ମଣିଷ ମରିଯାଏ, ମାତ୍ର ତା'ର ଆତ୍ମା ଅମର ଓ ଅବିନାଶୀ। ସେଥିପାଇଁ ବୋଧେ ଓପେନହେଇମେର ଶେଷ ପର୍ଯ୍ୟନ୍ତ ହିନ୍ଦୁ ଧର୍ମ ଗ୍ରହଣ କରିପାରି ନ ଥିଲେ ଯଦିଓ ସେ ବହୁତ ପ୍ରଭାବିତ ଥିଲେ।



ଏବେ ଆସନ୍ତୁ ଏହି ସିନେମାକୁ ନେଇ ଭାରତରେ ଉଠିଥିବା ବିବାଦ ଓ ସନାତନ ହିନ୍ଦୁ ଧର୍ମର ଲୋକଙ୍କ ମନରେ ଆଘାତ ବିଷୟରେ ତର୍ଜମା କରିବା। ଏକଥା ସତ୍ୟ ଯେ ଓପେନହେଇମେର ପରମାଣୁ ବୋମାର ବିସ୍ଫୋରଣରେ ନିହତ ଲୋକଙ୍କ ପାଇଁ ନିଜକୁ ଦାୟୀ କରି ଅନୁତପ୍ତ ହେଲେ ଓ ହିନ୍ଦୁ ଧର୍ମ ପ୍ରତି ଆକୃଷ୍ଟ ହୋଇ ଗୀତାକୁ ନିଜର ଶେଷ ଜୀବନ ପର୍ଯ୍ୟନ୍ତ ଅନୁକରଣ କଲେ। ମାତ୍ର ଏହି ସିନେମାର ନିର୍ମାତା ଚଳଚ୍ଚିତ୍ରରେ ଓପେନହେଇମେରଙ୍କୁ ଏକ ଅନ୍ତରଙ୍ଗ ଦୃଶ୍ୟରେ ଗୀତା ପାଠ କରୁଥିବାର ଦେଖାଇବା କେତେ ଯୁକ୍ତିଯୁକ୍ତ। ଏହା ଶସ୍ତା ଲୋକପ୍ରିୟତା ପାଇଁ ଏକ ଚେଷ୍ଟା ମାତ୍ର।

ମୋ: ୭୦୦୪୦୬୮୧୧୦

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ ଖାଇ ଅସୁସ୍ଥ ହେଉଛନ୍ତି

ମହାଶୟ,

ସମ୍ବଲପୁରରେ କେତେଜଣ ଲୋକ ରାସ୍ତାକଡ଼ରୁ ବିରିଆନି ଖାଇ ଅସୁସ୍ଥ ହେବାର ମୁଖ୍ୟ କାରଣ ହେଲା, ଯେଉଁ ଚଟପଟି ଖାଦ୍ୟ ତିଆରି ହୋଇ ବିକ୍ରି ହେଉଛି ତାହାର ମାନ ଅତି ନିକୃଷ୍ଟ ଧରଣର। ଏହା କେବଳ ସମ୍ବଲପୁର ସହର ନୁହେଁ, ସାରା ରାଜ୍ୟରେ ଏଭଳି ସ୍ଥିତି ଚାଲୁ ରହିଛି। ନିୟମ ଅନୁସାରେ ଯେତେ ସବୁ ଖାଦ୍ୟ ରାସ୍ତାକଡ଼ରେ ବା ବଡ଼ ହୋଟେଲରେ ପ୍ରସ୍ତୁତ ହେଉଛି ତାହା ସମୟ ସମୟରେ ରାଜ୍ୟ ସରକାରଙ୍କ ଫୁଡ୍ ଇନ୍ସପେକ୍ଟରମାନେ ତଦାରଖ କରିବା ଉଚିତ । ସେହି ଅନୁସାରେ ନିଜ ରିପୋର୍ଟ ପ୍ରସ୍ତୁତ କରି ତା'ଉପରେ କାର୍ଯ୍ୟାନୁଷ୍ଠାନ କରିବା ଦରକାର। କିନ୍ତୁ ସବୁ ସ୍ଥାନର ମ୍ୟୁନିସିପାଲିଟି ଅଧିକାରୀମାନେ ଦୋକାନୀଙ୍କଠାରୁ ଘୁସ୍ ନେଇ ଚୁପ୍ ରହିଯାଉଛନ୍ତି । ଫଳ ସ୍ୱରୂପ ଅଖାଦ୍ୟ ଖାଇ ଲୋକମାନେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ଏହା ସମ୍ପୂର୍ଣ୍ଣ ରୂପେ ସରକାରୀ ଅଧିକାରୀଙ୍କ ଅପାରଗତା କାରଣରୁ ହେଉଛି। ଦୋକାନୀମାନେ ମଧ୍ୟ ବାସିଖାଦ୍ୟ ବିକ୍ରି କରିବାକୁ କୁଣ୍ଠାବୋଧ କରୁନାହାନ୍ତି । ରାଜ୍ୟରେ ଖାଲି ପଡ଼ିଥିବା ଫୁଡ୍ ଇନ୍ସପେକ୍ଟର ପଦବୀ ପୂରଣ ହେଉନାହିଁ ଆଉ ଯେଉଁମାନେ ଅଛନ୍ତି ସେମାନେ ଦୁର୍ନୀତିରେ ଉବୁଟୁବୁ। ଲୋକ ମଲେ କେତେ ବା ଅସୁସ୍ଥ ହେଲେ କେତେ ସେମାନଙ୍କ କିଛି ଯାଏ ଆସେ ନାହିଁ । ସେମାନେ କେବଳ ଦୋକାନୀଙ୍କଠାରୁ ଟଙ୍କା ନେବା ମତଲବ । ଏହି ବ୍ୟବସ୍ଥା ପୂରା ମାତ୍ରାରେ ସୁଧୁରିବା ଦରକାର ।

–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''କ୍ଷଣିକ ଆଘାତ ଆସେ କ୍ଷଣ ପରେ
ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ
ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।''
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ଗଡ଼ପଦର ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୩୦।୭ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ନେଇ ସୂଚନା ପାଇ ଜୟପୁର ଅବକାରୀ କର୍ମଚାରୀମାନେ ଗଡପଦର ଜଙ୍ଗଲରେ ରବିବାର ଚଢାଉ କରି ୮ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିବା ଜଣାପଡିଛି। ସଦର ଥାନା ଅନ୍ତର୍ଗତ ଏହି ଜଙ୍ଗଲରେ ଚଢାଉ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇ ଯାଇଛନ୍ତି। କର୍ମଚାରୀମାନେ ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଜବତ କରି ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

## ଟ୍ରାକ୍ଟର ଚୋରି କରି ବିକ୍ରି ମାମଲାରେ ପୁଣି ଜଣେ ଗିରଫ

ଜୟପୁର, ୩୦।୭ (ପବନ ପାଣିଗ୍ରାହୀ)

ମାଲିକଙ୍କ ଅଜାଣତରେ ରିପ୍ରୋସେସିଂ ଟ୍ରାକ୍ଟର ବିକ୍ରି ମାମଲାରେ ଅନ୍ୟଜଣେ ଅଭିଯୁକ୍ତ ଙ୍କୁ ରବିବାର ଜୟପୁର ସଦର ପୋଲିସ ଗିରଫ କରିଛି । ସେ ହେଲେ ବାମୁଣି ଗାଁର ଅର୍ଜୁନ ହରିଜନ (୪୦)। ଅର୍ଜୁନ ଓ ଉପେନ୍ଦ୍ର ଗୌଡ (୩୧) ଏୟାରପୋର୍ଟ ନିକଟରେ ଥିବା କଳିଙ୍ଗ ଅଟୋ ସିଣ୍ଡିକେଟରେ ସିକ୍ୟୁରିଟି ଗାର୍ଡ ରୂପେ କାର୍ଯ୍ୟ କରୁଥିଲେ। ସେହି ସମୟରେ ମାଲିକଙ୍କ ଅଜାଣତରେ ରିପ୍ରୋସେସିଂରେ ଥିବା ୨ଟି ଟ୍ରାକ୍ଟର ଉଭୟେ ବିକ୍ରି କରି ଦେଇଥିଲେ। ଏନେଇ ସିଣ୍ଡିକେଟ୍ ମାଲିକ କୃଷ୍ଣଚନ୍ଦ୍ର ମହାପାତ୍ର ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଗତ ଜୁନ ୨୧ରେ ଉପେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଫେରାର ଥିବା ଅର୍ଜୁନଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି । ଚୋରି ହୋଇଥିବା ୨ଟି ଟ୍ରାକ୍ଟରକୁ ପୋଲିସ ଜବତ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ପ୍ରଥମ ମ୍ୟାଚରେ ଲାଣ୍ଡିଗୁଡା ବିଜୟୀ

-କେଡିଏଫଏ କପ ଫୁଟବଲ ଟୁର୍ନାମେଣ୍ଟ

-ଦ୍ୱିତୀୟ ମ୍ୟାଚ ରହିଲା ଅମୀମାଂସିତ

କୋରାପୁଟ,୩୦।୭(ଅମିତାଭ ବେହେରା)

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍ଏପି ତୃତୀୟ ବାଟାଲିୟନ ପଡିଆଠାରେ ଚାଲିଥିବା ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଆୟୋଜିତ ପ୍ରଥମ ମ୍ୟାଚରେ କୋରାପୁଟର ଲାଣ୍ଡିଗୁଡା ଟିମ୍ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ଜୟପୁରର ସିୱାଇଏ ଓ କାଲପାଡି ଦଳ ମଧ୍ୟରେ ହୋଇଥିବାବେଳେ ଶେଷ ସମୟ ସୁଦ୍ଧା ଉଭୟ ଟିମ୍ ୧-୧ ଗୋଲରେ ବରାବର ରହିବାରୁ ଉଭୟ ଦଳକୁ ୧ -୧ ପଏଣ୍ଟ ପ୍ରଦାନ କରାଯାଇଥିଲା । ପ୍ରଥମ ମ୍ୟାଚ ଲାଣ୍ଡିଗୁଡା ଏବଂ ଲକ୍ଷ୍ମୀପୁର ମଧ୍ୟରେ ହୋଇଥିଲା। ଲାଣ୍ଡିଗୁଡା ଟିମ୍ ବିପକ୍ଷ ଲକ୍ଷ୍ମୀପୁରକୁ ଏକ ୩ ଟି ଗୋଲ ଦେଇ ପରାସ୍ତ କରି ମ୍ୟାଚ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଜୟପୁରର ସିୱାଇଏ ଓ କାଲପାଡି ଦଳ ମଧ୍ୟରେ ମ୍ୟାଚ ଅତି ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚ ଶେଷ ସୁଦ୍ଧା ଉଭୟ ଟିମ୍ ୧-୧ ଗୋଲରେ ରହିବାରୁ ଉଭୟଙ୍କୁ ୧-୧ ପଏଣ୍ଟ ପ୍ରଦାନ କରାଯାଇଥିଲା ।

# ଆମକୁ ପୌରାଞ୍ଚଳରେ ମିଶାଅ

ସୁନାବେଡା/ସେମିଳିଗୁଡା,୩୦।୭
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)




ସୁନାବେଡା ପୌରାଞ୍ଚଳ ଗଠନ ହେବା ଦୀର୍ଘ ବର୍ଷ ବିତିଗଲାଣି। ଇତିମଧ୍ୟରେ ଏହାର ଆଖପାଖ ଅଞ୍ଚଳରେ ଅନେକ ଜନବସତି ଗଢିଉଠିଲାଣି। ସେହି ଜନବସତିଗୁଡିକର ଲୋକେ ପୌରାଞ୍ଚଳ ନିକଟରେ ଥାଇ ମଧ୍ୟ ପୌରାଞ୍ଚଳ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସୁଛନ୍ତି। ଫଳରେ ସେମାନଙ୍କୁ ପୌରାଞ୍ଚଳରେ ମିଶାଇବା ଲାଗି ଦୀର୍ଘଦିନ ହେଲା ଦାବିହୋଇ ଆସୁଥିଲେ ମଧ୍ୟ ପୌର ପ୍ରଶାସନ କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି।

ଖବରରୁ ଜଣାପଡିଛି, ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଅଳ୍ପ କିଛି ଅଞ୍ଚଳକୁ ନେଇ ଗଠିତ ହୋଇଥିଲା ସୁନାବେଡା ଏନ୍ଏସି। ପରେ ଏହାର ପରିସୀମା ସୁନାବେଡା ଟିମ୍ବର ବ୍ରିଜଠାରୁ ଆରମ୍ଭ କରି ସେମିଳିଗୁଡା ପେଟକଣା ଗ୍ରାମ ଓ ପୁରୁଣା ସୁନାବେଡା, ହାଉସିଂ ବୋର୍ଡ, ଡିପି କ୍ୟାମ୍ପ, ମାଲିଗୁଡା, ହାଲ୍ ଟାଉନଶିପ ନର୍ସରି, ଆର. ଜୋନ ଅଞ୍ଚଳ,ସିସିବିଏଫର ବିଜୁ କଲୋନୀ ଓ ନନ୍ଦପୁର ରୋଡ଼ର ଜାନିଗୁଡା ଗ୍ରାମକୁ ନେଇ ଗଠିତ ହୋଇଥିଲା ସୁନାବେଡା ପୌରପରିଷଦ। ମାତ୍ର ଏବେ ବହୁ ବର୍ଷ ବିତି ଯାଇଥିଲେ ମଧ୍ୟ ଏହାର ସୀମା ଆଉ ବୃଦ୍ଧି କରାଯାଇନାହିଁ । ଫଳରେ ପୌରାଞ୍ଚଳର ସୀମାକୁ ଲାଗି ରହିଥିବା କେତୋଟି ଗ୍ରାମ ସହରାଞ୍ଚଳର ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆଣିଛନ୍ତି ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ। ପେଟକଣା ପଞ୍ଚାୟତ ଅଧୀନରେ ଥିବା ସେହି ପୌରାଞ୍ଚଳ ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକ ହେଲା ବ୍ଲକ କଲୋନୀ, ସମବାୟ କଲୋନୀ, ଗୁପ୍ତେଶ୍ୱର କଲୋନୀ, ପେଟକଣା ରୋଡ଼ କଲୋନୀ, ନାଲକୋ ଛକ, ୱାଇଡା କଲୋନୀ, ଚର୍କଲିପୁଟ, ଏନଏଡି, ଜାନିଗୁଡା ରୋଡ଼ ଆଦି ରହିଛି। ଦୀପ ତଳ ଅନ୍ଧାର ପରି ସହର ନିକଟରେ ଥିବା ସତ୍ତ୍ୱେ ଏହିସବୁ ଅଞ୍ଚଳବାସୀ ସହରୀ ସୁବିଧା ସୁଯୋଗ ଯଥା ପିଚୁ ରାସ୍ତା, ପିଇବା ପାଣି, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା,ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ନିଜର କୌଣସି କାମ ପାଇଁ ଏହି ଲୋକଙ୍କୁ ୪ କି.ମି. ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ଉପରେ ନିର୍ଭର କରିବାକୁ ପଡେ। ଭତ୍ତା ପାଉଥିବା ଏହିସବୁ ଗ୍ରାମର ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ଟଙ୍କା ପାଇଁ ଚାଲିଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡେ। ଏସବୁ ଦୃଷ୍ଟିରୁ ସମ୍ପୃକ୍ତ ସୀମାନ୍ତ ଅଞ୍ଚଳବାସୀ ସେମାନଙ୍କୁ ପୌରାଞ୍ଚଳରେ ମିଶାଇବାକୁ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀମାନଙ୍କୁ ଭେଟି ଦାବି କରି ଆସୁଥିଲେ ହେଁ ଏଯାଏ କିଛି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ପୌରାଞ୍ଚଳର ବିକାଶ ତଥା ଆୟତନ ବୃଦ୍ଧି ଦିଗରେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି ।

## ସେପ୍ଟେମ୍ବରରେ ଜିଲା ଅମଲା ସଂଘ ନିର୍ବାଚନ




ବୈଠକରେ ମଞ୍ଚାସୀନ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କୋରାପୁଟ,୩୦।୭(ଅମିତାଭ ବେହେରା)

**ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି**

ଜିଲା ଅମଲା ସଂଘର ତ୍ରୟବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର କୋରାପୁଟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେପ୍ଟେମ୍ବର ୧୦ ତାରିଖରେ ନୂତନ ପରିଷଦ ଗଠନ ନେଇ ନିର୍ବାଚନ ହେବାକୁ ସ୍ଥିର ହୋଇଛି। ଜିଲା ଅମଲା ସଂଘ ସଭାପତି ପ୍ରସନ୍ନ ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ୩୫୦ରୁ ଊର୍ଦ୍ଧ୍ୱ ଅମଲା ଯୋଗ ଦେଇଥିଲେ । ପ୍ରଥମେ କୋଷାଧ୍ୟକ୍ଷ ସତ୍ୟନାରାୟଣ ଦଳେଇ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସଭାପତି ନାୟକ ଓଡ଼ିଶା ଉଚ୍ଚନ୍ୟାୟାଳୟର ମକଦ୍ଦମା ସମ୍ପର୍କିତ ନିର୍ଦ୍ଦେଶକୁ ଗୃହରେ ଉପସ୍ଥାପନା କରିଥିଲେ। ଏହି ନିର୍ଦ୍ଦେଶକୁ ଆବମାନନା କରି ରାଜ୍ୟ ଅମଲା ସଂଘ ଦ୍ୱାରା ସ୍ୱୀକୃତ ହୋଇଥିବା ଅନ୍ୟ ଏକ ସମାନ୍ତରାଳ ପରିଷଦ କୋରାପୁଟ ଜିଲାରେ ଗଠନ ହୋଇଥିବାରୁ ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରି ରାଜ୍ୟ ସଂଘର ଏକତରଫା ନିଷ୍ପତ୍ତିକୁ ନିନ୍ଦା କରିଥିଲେ। ସଭାପତି ନାୟକ ପରିଷଦକୁ ଭଙ୍ଗ କରି ନୂତନ ପରିଷଦ ଗଠନ ନିମନ୍ତେ ଆସନ୍ତା ୧୦।୯।୨୦୨୩ରେ ନିର୍ବାଚନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ବୈଠକରେ ସର୍ବସମ୍ମତିକ୍ରମେ ଗୃହରେ ଗୃହୀତ ହୋଇଥିଲା। ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ସମସ୍ତ ବ୍ୟୟର ବିଷଦ ବିବରଣୀ ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ବିଭାଗରୁ ସନ୍ତୋଷ ଦାଶ, ମହେଶ ପଟ୍ଟନାୟକ, କେଦାରନାଥ ପଟ୍ଟନାୟକ, ଦୁର୍ଗା ଚରଣ ମହାପାତ୍ର, ଜେ.ଆର୍. ମନବଧ, ପ୍ରଶାନ୍ତ ମହାପାତ୍ର, ଅନିଲ ନୟନ ପାତ୍ର, ଦୀପ୍ତିରଞ୍ଜନ ମହାପାତ୍ର, ନିତ୍ୟାନନ୍ଦ ଭତ୍ରା, ମନୋଜ ବାରିକ, ଏମ. ମୁରଲି, ସମରେନ୍ଦ୍ର ବେହେରା, ଯୋଗେଶ୍ୱର ବେହେରା, ଜଗନ୍ନାଥ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମଣିପୁର ଘଟଣାନେଇ ମହାଦଳିତ ପରିସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା




ଜିଲା ମହାଦଳିତ ପରିସଂଘ ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ଜୟପୁର,୩୦।୭ (ପବନ ପାରିଗ୍ରାହୀ)

କୋରାପୁଟ ଜିଲା ମହାଦଳିତ ପରିସଂଘ ମଣିପୁର ଘଟଣାକୁ ନେଇ ରବିବାର ଜୟପୁରରେ ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛି। ଆମ୍ବେଡକର ଛକ ନିକଟରୁ ଏହି ଶୋଭାଯାତ୍ରା ବାହାରି ରାଜନଗରଠାରେ ପହଞ୍ଚିଥିଲା ମଣିପୁର ଘଟଣାକୁସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହି ଶୋଭାଯାତ୍ରାରେ ରାଜ୍ୟ ମହାଦଳିତ ପରିସଂଘ ସଭାପତି ବୃନ୍ଦାବନ ଖରା ଉପସ୍ଥିତ ଥିଲେ। ସେ ଏହି ମଣିପୁର ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଏହି ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ବିଶ୍ୱ ଦରବାରରେ ଭାରତର ଛବିକୁ ଖରାପ କରିଛି। ସେଠାରେ ଯେପରି ଦୁଇ ମହିଳାଙ୍କୁ ନିର୍ଯାତିତା କରାଗଲା ତାହା ସବୁ ବର୍ବରତାକୁ ଟପିଗଲା ବୋଲି ଖରା କହିଥିଲେ। ମଣିପୁରରେ ଯେପରି ଶାନ୍ତି ଫେରି ଆସିବ ଭାରତ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋଠର ଦଣ୍ଡରେ ଦଣ୍ଡିତ କରିବାକୁ ସଂଘ ପକ୍ଷରୁ ସେ ଦାବି କରିଥିଲେ।ଶୋଭାଯାତ୍ରାରେ ରାଜ୍ୟ କନଭେନର୍ ମନସ୍ୱିନୀ ଟାକ୍ରି, ଆବାହକ ପ୍ରବୀର ପାତ୍ର, କେ. ଅରୁଣାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଯୋଜନା, କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଗୁରୁତ୍ୱ

କୋରାପୁଟ,୩୦।୭(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମକେନ୍ଦ୍ର ସଭାଗୃହରେ କୋରାପୁଟ ପୌର ପରିଷଦର ବିଜୁ ଯୁବ ଓ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଲଲାଟ ରଞ୍ଜନ ସେଠୀ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଯୁବ ଓ ଛାତ୍ରମାନେ ସଚେତନ ହେବା ଆବଶ୍ୟକ। ଏହାକୁ ଗ୍ରାମାଞ୍ଚଳ ସ୍ତରରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଭଳି ସାଙ୍ଗଠନିକ ବୈଠକ ଆଗାମୀ ଦିନରେ ଜିଲାର ସମସ୍ତ ପୌରାଞ୍ଚଳ ଓ ବ୍ଲକରେ ଆୟୋଜିତ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପଡାଲ, କୋରାପୁଟ ଜିଲା ବିଜେଡି ସଭାପତି ଝିନ ହିକକା, ପର୍ଯ୍ୟବେକ୍ଷକ ରମାକାନ୍ତ ରାଉଳ, ହରିଶଙ୍କର ରାଉତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି , ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଜିଲା ସଭାପତି ଉତ୍କଳ ରଞ୍ଜନ ନାୟକ, ପ୍ରଶାନ୍ତ ଗୁପ୍ତା, ମହିଳା ବିଜେଡି ସଭାପତି ପାର୍ବତୀ ମଣ୍ଡି, କୈଶଲ୍ୟା ହିକକା, ବିଜୁ ଛାତ୍ର ଜନତା ଦଳର ସଭାପତି ଆଶିଷ ପଣ୍ଡା, ମହିଳା ଜୋନାଲ ସଭାନେତ୍ରୀ ଲତା ରାୟ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିରସାନୀ ପ୍ରମୁଖ ଉପସ୍ଥିତ ରହି ବିକାଶମୂଳକ କାର୍ଯ୍ୟକୁ ତୃଣମୁଳ ସ୍ତରରେ ପହଞ୍ଚାଇବାକୁ ଉପସ୍ଥିତ ଯୁବ ଓ ଛାତ୍ର କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ, ୩ ଗିରଫ

ଜୟପୁର, ୩୦।୭ (ପବନ ପାଣିଗ୍ରାହୀ)–



ଜବତ ଗଞ୍ଜେଇ।

ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ୬୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କାଲିମେଳାର ସାହେବ କୁମାର (୩୩), ରାହୁଲ ପାଇକ (୨୬) ଓ ମହେଶ୍ୱର ନାୟକ (୧୯) । ରବିବାର ସଦର ପୋଲିସ ଜାତୀୟ ରାଜପଥ-୩୨୬ରେ ପାଟ୍ରୋଲିଂ କରୁଥିବା ବେଳେ ଟାଙ୍କୁଆ ଫରେଷ୍ଟ ଚେକ ଗେଟ ନିକଟରେ ବିଶାଖାପାଟଣା ବସ୍‌କୁ ବ୍ୟାଗ ଧରି ୩ଜଣ ଯୁବକ ଅପେକ୍ଷା କରିଥିବା ଦେଖିବାକୁ ପାଇଥିଲେ। ପୋଲିସ ସନ୍ଦେହ ହେବାରୁ ସେମାନଙ୍କ ନିକଟରେ ପହଞ୍ଚି ଯାଞ୍ଚ କରିଥିଲା। ସେମାନଙ୍କ ବ୍ୟାଗରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଅଭିଯୁକ୍ତମାନେ ମାଲକାନଗିରି ଜିଲାର ଉପାନ୍ତ ଅଞ୍ଚଳରୁ ଗଞ୍ଜେଇ ଆଣି ବିଶାପାଟଣାରୁ ଚାଲାଣ କରୁଥିବା ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ଗଞ୍ଜେଇ ସହ ପୋଲିସ ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ ଜବତ କରିଛି । ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଜୟପୁର,୩୦।୭ (ପବନ ପାଣିଗ୍ରାହୀ)

ଜୟପୁର ଶାରଦା ବିହାରସ୍ଥିତ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକସୁରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ଶିକ୍ଷା ବିକାଶ ସମିତିର କୋରାପୁଟ ଜିଲା ପ୍ରମୁଖ ସଂଗ୍ରାମ କେଶରୀ ମିଶ୍ର, ବିଦ୍ୟାଳୟ ଉପସଭାପତି ଡ. ମନୋରଞ୍ଜନ ପ୍ରଧାନ, ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଦିଲୀପ ଶତପଥୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଦେଇଥିଲେ। ଶିଶୁମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରକଳ୍ପ, ଗଣିତ ପତ୍ରବାଚନ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ପତ୍ରବାଚନ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ସମ୍ପର୍କିତ ତତ୍କାଳିକ ବକ୍ତୃତା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଶିକ୍ଷକ ପ୍ରଶାନ୍ତ ରାଉଳ, ରାମଚନ୍ଦ୍ର ପାଳ, ମାନସ ରଥ, ରୁଦ୍ର ବିଶ୍ୱାଳ, ହିମାଂଶୁ ବାରିକ, ମୁକୁନ୍ଦ ବେହେରା, ଅରୁଣ ସ୍ୱାଇଁ, ବସନ୍ତ ଗୋପାଳ ସାହୁ, ସୂର୍ଯ୍ୟମଣି ମାଝି, ରଞ୍ଜକ ନାୟକ, ସବିତା ମହାନ୍ତି, ଶିଶିର ଚନ୍ଦ୍ର ଦାଶ, ଗୀତାଞ୍ଜଳିପାଣିଗ୍ରାହୀ, ଅରୁଣ ସ୍ୱାଇଁ ଉପସ୍ଥିତ ଥିଲେ। ଗଣିତ ପ୍ରକଳ୍ପରେ ୩୦ ଜଣ, ଗଣିତ ପ୍ରଶ୍ନମଞ୍ଚରେ ୯ଜଣ, ଗଣିତ ପ୍ରୟୋଗରେ ୫ଜଣ ଓ ଗଣିତ ପତ୍ରବାଚନରେ ୬ ଜଣ ଶିଶୁ ଭାଗନେଇଥିଲେ। ବିଜ୍ଞାନ ପ୍ରଶ୍ନମଞ୍ଚରେ ୯ ଜଣ, ବିଜ୍ଞାନ ପ୍ରକଳ୍ପରେ ୩୩ ଜଣ, ବିଜ୍ଞାନ ପ୍ରୟୋଗରେ ୧୪ଜଣ, ବିଜ୍ଞାନ ପତ୍ରବାଚନରେ ୧୮ଜଣ ଭାଗ ନେଇଥିଲେ। ସେହିପରି ସଂସ୍କୃତିଜ୍ଞାନରେ ୧୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଅଧ୍ୟାପକ ସୁଧାଂଶୁ ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କୃତୀ ପୁରସ୍କୃତ ପ୍ରତିଯୋଗୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ।

## ନାଗରିକ କମିଟି ବୈଠକ

ଜୟପୁର, ୩୦।୭ (ପବନ ପାଣିଗ୍ରାହୀ)

ଜୟପୁର ନାଗରିକ କମିଟିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏମଜି ରୋଡସ୍ଥିତ କମିଟିର ସଭାଗୃହରେ ବସିଥିବା ଏହି ବୈଠକରେ ସଭାପତି ମୀନକେତନ ଦାସ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଜିଭି ରାଓ ଆସନ୍ତା ଅଗଷ୍ଟ ୧୫ ପାଳନ ଓ ବରିଷ୍ଠ ନାଗରିକ ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଦୁଇଟି ଦିବସ ଆଡମ୍ବର ସହକାରେ ପାଳନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସୁରେଶ ଦାସ, ରତ୍ନାକର ଚୌଧୁରୀ, କେଦାରନାଥ ବେହେରା, ସୁବାସ ଚନ୍ଦ୍ର ପଣ୍ଡା, ସାନ ଚୌଧୁରୀ,ଏମ. ମହେଶ, ନିଳାଞ୍ଚଳ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଗୀତା ପ୍ରକାଶ ମିଶ୍ର ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ଆଲୋଚନା କରୁଛନ୍ତି।

## ପୋତାହେଲା ଜଲାପୁଟ ଫଳକ

**ଆନ୍ଧ୍ର ଅଧିକାରୀ ଫଳକ ଉପାଡ଼ିବା ଘଟଣା**

ନନ୍ଦପୁର/କୋରାପୁଟ, ୩୦।୭
(ଶଙ୍କର ପୂଜାରୀ/ଅମିତାଭ ବେହେରା)



ଆନ୍ଧ୍ରର ମୁଚିମପୁଟ ପ୍ରଶାସନିକ ଅଧିକାରୀ ଏକତ୍ରିତ ହୋଇ ଗୁରୁବାର ନନ୍ଦପୁର ବ୍ଲକ ସୀମାନ୍ତ ବିଲାପୁଟ ପଞ୍ଚାୟତର ଜଲାପୁଟ ରିଜର୍ଭର ପୋଲ ଆରପଟେ ଥିବା କୋରାପୁଟ ଜିଲା ପ୍ରଶାସନ, ଜଲାପୁଟ ପ୍ରୋଜେକ୍ଟ ପ୍ରକଳ୍ପ ଓ ବିଲାପୁଟ ପଞ୍ଚାୟତର ଫଳକ ଉପାଡି ଦେଇଥିଲେ। ୩ଦିନ ପରେ ରବିବାର ପୁଣି ସେହି ସ୍ଥାନରେ ଫଳକଗୁଡ଼ିକ ପୁନଃ ପୋତାଯାଇଛି। ଭାଜପା ନେତା ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଜିଲା ଭାଜପା ପ୍ରତିନିଧି ଦଳ, ନନ୍ଦପୁର ବିଡିଓ, ତହସିଲଦାର, ଜିପିଇଓ ଓ ବିଲାପୁଟ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ସହଯୋଗରେ ତିନୋଟିଯାକ ଫଳକ ମଧ୍ୟରୁ ଦୁଇଟି ଜିଲା ଓ ପ୍ରୋଜେକ୍ଟ ଫଳକକୁ ପୂର୍ବ ସ୍ଥାନରେ ପୋତା ଯାଇଛି। ବିଲାପୁଟ ପଞ୍ଚାୟତ ପକ୍ଷରୁ ପୋତା ଯାଇଥିବା ସ୍ୱାଗତ ଫଳକକୁ ପୋଲ ଆରପଟକୁ ଅଣାଯାଇ ପୋତାଯାଇଛି।

ନନ୍ଦପୁର ବ୍ଲକ ସୀମାନ୍ତ ବିବାଦୀୟ ରାଇପାହାଡରେ ଆନ୍ଧ୍ରର ଅନୁପ୍ରବେଶର ସମାଧାନ ନିମନ୍ତେ ଗୁରୁବାର ଚାଟୁଆରେ ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବୈଠକ ବସିଥିଲା। କୌଣସି କାଗଜପତ୍ର ଓ ମ୍ୟାପ ଧରି ବୈଠକକୁ ଆନ୍ଧ୍ର ଅଧିକାରୀମାନେ ଆସିଥିବାରୁ ବୈଠକ ବିଫଳ ହୋଇଥିଲା। ବୈଠକ ପରେ ଯିବା ବେଳେ ଆନ୍ଧ୍ରର ମୁଚିମପୁଟ ପ୍ରଶାସନିକ ଅଧିକାରୀ ତହସିଲଦାର, ବିଡିଓ, ଜିଲା ପରିଷଦ ସଦସ୍ୟଙ୍କ ସମେତ ଅନ୍ୟ ଅଧିକାରୀମାନେ ଜଲାପୁଟ ରିଜର୍ଭର ଡ୍ୟାମ ପୋଲ ଆରପଟେ ଥିବା କୋରାପୁଟ ଜିଲା ପ୍ରଶାସନ, ପ୍ରୋଜେକ୍ଟ ଓ ବିଲାପୁଟ ପଞ୍ଚାୟତର ସୂଚନା ଫଳକ ଉପାଡି ଫୋପାଡି ଦେଇଥିଲେ। ଉପସ୍ଥିତ ଲୋକେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ଆନ୍ଧ୍ର ଅଧିକାରୀମାନେ ଶୁଣି ନ ଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ଓଡ଼ିଶା ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣା ସ୍ଥଳକୁ ରବିବାର ସକାଳେ ଜୟପୁର ଭାଜପା ନେତା ଗୌତମ ସାମନ୍ତରାୟଙ୍କ ସମେତ ଲମତାପୁଟ ବ୍ଲକ ଭାଜପା ସଭାପତି ଈଶ୍ୱର ଦାର୍ଲି, ଖଗେଶ୍ୱର ବାଗ, ସରପଞ୍ଚ ରାଜେଶ ଲେନ୍ଧୁ, ସମିତିସଭ୍ୟ ଯୋଗେଶ୍ୱର ଖେମୁଣ୍ଡୁଙ୍କ ସହ ଅନ୍ୟମାନେ ସେଠାରେ ପହଞ୍ଚି କୋରାପୁଟ ଜିଲା ପ୍ରଶାସନର ଫଳକ ଓ ପ୍ରୋଜେକ୍ଟ ଫଳକକୁ ପୁନଃ ଅବସ୍ଥାପିତ କରିଥିଲେ। ଏହି ସମୟରେ ନନ୍ଦପୁର ତହସିଲଦାର ନରସିଂହ ଗାଦବା ଫୋନ ଯୋଗେ ସରପଞ୍ଚ ଲେନ୍ଧୁ, ସମିତିସଭ୍ୟ ଖେମୁଣ୍ଡୁଙ୍କୁ ଦେଇଥିବା ନିର୍ଦ୍ଦେଶ ମୁତାବକ ପଞ୍ଚାୟତର ସ୍ୱାଗତ ଫଳକକୁ ପୋଲ ଅପର ପାର୍ଶ୍ୱରେ ପୋତିଥିଲେ। ରବିବାର ଅପରାହ୍ନରେ ନନ୍ଦପୁର ବ୍ଲକ ବିଡିଓ ସୁଜିତ୍ ମିଶ୍ର ଓ ତହସିଲଦାର ଗାଦବା ପ୍ରଶାସନିକ ଟିମ୍ ସହ ଘଟଣା ସ୍ଥଳ ଜଲାପୁଟ ରିଜର୍ଭର ନିକଟରେ ପହଞ୍ଚି ସ୍ଥିତି ପରଖିଥିଲେ। ସେତେବେଳକୁ ଉପଡାଯାଇଥିବା ତିନି ଫଳକ ପୋତା ସରିଥିଲା। ରାଇପାହାଡ ଉପରେ ଆଲୋଚନାରୁ ଧ୍ୟାନ ହଟାଇବା ପାଇଁ ଆନ୍ଧ୍ର ଅଧିକାରୀ ଏଭଳି କାର୍ଯ୍ୟ କରିଥିବା ବିଡିଓ ମିଶ୍ର ଓ ତହସିଲଦାର ଗାଦବା କହିଛନ୍ତି। ଅନ୍ୟପକ୍ଷରେ ଏହା ନନ୍ଦପୁର ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଓ ଗୋଇନ୍ଦା ବିଭାଗର ବିଫଳତା ବୋଲି କହି ଭାଜପା ନେତା ସାମନ୍ତରାୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଆଗାମୀ ଦିନରେ ଏଭଳି ଘଟଣାର ଦୃଢ଼ ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି।

## ବେହେରାଗୁଡ଼ା ଚାମ୍ପିୟନ

ସୁନାବେଡା,୩୦/୦୭(କୃତ୍ତିବାସ ପ୍ରଧାନ)

**ଉଦ୍‌ଯାପିତ ହେଲା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ସୁନାବେଡା-୧ ଦଶହରା ପଡିଆଠାରେ ଗତ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଟୁର୍ନାମେଣ୍ଟର ଫାଇନାଲ ଖେଳମ୍ୟାଚ ଲିଟିଲ ଷ୍ଟାର ଟିମ୍ ଦାମନଯୋଡି ଓ ସେମିଳିଗଡାର ବେହେରାଗୁଡା ଟିମ୍ ମଧ୍ୟରେ ହୋଇଥିଲା। ଶେଷ ପର୍ଯ୍ୟନ୍ତ ମ୍ୟାଚ ଅମିମାଂସିତ ରହିବାରୁ ପେନାଲଟି ସଟ୍‌ରେ ୪-୩ ଗୋଲରେ ବେହେରାଗୁଡ଼ା ଟିମ୍ ଚାମ୍ପିୟନ ହୋଇଥିଲା । ଲଗାଣ ବର୍ଷା ସତ୍ତ୍ୱେ ଖେଳ ଦେଖିବାକୁ ଦର୍ଶକ ଭିଡ଼ ଜମିଥିଲା । ଏଥିରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଜୀବନ ଶୈଳୀରେ କ୍ରୀଡ଼ା ହେଉଛି ଏକମାତ୍ର ବିକଳ୍ପ। ଏହାକୁ ଅନୁକରଣ କରିବା ଏକାନ୍ତ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ବିଜେଡି ଜିଲା ସଭାପତି ଝିନ୍ନ ହିକକ୍କା, ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୋରାପୁଟ ପୋରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୋରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, କୌଶଲ୍ୟା ହିକ୍କକା , ସମାଜିକ କର୍ମୀ ପି କିରଣ କୁମାର ଓ ଶଙ୍କର ସାଉଁଟା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳକୁ ଟ୍ରଫି ସହ ନଗଦ ୨୧ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। । ସୁନାବେଡା ଟାଉନ କ୍ଲବ ଟୁର୍ନାମେଣ୍ଟ ଆୟୋଜକ ଥିଲା। କ୍ଲବ ସଭପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମ୍ପାଦକ ସନ୍ଦୀପ ପଟ୍ଟନାୟକ,ଉପସଭାପତି ନରି ସମାରେଡ୍ଡିଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

## ନୂତନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୋରିଗୁମ୍ମା,୩୦।୭(ବିଜୟ ସାହୁ)

ସରକାରୀ ପ୍ରାଥମିକ ସେବାଶ୍ରମ ସାନପିଣ୍ଡାପଦରଠାରେ ପ୍ରଧାନ ସେବକ ଅଶୋକ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ବୋରିଗୁମ୍ମା ବ୍ଲକର ଏସ୍ଏସ୍‌ଡି ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟ ପକ୍ଷରୁ ବ୍ଲକରେ ନୂତନଭାବେ ଯୋଗ ଦେଇଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୋନାଲି ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିସହ ପୂର୍ବତନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗୁରୁବନ୍ଧୁ ପୂଜାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ଏଥିରେ ବୋରିଗୁମ୍ମା ବ୍ଲକର ଏସ୍ଏସ୍‌ଡି ବିଦ୍ୟାଳୟଗୁଡିକର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୂଜାରୀଙ୍କ କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଏନ.ରାଜେଶ କୁମାର ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଜୁଲାଇ , ୨୦୨୩

## ଆଜେକ୍ସ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାରାରୋପଣ

ଉମରକୋଟ(ସନ୍ତୋଷ ଶତପଥୀ)-ଉମରକୋଟ ଦିବନକେଠାରେ ଥିବା ଆଜେକ୍ସ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଧାଡ଼ା ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଗୁଡା ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରଠାରେ ୧୦୦ରୁ ଅଧିକ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ଉମରକୋଟ ବନାଞ୍ଚଳ ଡେପୁଟି ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ ଓ ଧାଡ଼ା ଫରେଷ୍ଟର ପ୍ରିୟଙ୍କା ତ୍ରିପାଠୀ, ସ୍ୱାମୀର ପଟ୍ଟନାୟକ ମାଣ୍ଡିଗୁଡା ସରପଞ୍ଚ ଦେବିଡ଼ ଭତ୍ରା, ପଞ୍ଚାୟତ ସଭାପତି ସନ୍ତୋଷ ବିଶୋୟୀ, ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼. ଅଜିତ ଦାସ, ବିପିଏମ ପ୍ରିୟଙ୍କା ସିଲ ପ୍ରମୁଖ ଯୋଗ ଦେଇଥିଲେ।



## ସଂକ୍ଷେପରେ

### ବିଧାୟକ ପାଣ୍ଠିରୁ ନିର୍ମାଣ ହେବ ପ୍ରେସ୍ କ୍ଲବ ପାଚେରି



**ଉମରକୋଟ ୩୦।୭ (ସନ୍ତୋଷ ଶତପଥୀ)**

ଉମରକୋଟର ଖବରଦାତା ସଂଗଠନ 'ଉମରକୋଟ ପ୍ରେସ କ୍ଲବ'ର ପ୍ରସ୍ତାବିତ ସ୍ଥାନରେ ରବିବାର କ୍ଲବ ପାଚେରୀ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପାଚେରି ନିର୍ମାଣ ପାଇଁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ରବିବାର ବିଧାୟକ ଗଣ୍ଡ ପାଚେରୀ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୦୧୪ରେ ଉମରକୋଟ ପ୍ରେସ କ୍ଲବ ଗଠନ ହୋଇ ପଞ୍ଜିକୃତ ହୋଇଛି। ପ୍ରସ୍ତାବିତ କାର୍ଯ୍ୟାଳୟ ସ୍ଥାନରେ ପ୍ରଥମେ ପାଚେରୀ ନିର୍ମାଣ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଭାଜପା ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପ୍ରେସ କ୍ଲବ ସଭାପତି ମହେଶ୍ୱର ବେହେରା, ଉପ ସଭାପତି ସଞ୍ଜିତ ବିଶ୍ୱାସ, ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ଆଇନ ପରାମର୍ଶଦାତା ନଳିନୀ ରଞ୍ଜନ ମିଶ୍ର, ଉପଦେଷ୍ଟା ଗୋପାଳ କୃଷ୍ଣ ପଟ୍ଟନାୟକ ଓ ସତ୍ୟବ୍ରତ ସାମଲ ଯୋଗ ଦେଇଥିଲେ। ଖବରଦାତା ଅନୁରାଗ ପଟ୍ଟନାୟକ, ଯୁଗଳ ସାହୁ, ସନ୍ତୋଷ ଶତପଥୀ, ଗିରିଧର ମାଝୀ, ବାଳକୃଷ୍ଣ ସାହୁ, ରବୀନ୍ଦ୍ର ସ୍ୱାଇଁ, କୁନା ସାହୁ, ହିମାଂଶୁ ବେହେରା, ସମୀର ପତି, ନିରଞ୍ଜନ ବେହେରା, ଜିତେନ୍ଦ୍ର ମହାନ୍ତି, ଝୁମେରା ସାନ୍ତା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ସଂଘ ଅସହାୟଙ୍କୁ ସହାୟତାର ହାତ ବଢାଇବେ ବୋଲି ବିଧାୟକ ଆଶା ପ୍ରକଟ କରିଛନ୍ତି ।

### ଗଛରେ ପିଟିହେଲା ୧୦୮ ଆମ୍ବୁଲାନ୍ସ

**ଝରିଗାଁ,୩୦।୭ (କିଶୋର ଚନ୍ଦ୍ର ମଣ୍ଡଳ)**

ଝରିଗାଁ ସଦରମହକୁମାଠାରୁ କିଛି ଦୂରରେ ରହିଥିବା ଧଙ୍ଗଡାମାଲଠାରେ ରବିବାର ଭୋର ପ୍ରାୟ ସାଢ଼େ ୪ଟା ସମୟରେ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡ୍ରାଇଭର



ମନୋଜ କୁମାର ଦାସ ଓ ଫାର୍ମାସିଷ୍ଟ ଦେବନାଥ ମାଳୀ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜାପଡ଼ିଛି। ଚନ୍ଦାହାଣ୍ଡି କାଶିପାଣି ଅଭିମୁଖେ ଆମ୍ବୁଲାନ୍ସ ସେବା ଯୋଗାଇବାକୁ ଯିବା ସମୟରେ ଝରିଗାଁ ସଦରଠାରୁ ୩ କି.ମି. ଦୂର ଧଙ୍ଗଡ଼ାମାଲ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ପାର୍ଶ୍ୱରେ ଥିବା ଏକ ଗଛରେ ଧକ୍କା ହୋଇଥିଲା। ନିକଟସ୍ଥ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଫାର୍ମାସିଷ୍ଟଙ୍କ ଓଠ ଫାଟିଯାଇଥିବାରୁ ଦୁଇଟି ଷ୍ଟିଚ ପଡ଼ିଛି ଏବଂ ଡାହାଣ ଆଣ୍ଠୁ ତଳ ଅଂଶରେ ଆଘାତ ଲାଗିଥିବା ଜଣାପଡ଼ିଛି । ଅନ୍ୟ ପଟେ ଡ୍ରାଇଭର ମନୋଜଙ୍କୁ କୌଣସି ଗୁରୁତର ଆଘାତ ଲାଗି ନ ଥିବା ଜଣାପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି।

# ସରୁଗୁଡ଼ାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣକୁ ବିରୋଧ

**ନନ୍ଦାହାଣ୍ଡି,୩୦।୭(ପ୍ରତୀପ ଦାସ)**

### ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲାପାଳଙ୍କ ଜନଶୁଣାଣି

ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ବିବାଦକୁ ନେଇ ଏକ ଜନଶୁଣାଣି ରବିବାର ହୋଇଥିଲା। ଏଥିରେ ସମସ୍ତ ପକ୍ଷଭୁକ୍ତ ଲୋକଙ୍କ ସହ ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟ, ଜନ ପ୍ରତିନିଧିଙ୍କ ସହ ୫ଟି ପଞ୍ଚାୟତ ଲୋକ ଯୋଗଦେଇଥିଲେ। ସରକାରଙ୍କ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ ୭ ଏକର ସରକାରୀ ଜମି ଆବଶ୍ୟକ ପଡ଼ିବା ପରେ ଡଙ୍ଗରଭେଜାରେ ଜାଗା ଅଭାବ ଯୋଗୁ ସରୁଗୁଡା ଗ୍ରାମକୁ ସ୍ଥାନାନ୍ତର କରି ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ସେଠାର ଅଞ୍ଚଳବାସୀ ଏହାକୁ ଜୋରଦାର ବିରୋଧ କରିଛନ୍ତି। ପୂର୍ବତନ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଜମି ଅଧିଗ୍ରହଣ ଅନୁମତି ପାଇଁ ୨ ଲକ୍ଷ ଟଙ୍କା ଲାଞ୍ଚ ମାଗୁଥିଲେ ବୋଲି ଆବେଦନକାରୀ ଦିବାକର ନିଙ୍ଗି ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ସରୁଗୁଡାଠାରେ ନିର୍ମାଣ କରାଯାଉଥିବା ପ୍ରସ୍ତାବିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିରୋଧ କରି ଆବେଦନକାରୀ ଦିବାକର ନିଙ୍ଗି ଓଡ଼ିଶା ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଏର କରିଥିଲେ ; ଯାହାକୁ ନେଇ ଜିଲାପାଳଙ୍କ ଦ୍ୱାରା ରବିବାର ଶୁଣାଣି କରାଯାଇଥିଲା। ୧୦।୪।୧୩ରେ ହାଇକୋର୍ଟ ଡଙ୍ଗରଭେଜାଠାରୁ ସରୁଗୁଡ଼ାକୁ କାହିଁକି ସ୍ଥାନାନ୍ତର ହେଲା ତା'ର କାରଣ ଦର୍ଶାଅ ନୋଟିସ୍ ୨ ମାସ ମଧ୍ୟରେ ଦେବା ପାଇଁ ପ୍ରେରଣ କରିଥିଲେ। ଆବେଦନକାରୀଙ୍କ ସହ ଉପସ୍ଥିତ ସମସ୍ତ ଜନପ୍ରତିନିଧି ଓ ସ୍ଥାନୀୟ ଲୋକେ ଏହାକୁ ଜୋରଦାର ବିରୋଧ କରିବା ସହ ଜିଲା ପ୍ରଶାସନ ଏହାକୁ ଜାଣିଶୁଣି ଅଣଦେଖା କରୁଛି ବୋଲି ଅଭିଯୋଗ କରିଛନ୍ତି। ଆବେଦନକାରୀ ସୂଚନା ଅଧିକାର ଆଇନ ବଳରେ ନନ୍ଦାହାଣ୍ଡି ତହସିଲରେ ସରୁଗୁଡାଠାରେ ନିର୍ମାଣ ହେଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆରଟିଆଇ ତଥ୍ୟ ମାଗିଥିଲେ ; ଯାହାକୁ ଉକ୍ତ ପ୍ରସ୍ତାବିତ ଜମି ୮.୭୫ ଏକର ବଦଳରେ ୧୮.୭୫ ଏକର ବୋଲି ଜାଣିଶୁଣି ମିଥ୍ୟା ତଥ୍ୟ ଦିଆଯାଇ ମାମଲାକୁ ଘଣ୍ଟ ଘୋଡ଼ାଯାଇଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ପୂର୍ବତନ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କର ଏହି କେଲେଙ୍କାରୀ ପଛରେ ହାତ ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଶେଷରେ ଏହି ଘଟଣାକୁ ବିରୋଧ କରି ଉପସ୍ଥିତ ଜନ ପ୍ରତିନିଧି ଓ ସ୍ଥାନୀୟ ଲୋକ ସେଠାରୁ ଚାଲିଯାଇଥିଲେ।



ଜନ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ଏହି ଶୁଣାଣିରେ ଆବେଦନକାରୀ ଦିବାକର ନିଙ୍ଗି, ନନ୍ଦାହାଣ୍ଡି ଜୋନ-୧ ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା, ନନ୍ଦାହାଣ୍ଡି ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସରପଞ୍ଚ ଗୁଣମତି ସୌରା, ସମିତିସଭ୍ୟ ଅଭିମନ୍ୟୁ ନାୟକ, ଶ୍ରୀକାନ୍ତ କୁମାର ପଣ୍ଡା, ପରେଶ ଚନ୍ଦ୍ର ଦାସ, ଜ୍ୟୋତିର୍ମୟ ତ୍ରିପାଠୀ, ମୋହନ ନାୟକ, ଗୁପ୍ତ ନାୟକ, ସନାତନ ତ୍ରିପାଠୀ ଓ ଲଳିତ ନିଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଆବଶ୍ୟକ ଜମି ଯୋଗାଇ ଦେବା ପାଇଁ ଯଥେଷ୍ଟ ସମୟ ଦେଇଥିବା କହିବା ସହ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଆଗେଇଯାଇଥିବା ବେଳେ ଏହାକୁ ବନ୍ଦକରିବା ସମ୍ଭବ ନୁହେଁ ବୋଲି ଜିଲାପାଳ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ହେବା ଦ୍ୱାରା ୬ ପଞ୍ଚାୟତ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଏହାକୁ ବିରୋଧ କରାଯାଉଛି।

## ଧରିତ୍ରୀ ପ୍ରଭାବ
# ରେବତୀ ଚିକିତ୍ସା ଲାଗି ତତ୍ପରତା ଦେଖାଇଲେ ଜିଲା ଚିକିତ୍ସାଧିକାରୀ

**ତେନ୍ତୁଳିଖୁଣ୍ଟି ୩୦।୭, (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପରଜା ବାରଙ୍ଗପଦର ଗ୍ରାମ ପଞ୍ଚାୟତ ଖାତିଗୁଡା ଗ୍ରାମର ଗଙ୍ଗାଧର ସୁରେଖା କୁମ୍ଭାରଙ୍କ ଝିଅ ରେବତୀର ଚିକିତ୍ସା ପାଇଁ ଅର୍ଥବାଧକ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଛନ୍ତି ଜିଲା ଚିକିତ୍ସାଧିକାରୀ । ସିଡିଏମଓ କାଳି ପ୍ରସାଦ ବେହେରା ରବିବାର ଜିଲା ଚିକିତ୍ସାଳୟର ଏକ ଟିମ ପଠାଇ ୧୦୮ ଆମ୍ବୁଲାନ୍ସ ଯୋଗେ ରେବତୀ କୁମ୍ଭାରଙ୍କ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ସେଠାରେ ରେବତୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ, ଚକ୍ଷୁ ଚିକିତ୍ସା ପାଇଁ ନବରଙ୍ଗପୁରରେ ଥିବା ଇନ୍ଦ୍ରାବତୀ ଚକ୍ଷୁ ଚିକିତ୍ସାଳୟକୁ ନିଆଯିବ। ସେଠାରେ ରେବତୀଙ୍କ ଚକ୍ଷୁ ଚିକିତ୍ସା ହୋଇ ନ ପାରିଲେ ଭୁବନେଶ୍ୱର ପଠାଇବା ବ୍ୟବସ୍ଥା କରାଯିବ ବୋଲି ଡାକ୍ତର ବେହେରା କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରେବତୀଙ୍କୁ ସାମିଲ କରାଯିବା ପାଇଁ ବିଡ଼ିଓ କଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ରହିଲା।

# 'ସବୁଜ ମହାବିଦ୍ୟାଳୟ' ଅଭିଯାନରେ ୬୦୦ ଚାରା ରୋପଣ

**ନବରଙ୍ଗପୁର,୩୦।୭(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମହାବିଦ୍ୟାଳୟ ସବୁଜ ବାହିନୀ ଆନୁକୁଲ୍ୟରେ 'ଗଛ ଲଗାଇବା ଆସ' ଅଭିଯାନ ଚାଲୁ ରହିଛି। ଦୀର୍ଘ ଏକ ମାସ ଧରି ମହାବିଦ୍ୟାଳୟରେ ଥିବା ଖାଲି ସ୍ଥାନରେ ପ୍ରାୟ ୬୦୦ ଚାରା ରୋପଣ କରାଯାଇଛି। ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ବନ ମହୋତ୍ସବ ସପ୍ତାହର ଏହି ଅଭିଯାନକୁ ଉଦଘାଟନ କରିବା ସହ କଲେଜ ପରିସରରେ କେବଳ ଦେବଦାରୁ ଏବଂ ଔଷଧୀୟ ଚାରା ଲଗାଯିବ ବୋଲି ଘୋଷଣା କରିଥିଲେ। ପର୍ଯ୍ୟାୟ କ୍ରମେ ଯୁବ ରେଡକ୍ରସ ସହ ଏନ. ସି. ସି, ଜାତୀୟ ସେବା ସଂସ୍ଥାର ଉଭୟ ବାଳକ ଓ ବାଳିକା ବିଭାଗ, ଇକୋ କ୍ଲବ, ଛାତ୍ର ସଂସଦ,ଅଫିସ କର୍ମଚାରୀ ଏଂ କଳା, ବିଜ୍ଞାନ ଓ ବାଣିଜ୍ୟର ବିଭିନ୍ନ ବିଭାଗ ଦାରା ଗଠିତ 'ସବୁଜ ବାହିନୀ' ମାଧ୍ୟମରେ 'ଗଛ ଲଗାଇବା ଆସ' କାର୍ଯ୍ୟକ୍ରମ ଚାଲୁ ରହିଛି।

ଯୁବ ରେଡକ୍ରସର ଜିଲା ସମ୍ପାଦକ ତଥା ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ଦିଲ୍ଲୀପ କୁମାର ହୋତା ପ୍ରକଳ୍ପ ବିଷୟରେ ବିବରଣୀ ଦେବା ସହିତ ସମସ୍ତ ସଂସ୍ଥା ଓ ସଙ୍ଗଠନକୁ ସାମିଲ କରି ଏହାକୁ ଏକ ମେଗା ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଥିଲେ। ଜିଲା ଜଙ୍ଗଲ ବିଭାଗର ପଦସ୍ଥ ଅଧିକାରୀ ଓ ଚରକ ବନର ବିଭାଗୀୟ କର୍ମଚାରୀମାନେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଚାରା ଠିକ ସମୟରେ ପ୍ରଦାନ କରିଥିବାରୁ ଅଧ୍ୟକ୍ଷ ଅନୁଷ୍ଠାନ ତରଫରୁ ସାଧୁବାଦ ଦେଇଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଜୁଲାଇ ୧୪ ତାରିଖରେ ଅତିଥି ଭାବେ ପୁରାତନ ଛାତ୍ର ତଥା ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ ଡ଼. କମଳ ଲୋଚନ ମିଶ୍ର, ପରିଚାଳନା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, କଲେଜ ଅଧ୍ୟକ୍ଷ ଡ଼. ବିଶ୍ୱାଳଙ୍କ ସହ ପ୍ରେକ୍ଷାଳୟ ସମ୍ମୁଖରେ ଚାରାରୋପଣ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସହରର ଆଧ୍ୟାତ୍ମିକ ଅନୁଷ୍ଠାନ କାଳିକୃଷ୍ଣ ସଂଘ ଓ ଜଗା ଚାକର ସଂଘ କର୍ମକର୍ତ୍ତା ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିଦିନ ଗୋଟାଏ ଶ୍ରେଣୀର ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀଙ୍କୁ ପ୍ରଥମେ ଗଛ ଲଗାଇବା ଓ ଯତ୍ନ ନେବା ଉପରେ ସଚେତନ କରାଯାଉଛି ଏବଂ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଛ ଲଗାଇ ତାର ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଉଛି। ଛାତ୍ର ସଂସଦର ସହ ଉପଦେଷ୍ଟା ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା, ଅଧ୍ୟାପକ ମନୋଜ କୁମାର କଂସ ବେହେରା, କର୍ମଚାରୀ ରାଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଦାୟିତ୍ୱରେ ରହିଛନ୍ତି। ଅଧ୍ୟାପକ ମନୋଜ ଆଖପାଖରେ ଥିବା ମନ୍ଦିର ଗୁଡ଼ିକରେ କେବଳ ରୁଦ୍ରାକ୍ଷ ବୃକ୍ଷ ରୋପଣ କରିବାର ପଦକ୍ଷେପ ନିଆଯାଇଛି। ଏକ ସମୟରେ ଏତେ ଗୁଡ଼ିଏ ଚାରାରୋପଣ କରି ସେଗୁଡ଼ିକର ଯତ୍ନ ନେବା ମହାବିଦ୍ୟାଳୟ ଇତିହାସ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ମହତ୍ୱ କାର୍ଯ୍ୟ ପାଇଁ ଅଧ୍ୟକ୍ଷ ଓ ଗ୍ରିନେରି ଟିମର ସଭ୍ୟଙ୍କୁ ସାଧୁବାଦ ପ୍ରଦାନ କରାଯାଉଛି।




'ସବୁଜ ବାହିନୀ'ର କର୍ମକର୍ତ୍ତା ଚାରା ରୋପଣ କରୁଛନ୍ତି।

### ଇତିହାସ ରଚିଲେ ମହାବିଦ୍ୟାଳୟ ସବୁଜ ବାହିନୀ

# ଅବକାରୀ ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ବୈଠକରେ ଉପସ୍ଥିତ ଅବକାରୀ ଅଧିକାରୀ ଓ କର୍ମଚାରୀ।

**ଉମରକୋଟ ୩୦।୭ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ଅବକାରୀ ବିଭାଗ କାର୍ଯ୍ୟାଳୟଠାରେ ଜୋନସ୍ତରୀୟ ଅବକାରୀ ଆଇନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଉମରକୋଟ ସହ ଝରିଗାଁ, ଚନ୍ଦାହାଣ୍ଡି, ରାଇଘର ଅଞ୍ଚଳର ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଦେବା ପାଇଁ ଉମରକୋଟ ଏଡିଜେ କୋର୍ଟରେ ସରକାରୀ ଓକିଲ ଝା ମହାନ୍ତି ଓ ଜେଏମଏଫସି କୋର୍ଟରେ ସରକାରୀ ଓକିଲ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ରହି ବିଭିନ୍ନ ଅବକାରୀ ଆଇନ ବିଷୟରେ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ସରକାରୀ ଓକିଲ ଝାଡେଶ୍ୱର ମହାନ୍ତି ଏନଡିପିଏସ ଆଇନ ବିଷୟରେ ବୁଝାଇ ଥିବାବେଳେ ସରକାରୀ ଓକିଲ ପ୍ରଶାନ୍ତ କୁମାର ସାହୁ ଅବକାରୀ ଆଇନ ବିଷୟରେ ଉପସ୍ଥିତ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ୩୦ରୁ ଅଧିକ ଅବକାରୀ କର୍ମଚାରୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

ଅବକାରୀ ଆଇନକୁ କଡାକଡି ଭାବେ ପାଳନ କରିବା ସହ ଆଇନ ଅନୁଯାୟୀ ବେଆଇନ ମଦ ବିକ୍ରି ଓ ଚୋରା ଗଞ୍ଜେଇ ଚାଲାଣ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ଆରକ୍ଷୀ ଅଧିକ୍ଷକ ଗଙ୍ଗା ପାଇକରାୟ ଦୃଢୋକ୍ତି ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଉମରକୋଟ ଅବକାରୀ ଥାନାଧିକାରୀ ମନୁ ଆୟଲ, ଇନସ୍ପେକ୍ଟର ହରିହର ସିଂ, ମାଖନଲାଲ ହାଲଦାର, ଦେବାଶିଷ ପଣ୍ଡା ଓ ମଞ୍ଜୁଲତା ବାରିକ, ସୁବାସ ଗୌଡ଼, ଜ୍ୟୋତ୍ସ୍ନାରାଣୀ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି

**ଝରିଗାଁ ,୩୦।୭(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ପୁର୍ଲାସ୍ଥିତ ପୂର୍ବତନ ଦଣ୍ଡକାରଣ୍ୟ ଆଦିବାସୀ /ହରିଜନ ଶିକ୍ଷା ଗବେଷଣା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହା ନବରଙ୍ଗପୁର ଜିଲା ସଭାପତି ବଂଶୀଧର ଭୂୟାଁ ଓ ସମ୍ପାଦକ ମିହିରକାନ୍ତି ଢାଲିଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବହୁସଂଖ୍ୟାରେ ଓଷ୍ଟାର ଜିଲା ଓ ବ୍ଲକ କର୍ମକର୍ତ୍ତା ଯୋଗଦେଇଥିଲେ। ନବରଙ୍ଗପୁର ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, କଳାହାଣ୍ଡି ଜିଲା ସମ୍ପାଦକ ପ୍ରଭାତ ରଥ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଓଷ୍ଟା ରାଜ୍ୟ ଉପସଭାପତି ଅରୁଣ ବଳ ଓ ଓଷ୍ଟା ମୁଖପତ୍ର 'ଶିକ୍ଷା ପ୍ରଦୀପ'ର ଯୁଗ୍ମ ସମ୍ପାଦକ ସନ୍ତୋଷ ସାହୁ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦୁଲାଲ ବାରୋଇ, ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ନନ୍ଦି, ଝରିଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୋହିଣୀ ତପସ୍ୱିନୀ ହଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଓଷ୍ଟା ପକ୍ଷରୁ ଆଗାମୀ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ଏବଂ ଅଗଷ୍ଟ ୧୬ରେ ଦାବି ଦିବସଠାରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ହେବାକୁ ଥିବା ସମାବେଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହିତ ପୁରୁଣା ପେନ୍‌ସନ ପ୍ରଦାନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ୬ବର୍ଷର ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଯୋଗକରିବା, ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ, ହିନ୍ଦୀ, ସଂସ୍କୃତ, ଖେଳ ଶିକ୍ଷକଙ୍କ ସମସ୍ୟା ସହିତ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ କରିବା ନେଇ ଆଲୋଚନା ହୋଇଥିବା ଜିଲା ସମ୍ପାଦକ ଢାଲି କହିଛନ୍ତି। ବିଦ୍ୟୁତ୍‌ପ୍ରଭା ମିଶ୍ର, ପ୍ରଭାତ ନାୟକ, ରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଶ୍ରୀନିବାସ ମହାରଣା, ନାରାୟଣ ପାଇକରାୟ, ଦିଲ୍ଲୀପ ସାହୁ, ଗୌତମ ବେହେରା, ଅଜୟ ନନ୍ଦ, ଶରତ ଗିରି,ଦୀପକ ପ୍ରଧାନ, ମଥୁରାନନ୍ଦ ରାଉତ, ବାବୁରାମ ସାହୁ, ନଗେନ୍ଦ୍ର ରାଉତ, ଜିତେନ୍ଦ୍ର ଆଇଚ, ସୁବ୍ରତ ତ୍ରିପାଠୀ, ବୀରେନ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର କର୍କରା, ପ୍ରଦୀପ୍ତ ବେହେରା, ରବୀନ୍ଦ୍ର ଜେନାଙ୍କ ସହ ଶତାଧିକ ଶିକ୍ଷକ, କର୍ମଚାରୀ ଯୋଗଦେଇଥିଲେ।




ସମ୍ମିଳନୀରେ ମଞ୍ଚାସୀନ ଅତିଥି।

### ଓଷ୍ଟା ପକ୍ଷରୁ ଜିଲା ସମ୍ମିଳନୀ

# ଆଦିବାସୀ ଦିବସ ପାଳନ ଲାଗି ପ୍ରସ୍ତୁତି

**ଡାବୁଗାଁ, ୩୦।୭ (ପ୍ରଜ୍ଞା ରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲା ଜନଜାତି ସୁରକ୍ଷା ମଞ୍ଚ ତରଫରୁ ବିଶ୍ୱ ଆଦିବାସୀ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଗୋପୀନାଥ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଗଷ୍ଟ ୯ ତାରିଖରେ ବିଶ୍ୱ ଆଦିବାସୀ ଦିବସ ପାଳନ କାର୍ଯ୍ୟକ୍ରମରେ କିପରି ବହୁ ଆଦିବାସୀ ଭଉଣୀ ଭାଇ ଯୋଗଦେବେ ସେ ନେଇ ଆଲୋଚନା ହୋଇଥିଲା। ସେହିପରି ଡାବୁଗାଁ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ରାଲି ଗ୍ରାମ ପରିକ୍ରମା କରି ୯ ଦଫା ଦାବି ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯିବ, ପରେ ଡାବୁଗାଁ ମିନି ଷ୍ଟାଡିୟମଠାରେ ସାଧାରଣ ସଭା କରାଯିବ ନେଇ ଆଲୋଚନା ହୋଇଥିଲା । ଏଥିର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ନବରଙ୍ଗପୁର ପୂର୍ବତନ ବିଧାୟକ ସଦନ ନାୟକ, ରାଜ୍ୟସଭା ପୂର୍ବତନ ଏମ୍‌ପି ଭଗବାନ ମାଝି, ଉମରକୋଟ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝି, ଉମରକୋଟ ମ୍ୟୁନିସପାଲଟି ଅଧ୍ୟକ୍ଷା ରାଧା ଭତ୍ରା, ଝରିଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଡାବୁଗାଁ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ମୋହନସିଂ ଗଣ୍ଡ, ମୋହନ ନାୟକ, ଦୟାନିଧି ଭତ୍ରା, ସୁକ୍ରୁ ଭତ୍ରା, ନରସିଂ ମାଝି, ବୁଦ୍ଧୁରୁ ଭତ୍ରା, ହିରଣ୍ୟ ମାଝି ଓ ଜିଲାର ସମସ୍ତ ଆଦିବାସୀ ସମାଜର ସଭାପତି ଓ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ

**ବାଲିମେଲା, ୩୦।୭(ଶିବଦତ୍ତ ସାହୁ)**

- ନୀରବଦ୍ରଷ୍ଟା ଆଞ୍ଚଳିକ ପରିବହନ ବିଭାଗ
- ରାସ୍ତାରେ ନାବାଳକ ଚଳାଉଛନ୍ତି ବାଇକ୍

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ବାଲିମେଲା ସହରରେ ବିନା ଲାଇସେନ୍ସ ଓ କାଗଜପତ୍ରରେ ଅନେକ ଗାଡି ଚଳାଚଳ କରୁଛି। ବାଇକ୍‌ଠାରୁ ଆରମ୍ଭ କରି ଅଟୋ, ଟ୍ରାକ୍ଟର, ଭ୍ୟାନ ଓ ଡାଲାଗାଡି ଏଥିରେ ରହିଛି। ନମ୍ବର ବିହୀନ ଗାଡି ମଧ୍ୟ ବହୁ ସଂଖ୍ୟାରେ ଚାଲୁଥିବା ଦେଖିବାକୁ ମିଳୁଛି। ଖାଲି ଏତିକି ନୁହେଁ, ନାବାଳିକା ଓ ନାବାଳକମାନେ ରାସ୍ତାରେ ଖୁଲ୍ଲମ୍ ଖୁଲ୍ଲା ଭାବେ ବାଇକ୍ ଓ ସ୍କୁଟି ଚଳାଉଥିବା ଦେଖିବାକୁ ମିଳୁଛି।

ଜିଲାର ବିଭିନ୍ନ ଅଞ୍ଚଳକୁ ସରକାରଙ୍କ ପକ୍ଷରୁ ବହୁ ସଂଖ୍ୟାରେ ସରକାରୀ ଓ ବେସରକାରୀ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି, ହେଲେ କେତେକ ଯାତ୍ରୀ କମାଣ୍ଡର, ଜିପ୍, ଅଟୋ ଓ ଭ୍ୟାନରେ ବସି ଯାତାୟାତ କରୁଛନ୍ତି। ଏଭଳି କେତେକ ଗାଡି ମାଲିକ ଓ ଡ୍ରାଇଭରମାନେ ଅର୍ଥ ଲୋଭରେ ବିପଦ ସଙ୍କୁଳ ଭାବେ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ଗାଡ଼ିରେ ବସାଇ କିମ୍ବା ଡାଲା ଉପରେ ଛିଡା କରାଇ ନେବା ଆଣିବା କରୁଛନ୍ତି। ଏପରି ଯାତ୍ରା ସମୟରେ ଅନେକ ଥର ଦୁର୍ଘଟଣା ଘଟି ଲୋକଙ୍କ ଧନ ଜୀବନ ହାନୀ ହେଉଥିଲେ ମଧ୍ୟ ଏହାକୁ ସୁଧାରିବା ଦିଗରେ ପରିବହନ ବିଭାଗ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଲୋକେ ଜୀବନକୁ ବାଜି ଲଗାଇ ଏଭଳି ଭାବେ ଯିବା ଆସିବା କରୁଛନ୍ତି। ସଡକ ପରିବହନ ନିୟମ ପାଳନରେ କୋହଳ ଅବଧିକୁ ସରକାର ବୃଦ୍ଧି କରିଛନ୍ତି। ଏହା ସତ୍ତ୍ୱେ ଅନେକ ଲୋକେ ଏ ଦିଗରେ ଆଦୌ ସଚେତନ ହେଉ ନ ଥିବା ଜଣାପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ନିୟମିତ ଗାଡି ମୋଟର ଯାଞ୍ଚ କରୁନାହାନ୍ତି। ଏଭଳି ସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଗାଡି ଚାଳକ ଓ ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉ ନାହିଁ। ଦିନକୁ ଦିନ ଏହି ସମସ୍ୟା ଗୁରୁତର ହେଉଥିଲେ ହେଁ ବିଭାଗୀୟ ଅଧିକାରୀ ଏଥିରେ ଅଙ୍କୁଶ ଲଗାଇବା ପାଇଁ ଆଦୌ ଦୃଷ୍ଟି ଦେଉ ନ ଥିବା ଆଲୋଚନା ହେଉଛି। ଏହି ସମସ୍ତ ଅଞ୍ଚଳରେ ଗାଡି ମୋଟର କରିବାକୁ ଯାଞ୍ଚ ସାଧାରଣରେ ଦାବୀ ହୋଇଛି ।




ଗାଡି ଡାଲାରେ ବସି ଯାଉଥିବା ଲୋକେ ।

# ଅଫିସ୍‌ରେ ହେଉଛି ପାଠପଢ଼ା

**ପଡିଆ, ୩୦।୭(ଭାସ୍କର ରାଓ)**

### ଅବ୍ୟବସ୍ଥାରେ ଏମ୍‌ଭି ୫୯ ବିଦ୍ୟାଳୟ

ମାଲକାନଗିରି ଜିଲା ପଡିଆ କାଲଦାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି ୫୯ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୀର୍ଘ ବର୍ଷ ଧରି ସ୍କୁଲର ବିଭିନ୍ନ ଭିତ୍ତିଭୂମିର ବିକାଶ ସହ ଶିକ୍ଷକ ଅଭାବ ଓ ଉପଯୁକ୍ତ ଶ୍ରେଣୀଗୃହ ନ ଥିବା ନେଇ ବାରମ୍ବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଲେ ସୁଦ୍ଧା କେହି ଦୃଷ୍ଟି ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପିଲାମାନେ ଅଫିସରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଏମ୍‌ଭି ୫୯ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୧୯ ଜଣ ପିଲା ଥିବା ବେଳେ ଗତବର୍ଷ କାଳ ବୈଶାଖୀରେ ଏହି ବିଦ୍ୟାଳୟର ଛପର ଉଡିଯାଇଥିଲା। ଏହାପରଠାରୁ ୫ଟି ରୁମରେ ପାଠପଢା ହୋଇଥିବା ବେଳେ ଶ୍ରେଣୀ ଗୃହ ଅଭାବ ରହିଛି। ଯେଉଁ କେତେକ ଅଛି ସେଥିରୁ ପାଣି ଗଳୁଛି। ପାଠପଢାରେ ଅସୁବିଧା ହେଉଥିବାରୁ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ହିଁ ପିଲା ପଢୁଥିବା ଦେଖିବାକୁ ମିଳିଛି। ଏହି ସ୍କୁଲରେ ରୋଷେଇ ଘର ଛାତରୁ ପାଣି ଗଳିବା, ପାଇଖାନାରେ ଦୁଆର ବନ୍ଦ ଲଗାଯାଇ ନ ଥିବା, ପାଚେରି ମଧ୍ୟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। କୌଣସି କାରଣରୁ ବିଦ୍ୟୁତ୍ କାଟ ହେଲେ ହ୍ୟାଣ୍ଡ ପମ୍ପ କାର୍ଯ୍ୟକ୍ଷମ ନ ଥିବାରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ୩ ଶହ ମିଟର ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ର ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି ।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ସୁବ୍ରତ ବିଶ୍ୱାଳଙ୍କୁ ପଚାରିବାରୁ ଏହି ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ଥିବା ବେଳେ ଏହାର କାର୍ଯ୍ୟ ଆରମ୍ଭ ହୋଇଛି, କିନ୍ତୁ ତାହା ମନ୍ଥର ଗତିରେ ଚାଲିଥିଲା ବେଳେ ଗତ କିଛିଦିନ ଧରି ଏହା ବନ୍ଦ ରହିଛି। ଏଥିସହ ଏହି ବିଦ୍ୟାଳୟରେ ଆଠଟି ଶ୍ରେଣୀରେ ୪ ଜଣ ଶିକ୍ଷକ ରହିଛନ୍ତି। ଏ ଦିଗରେ ମଧ୍ୟ ଶିକ୍ଷା ବିଭାଗ ଦୃଷ୍ଟି ଦେଉନଥିବା ଜଣାପଡିଛି। ଏ ସମ୍ପର୍କରେ ପଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲିଙ୍କୁ ଯୋଗାଯୋଗ କରାଯିବାରୁ ସେ ଏ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ସେହିପରି ବିଦ୍ୟାଳୟର ଭିତ୍ତିଭୂମି ବିକାଶ ବାବଦରେ ସ୍ଥାନୀୟ ବିଡିଓ ରାମକୃଷ୍ଣ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ତୁରନ୍ତ ଅଧାପନ୍ତରିଆ ହୋଇ ପଡି ରହିଥିବା ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ଏମ୍‌ଭି ୫୯ ଗ୍ରାମ ସ୍କୁଲର ଭିତ୍ତିଭୂମି ବିକାଶ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ସ୍କୁଲ ଘର ଛପର ଉଡିଯାଇଛି ।

# ମିଳୁନି ଶଯ୍ୟା, ଦୁର୍ଦ୍ଦଶାରେ ରୋଗୀ

## ଅବ୍ୟବସ୍ଥାରେ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟ

■ ଭେଷଜ ବିଭାଗରେ ୩୭ ଶଯ୍ୟା, ଚିକିତ୍ସିତ ହେଉଛନ୍ତି ୯୦ ରୋଗୀ

■ ଶିଶୁ ବିଭାଗ ୩୫ ଶଯ୍ୟାରେ ୪୯ ରୋଗୀ

ରାୟଗଡ଼ା,୩୦।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି । ବର୍ଷା ଦିନେ ଶିଶୁଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବାବେଳେ ଶଯ୍ୟା ଅଭାବରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ମେଡିକାଲର ଭେଷଜ ବିଭାଗରେ ୩୭ଟି ଶଯ୍ୟା ଥିବାବେଳେ ରବିବାର ୯୦ ରୋଗୀ ଆଡମିଟ୍ ହୋଇଛନ୍ତି। ସେହିପରି ଶିଶୁ ବିଭାଗରେ ୩୫ଟି ଶଯ୍ୟା ଥିବାବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ୪୯ ରୋଗୀ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ଏକ ସପ୍ତାହ ହେଲାଣି ବିଭିନ୍ନ ରୋଗୀ ଆସି ଆଡମିଟ ହେଉଥିବା ବେଳେ ଶଯ୍ୟା ଅଭାବରୁ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଶିଶୁ ଚିକିତ୍ସା ବିଭାଗରେ ରବିବାର ୪୯ ଶିଶୁ ରୋଗୀ ରହିଥିଲେ । ସେଥିରେ ପ୍ରାୟ ୨୫ ଜଣ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ତେବେ ଦୈନିକ ୮ରୁ ୧୦ ଶିଶୁ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜଣାପଡ଼ିଛି। ତେବେ ସବୁଠୁ ବିପର୍ଯ୍ୟସ୍ତ



ବାରଣ୍ଡାରେ ଶୋଇଥିବା ରୋଗୀଙ୍କ ରୁଟିନ୍ ଚେକଅପ୍ କରୁଛନ୍ତି ଡାକ୍ତର।

ହୋଇପଡ଼ିଛି ଭେଷଜ ବିଭାଗ । ସେଠାରେ ୩୭ଟି ଶଯ୍ୟା ରହିଥିବା ବେଳେ ରବିବାର ୯୦ରୁ ଊର୍ଦ୍ଧ୍ୱ ରୋଗୀ ଆଡ଼ମିଟ୍ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ଜଣ ମ୍ୟାଲେରିଆ ଆକ୍ରାନ୍ତ ରହିଥିବା ଜଣାପଡ଼ିଛି । ଆବଶ୍ୟକ ବେଡ୍ ନ ଥିବାରୁ ସେମାନେ ବିଭାଗର ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି । ସଂକ୍ରମିତ ୱାର୍ଡ଼ରେ ୧୦ ଶଯ୍ୟା ବ୍ୟବସ୍ଥା ରହିଥିବା ବେଳେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ୧୦ଜଣ ରୋଗୀ ରହିଥିବା ଜଣାପଡ଼ିଛି । ବର୍ଷାଦିନେ ଏହି ରୋଗ ଅଧିକା ବ୍ୟାପିବାର ଆଶଙ୍କା ରହିଥିବା ବେଳେ ଆବଶ୍ୟକ ସୁବିଧା ନାହିଁ। ସେହିଭଳି ପ୍ରସୂତି ବିଭାଗରେ ୪୫ ଶଯ୍ୟା, ଏସଏନସିୟୁରେ ୨୪, ଏନ୍ଆରସିରେ ୧୫, କେମୋଥେରାପିରେ ୪, ଚକ୍ଷୁ ବିଭାଗରେ ୨୦ ଏବଂ ଆଇସୋଲେଶନ ୱାର୍ଡ଼ରେ ୧୨ ଶଯ୍ୟା ବ୍ୟବସ୍ଥା ରହିଛି ।ମେଡିକାଲରେ ୨୨୯ ଶଯ୍ୟା ବ୍ୟବସ୍ଥା ରହିଥିବା ବେଳେ ୧୪୯ଟି ଅନୁମୋଦିତ ହୋଇଛି । କିନ୍ତୁ ରୋଗୀ ସଂଖ୍ୟା ଦିନକୁ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ରହୁଥିବା ଜଣାପଡ଼ିଛି । ଫଳରେ ରୋଗୀ ବାଧ ହୋଇ ବାରଣ୍ଡାରେ ଶୋଇ ଚିକିତ୍ସା ହେବା ସହ ସାଲାଇନ, ଇଞ୍ଜେକ୍ସନ ନେଉଥିବା ଦେଖିବାକୁ ମଲୁଛି।

ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଷ୍ଟାଫ ନର୍ସ ନ ଥିବାରୁ ରୋଗୀସେବାରେ ବାଧା ସୃଷ୍ଟି ହେଉଛି। ସରକାରୀ ନିୟମାନୁସାରେ ଜଣେ ଷ୍ଟାଫ ନର୍ସ ୬ ଜଣ ରୋଗୀଙ୍କ ଦାୟିତ୍ୱରେ ରହିବାକୁ ଥିବାବେଳେ ନର୍ସ ଅଭାବରୁ ଜଣେ ୩୦ ରୋଗୀଙ୍କ ଦାୟିତ୍ୱ ନେବାକୁ ପଡୁଛି। ଚିକିତ୍ସାଳୟରେ ୧୪୨ ଷ୍ଟାଫ ନର୍ସ ପାଇଁ ଅନୁମୋଦନ ରହିଥିବା ବେଳେ ମାତ୍ର ୭୩ ଷ୍ଟାଫ ନର୍ସ ରହିଛନ୍ତି । ଏଭଳିକି ଆବଶ୍ୟକ ଡାକ୍ତର ମଧ୍ୟ ନାହାନ୍ତି। ବର୍ତ୍ତମାନ ହୋଇଥିବା ନିଯୁକ୍ତିରେ ସବ୍ ସେଣ୍ଟର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତିକୁ ପ୍ରାଥମିକତା ଦିଆଯାଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଶାନୁରୂପ ଡାକ୍ତର ନିଯୁକ୍ତି ହୋଇପାରିନାହାନ୍ତି । ଏଭଳିକି ଅଲଟ୍ରାସାଉଣ୍ଡ ପାଇଁ ରେଡ଼ିଓଗ୍ରାଫରର ଆବଶ୍ୟକତା ରହିଥିଲେ ମଧ୍ୟ ଆରମ୍ଭରୁ ଏହି ପଦବୀ ଖାଲିପଡ଼ିଛି।

ସୂଚନାଯୋଗ୍ୟ, ୧୯୯୨ ମସିହାରେ ରାୟଗଡ଼ା ଜିଲା ଘୋଷଣା ହେବା ପରେ ରାୟଗଡ଼ା ସଦର ଚିକିତ୍ସାଳୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିବର୍ତ୍ତନ ହୋଇଥିଲା । ରାୟଗଡ଼ା ଜିଲା ଏକ ଆଦିବାସୀ ଓ ଆଦିମ ଜନଜାତି ବହୁଳ ଅଞ୍ଚଳ ହୋଇଥିବାରୁ ସ୍ୱଳ୍ପ ଖର୍ଚ୍ଚରେ ଚିକିତ୍ସା ପାଇଁ ରୋଗୀ ସରକାରୀ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ସମସ୍ତେ ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ସବୁ ଅବ୍ୟବସ୍ଥା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଲାଲମୋହନ ରାଉତରାୟଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ଜଣାପଡ଼ିଛି। ତେଣୁ ଦାୟିତ୍ୱରେ ରହିଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ରାୟଙ୍କୁ ପଚାରିବାରୁ ଏଠାରେ ରହିଥିବା ଆବଶ୍ୟକତା ନେଇ ବାରମ୍ବାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି । ତେବେ ସେ ନେଇ କ'ଣ ପଦକ୍ଷେପ ନିଆଯାଇଛି ସେ ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିପାରିବେ ବୋଲି ସେ କହିଛନ୍ତି। ଏଥିସହିତ ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ନେଇ ପଚାରିବାରୁ ଲୋକେ ନିଜେ ସଜାଗ ହେଲେ ମ୍ୟାଲେରିଆ ରୋଗକୁ ନିୟନ୍ତ୍ରଣ କରିହେବ ବୋଲି କହିଛନ୍ତି ।

## କଲେଜ ଛାତ୍ରଙ୍କ ଆତ୍ମହତ୍ୟା

ରାୟଗଡ଼ା,୩୦।୭(ଆଶିଷ ରଞ୍ଜନ ପଣ୍ଡା)

ଚାନ୍ଦିଲି ଥାନା ଅନ୍ତର୍ଗତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ବି.ଏସସି. ଏଗ୍ରିକଲଚର ବିଭାଗର ଛାତ୍ର ପ୍ରୀତମ ପ୍ରଧାନ (୨୧) କଲେଜ ହଷ୍ଟେଲରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ତେବେ ଛାତ୍ରଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ । ମୃତ ଛାତ୍ରଙ୍କ ଘର ବରଗଡ଼ ଜିଲାରେ ବୋଲି ଜଣାପଡିଛି। ରବିବାର ହଷ୍ଟେଲରେ ରହୁଥିବା କୋଠରିରେ ସେ ଆତ୍ମହତ୍ୟା କରିଛନ୍ତି। ଚାନ୍ଦିଲି ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଛନ୍ତି। ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ପୋଲିସ ତଦନ୍ତ ଜାରି ରଖିଛି।

## ବିଷପିଇ ଯୁବକ ମୃତ

ବାଲିମେଳା, ୩୦।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଦୁର୍ଗାଗୋଡି ସାହିରେ ରହୁଥିବା ସବୀର ଖୋସାଲ (୩୪)କୌଣସି କାରଣରୁ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ମୃତକଙ୍କ କାକା ଟିକେଶ୍ୱର ମହାରଣା ଓର୍କେଲ ଥାନାରେ ଏକ ମାମଲା ରୁଜୁ ହୋଇଛି । ଏକ ଟିମ୍ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସବୀରଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଶନିବାର କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ସବୀର ରାଗିଯାଇ ବିଷ ପିଇ ଦେଇଥିଲେ।

## କାନ୍ଥ ପଡ଼ି ବାପା ମୃତ, ପୁଅ ଗୁରୁତର



ମୁନିଗୁଡ଼ା, ୩୦।୭ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ବ୍ଲକ ଅନ୍ତର୍ଗତ ତେଲେଙ୍ଗାପଦର ପଞ୍ଚାୟତର ଆଙ୍କୁଲପଦର ଗ୍ରାମର ନିର୍ମାଣଧିନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘରର କାମ ଚାଲିଥିବା ସମୟରେ ପଡ଼ୋଶୀ ଘର କାନ୍ଥ ପଡ଼ି ବାପା ଜଗୁ ମୁଦ୍ରିକା (୫୫) ମୃତ୍ୟୁ ଘଟିଛି। ପୁଅ ଜଳନ୍ଧର ମୁଦ୍ରିକା (୩୫) ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଘଟଣାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା କାର୍ଯ୍ୟଦେଶ ପାଇ ଘର ନିର୍ମାଣ ପାଇଁ ଫାଉଣ୍ଡେସନ ଖୋଳୁଥିବା ବେଳେ ଏହାକୁ ଲାଗିଥିବା ଘରର କାନ୍ଥ ପଡ଼ି ବାପ ଓ ପୁଅ କାନ୍ଥ ତଳେ ଚାପି ହୋଇ ଯାଇଥିଲେ। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରି ଥିଲେ। ତେବେ ଡାକ୍ତର ଜଗୁଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ଜଳନ୍ଧର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ତୁରନ୍ତ ଉକ୍ତ ପରିବାରକୁ କ୍ଷତିପୂରଣ ନିମନ୍ତେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଦାବି କରିଛନ୍ତି।

## ସାମାନ୍ୟ ବର୍ଷାରେ ଦବିଲା ପୋଲ ପାର୍ଶ୍ୱ ରାସ୍ତା



ବର୍ଷାରେ ପୋଲ ପାର୍ଶ୍ୱ କଂକ୍ରିଟ ଆପ୍ରୋଚ ରାସ୍ତା ଫାଟି ଆଁ କରିଛି।

ଚନ୍ଦ୍ରପୁର, ୩୦।୭(ବିଜୟ ପ୍ରସାଦ ଉଲ୍ଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଦଙ୍ଗାସୋରଡ଼ାଠାରୁ ମୁନିଗୁଡା ବ୍ଲକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଗୋଇଗୁଡ଼ା ନିକଟର ନାଳ ଉପରେ ଗତବର୍ଷ ନିର୍ମାଣ ହୋଇଥିଲା ପୋଲ ଏବଂ ଆପ୍ରୋଚ ରାସ୍ତା। କିନ୍ତୁ ନିମ୍ନମାନର କାମ ଯୋଗୁ ନିର୍ମାଣର ବର୍ଷେ ନ ପୂରୁଣୁ ଶନିବାର ବିଳମ୍ବିତ ରାତିରେ ସାମାନ୍ୟ ବର୍ଷାରେ, ପୋଲ ପାର୍ଶ୍ୱ ନିର୍ମାଣଧୀନ କଂକ୍ରିଟ ଆପ୍ରୋଚ ରାସ୍ତା ସହ କଂକ୍ରିଟ ଖୁଣ୍ଟ ଦବିଯାଇଛି। ଫଳରେ ନୂତନ ରାସ୍ତା ମଧ୍ୟ ଧୋଇ ହୋଇଯିବା ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚନ୍ଦ୍ରପୁର ଭଳି ଏକ ଉପାନ୍ତ ଅଞ୍ଚଳରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଦୃଢ଼ ନିନ୍ଦା କରିଛନ୍ତି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ସେ ଏବେ ଜାଣିଲେ। ଠିକାଦାରଙ୍କୁ କହି ମରାମତି କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କ ସୁପରଭାଇଜର ନବଘନ ପ୍ରଧାନଙ୍କୁ ପଚାରିବାରୁ ରବିବାର ଘଟଣାସ୍ଥଳକୁ ଯାଇ ଦେଖିକି ଆସିଛୁ, ବର୍ଷା କମିଲେ ମରାମତି କରାଯିବ ବୋଲି କହିଛନ୍ତି।

## ଫଟୋ ବାଇଣ୍ଡିଂ କରି ୩୦ ମହିଳା ସ୍ୱାବଲମ୍ବୀ

ବିଷମ କଟକ,୩୦।୭ (ବିଭୂତି ଭୂଷଣ ନାୟକ)

ମହିଳାଙ୍କୁ ସ୍ୱାବଲମ୍ବୀ କରି ମୁଖ୍ୟସ୍ରୋତରେ ସାମିଲ କରିବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମହିଳାଙ୍କ ସଶକ୍ତୀକରଣ ଏବଂ ସ୍ୱାବଲମ୍ବୀ କରିବାକୁ ମିଶନ ଶକ୍ତି ସବୁ କ୍ଷେତ୍ରରେ ସହଯୋଗ କରୁଛି। ରାୟଗଡା ଜିଲା ବିଷମକଟକ ସଦର ବ୍ଲକରେ ମହିଳାମାନେ ଫଟୋ ବାଇଣ୍ଡିଂ ଶିଳ୍ପ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ବିଷମକଟକ ସହରର ୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ମା' ମାର୍କମା ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇଛି। ଏହି ଉତ୍ପାଦକ ଗୋଷ୍ଠୀରେ ୩୦ଜଣ ମହିଳା ରହିଛନ୍ତି। ଗୋଷ୍ଠୀର ମହିଳାମାନଙ୍କୁ ପ୍ରଥମେ ମିଶନ ଶକ୍ତି ଦ୍ୱାରା ଫଟୋ ବାଇଣ୍ଡିଂ ଓ ପରୀକ୍ଷା ମଲାଟ ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ଗୋଷ୍ଠୀଙ୍କୁ ମିଶନଶକ୍ତିରୁ ୨ ଲକ୍ଷ ୪ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି । ଏହି ରାଶିରେ ସଂଘ ମହିଳାମାନେ ଫଟୋ ବାଇଣ୍ଡିଂ ନିମନ୍ତେ ଆବଶ୍ୟକ କଞ୍ଚାମାଲ ଏବଂ ଯନ୍ତ୍ରପାତି କ୍ରୟ କରି କୁଟୀରଶିଳ୍ପ ଆରମ୍ଭ କରିଛନ୍ତି । ବର୍ତ୍ତମାନ ୩୦ ଜଣ ମହିଳା କୁଟୀରଶିଳ୍ପରେ ବିଭିନ୍ନ ମହାପୁରୁଷ,



ମହିଳାମାନେ ଫଟୋ ବାଇଣ୍ଡିଂ କରୁଛନ୍ତି।

ଓଡିଶାର ପ୍ରାଚୀନ କଳା ସଂସ୍କୃତି, ବିଭିନ୍ନ ଧର୍ମର ଦେବଦେବୀ, ୱାଲ ହ୍ୟାଙ୍ଗିଂ ଓ ପରୀକ୍ଷା ମଲାଟ ପ୍ରସ୍ତୁତ କରୁଛନ୍ତି। ଆଗକୁ ଆହୁରି ସୁନ୍ଦର ସୁନ୍ଦର ୱାଲ ହ୍ୟାଙ୍ଗିଂ ସବୁ ପ୍ରସ୍ତୁତ କରିବାର ଯୋଜନା ରଖିଥିବା ବାଇଣ୍ଡିଂ ୟୁନିଟର ଆଶାରାଣୀ ମଥା, ରୁନୁ ପାତ୍ର ଓ ସୁଜାତା ପଣ୍ଡୁ କହିଛନ୍ତି। ଏହି କୁଟୀରଶିଳ୍ପରେ ପ୍ରସ୍ତୁତି ସାମଗ୍ରୀର ବ୍ୟବସାୟୀକରଣ କରି ବେଶ୍ ଦୁଇ ପଇସା ରୋଜଗାର କରିବା ସହ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଆଶା କରିଛନ୍ତି । ରାୟଗଡା ଜିଲା ପ୍ରଶାସନ ଓ ବିଷମକଟକ ବ୍ଲକ ପ୍ରଶାସନ ମିଳିତ ଉଦ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ମହିଳାମାନେ ପ୍ରସ୍ତୁତି କରିଥିବା ବାଇଣ୍ଡିଂ ଫଟୋ କେମିତି ସୁବିଧାରେ ବିକ୍ରି ହେବ ତାକୁ ନେଇ ବ୍ଲକ୍ ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରୁଛି। ସେହିପରି ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ରରେ ମହାପୁରୁଷ ଓ ରାଜ୍ୟର ବିଭିନ୍ନ ଐତିହାସିକ, ସାଂସ୍କୃତିକ କଳା ସହିତ ଜଡିତ ବିଭନ୍ନ ଫଟୋଚିତ୍ର ପ୍ରଦର୍ଶନ କରିବା ପାଇଁ ବ୍ଲକ ପ୍ରଶାସନ ଏହି ସବୁ ବିଭାଗକୁ ଚିଠି କରିଥିବା ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭୂତି ଭୂଷଣ ନାୟକ ଏବଂ ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ପରିଚାଳିକା ମାନସୀ କୁମାରୀ ଟାକ୍ରୀ ସୂଚନା ଦେଇଛନ୍ତି।

## ତହସିଲଦାରଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

### ଚାଷୀଙ୍କ ଜମିରେ ବନ ଅଧିକାରୀଙ୍କ ଚାରାରୋପଣକୁ ବିରୋଧ

ରାୟଗଡ଼ା,୩୦।୭ (ଆଶିଷ ରଞ୍ଜନ ପଣ୍ଡା)

ସରକାରୀ ଖଜଣା ଦେଇ ଦୀର୍ଘଦିନରୁ ଚାଷ କରୁଥିବା ଜମିରେ ବନ ବିଭାଗ ଅଧିକାରୀ କିଛି ନ ଜଣାଇ ଚାରାରୋପଣ କରିବା ଘଟଣାକୁ ଗ୍ରାମବାସୀ ବିରୋଧ କରିଛନ୍ତି । କଲ୍ୟାଣସିଂହପୁର ବ୍ଲକର କଂସାରୀଖାଲ, ଗିରିଆଗୁଡ଼ା ଓ ଗୌଡ଼ ପାତଲମ୍ବା ଗ୍ରାମବାସୀ ତହସିଲଦାରଙ୍କୁ ଅଭିଯୋଗ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଗରିବ ଶ୍ରେଣୀର ଏବଂ ଭୂମିହୀନ ହୋଇଥିବାରୁ ଏହି ଜମି ସେମାନଙ୍କ ଜୀବିକା ଅର୍ଜନ ମାଧ୍ୟମ ରହିଛି । ତେଣୁ ସେଠାରେ ଚାରାରୋପଣ ନ କରି ସେମାନଙ୍କୁ ଚାଷ କରିବାକୁ ଦିଆଯାଉ ବୋଲି ଅନୁରୋଧ କରିଛନ୍ତି।

କଂସାରୀଖାଲ ଓ ଗୌଡ଼ପାତଲମ୍ବା ମୌଜାରେ ରହିଥିବା ସରକାରୀ ଜଙ୍ଗଲ ଜମି ଖାତା ନଂ ୧୧ ଓ ପ୍ଲଟ ନଂ ୫୫ ଏବଂ ଖାତା ନଂ ୮ ଓ ପ୍ଲଟ ନଂ ୨୮କୁ ୩ଖଣ୍ଡ ଗ୍ରାମର ପ୍ରାୟ ୩୬ରୁ ଊର୍ଦ୍ଧ୍ୱ ଘର ପିଢ଼ିପରେ ପିଢ଼ି ଚାଷ କରିଆସୁଛନ୍ତି। ଏଥିପାଇଁ ପ୍ରତି ବର୍ଷ ସରକାରଙ୍କୁ ଖଜଣା ମଧ୍ୟ ପୈଠ କରୁଛନ୍ତି । ହେଲେ ଗତ ୫ ତାରିଖରେ କଲ୍ୟାଣସିଂହପୁର ବନ ବିଭାଗ ଅଧିକାରୀ ବିନା ଅନୁମତିରେ ଚାରାରୋପଣ ପାଇଁ ଗାତ ଖୋଳି ଦେଇଥିବା ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ କଲ୍ୟାଣସିଂହପୁର ତହସିଲଦାର ସୁଧାକର ରଇତଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଜମିକୁ ନେଇ ବନ ବିଭାଗକୁ ଚିଠି କରାଯାଇଛି ଏବଂ ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି । ତେବେ ଗ୍ରାମବାସୀ ଏହାର ନକଲ ଜିଲାପାଳ, ରାୟଗଡ଼ା ବନଖଣ୍ଡ ଅଧିକାରୀ ଏବଂ କଲ୍ୟାଣସିଂହପୁର ବନାଞ୍ଚଳ ଅଧିକାରୀଙ୍କ ଗୋଚରାର୍ଥେ ପ୍ରଦାନ କରିଛନ୍ତି।



କଲ୍ୟାଣସିଂହପୁର ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

## ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଆଖିଧରା ଔଷଧ

ଗୁଣପୁର,୩୦।୭ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଖିଧରା ଔଷଧର ଅଭାବ ଦେଖାଦେଇଛି। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀମାନେ ଆସି ଆଖିଧରା ଡ୍ରପସ ମିଳୁ ନ ଥିବାରୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଚଳିତବର୍ଷ ବହୁମାତ୍ରାରେ ଆଖିଧରା ରୋଗ ବ୍ୟାପିଥିବାରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୁଣପୁର ପୌର ପରିଷଦ ସମେତ ବ୍ଲକ ଏବଂ ପଡ଼ୋଶୀ ଗଜପତି ଜିଲାର ରୋଗୀମାନେ ନିର୍ଭର କରିଥାନ୍ତି। ଆଖିଧରା ରୋଗ ଘରେ ଘରେ ବ୍ୟାପି ଚାଲିଛି। ହେଲେ ସେହି ଅନୁପାତରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ଉପଲବ୍ଧ ନାହିଁ; ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସେପଟେ ଗରିବ ଲୋକମାନେ ମେଡିସିନ ଦୋକାନରୁ ଅଧିକ ଦାମରେ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଗତ କିଛିଦିନ ତଳେ ୨୦୦ ହିସାବରେ ଦୁଇ ଥର ୪୦୦ ଆଖିଧରା ଡ୍ରପସ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲା। ହେଲେ ତାହା ମାତ୍ର ୬ ଦିନ ମଧ୍ୟରେ ସରି ଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣରେ ଆଖିଧରା ଔଷଧ ମହଜୁଦ ରଖିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଦୈନିକ ୩୦ରୁ ୪୦ ରୋଗୀ ଆଖିଧରାରେ ଆକ୍ରାନ୍ତ ହୋଇ ଆସୁଛନ୍ତି; ଯାହା ଔଷଧ ଥିଲା ସରିଯାଇଛି। ଅଧିକା ଯୋଗାଣ କରିବା ପାଇଁ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୩୦।୭(ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲା ପୋଲିସ ଓ ସିଆରପିଏଫ କ୍ୟାମ୍ପରେ ଜଣେ ମହିଳା ମାଓବାଦୀ ବେକୋ ହିଡମେ ରବିବାର ଆତ୍ମସମର୍ପଣ କରିଛନ୍ତି। ଦାନ୍ତେୱାଡା ଜିଲା କଟେକଲ୍ୟାଣ ଗ୍ରାମରେ ବେକୋ ହିଡମେଙ୍କ ଘର। ସେ ମହିଳା ମାଓବାଦୀ ସଂଗଠନର ଜନତାନା ସରକାର ଅଧ୍ୟକ୍ଷ ତଥା ଏସିଏମ୍ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ। ଟାହକବାଡାଠାରେ



ଯବାନମାନଙ୍କ ଉପରକୁ ଆକ୍ରମଣ, ମାରଙ୍ଗାଠାରେ ଗ୍ରାମୀଣଙ୍କୁ ହତ୍ୟା, ପଟେଲପାରାଠାରେ ଆଇଇଡି ବିସ୍ଫୋରଣ, ତୋଙ୍ଗପାଲରେ ପୋଲିସ ସୂଚନାଦାତା ଗ୍ରାମୀଣଙ୍କୁ ହତ୍ୟା, ଦାମନକୋଣ୍ଡାରେ ପୋଲିସକୁ ଆକ୍ରମଣ ଭଳି ବହୁ ମାମଲାରେ ସେ ଜଡିତ ଥିଲେ। ଛତିଶଗଡ ପୋଲିସ ହିଡମେଙ୍କ ନାମରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ମାଓବାଦୀ ସଂଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସେ ପୁର୍ନବାସ ନୀତିରେ ପ୍ରଭାବିତ ହୋଇ ଆତ୍ମସମର୍ପଣ କରିଛନ୍ତି। ପୁର୍ନବାସ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ନଭେମ୍ବର ୧୭ରେ ଭୁବନେଶ୍ୱରରେ ଆନ୍ଦୋଳନ

ଗୁଡ଼ାରୀ, ୩୦।୭ (ପ୍ରମୋଦ କୁମାର ପତି)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ସଂଘ ଗୁଡ଼ାରୀ ବ୍ଲକ ଶାଖାର ଏକ ବୈଠକ ସ୍ଥାନୀୟ ବସଷ୍ଟାଣ୍ଡଠାରେରବିବାର ଅନୁଷ୍ଠିତ ହୋଇଯାଇଛି। ଗୁଡ଼ାରୀ ବ୍ଲକ ସଭାପତି ପ୍ରମୋଦ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ, ଅଲ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଜିଲା ସମ୍ପାଦିକା ଉଷାରାଣୀ ଦାଶ ଯୋଗ ଦେଇଥିଲେ। ସରକାରଙ୍କ ଯୋଜନାକୁ ସଫଳ କରିବା, ଶିଶୁ ମୃତ୍ୟୁହାର, ମା' ମୃତ୍ୟୁହାର କମାଇବାରେ ମୁଖ୍ୟ ଭୂମିକା ନେଉଥିବା ଅଙ୍ଗନୱାଡ଼ି କର୍ମୀମାନଙ୍କ ପ୍ରତି ହେଉଥିବା ଅଣଦେଖାକୁ ଦୃଢ଼ ବିରୋଧ କରିଥିଲେ। ସରକାରଙ୍କ ପ୍ରତିଶ୍ରୁତିକୁ ମାନି ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ତା'ର କୌଣସି ସୁଫଳ ମିଳି ନ ଥିବା ଯୋଗୁ ଆସନ୍ତା ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱରଠାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହାଛଡା ଡିସେମ୍ବରରେ ଦିଲ୍ଲୀଠାରେ ଆନ୍ଦୋଳନ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଗୁଡ଼ାରୀ ବ୍ଲକକୁ ସୁଦୃଢ କରିବା ପାଇଁ ଏକ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରମା ବାଉରୀ ପୂର୍ବରୁ ଥିବାବେଳେ ଉପସଭାପତି ଭାବେ ମମତା କୁମାରୀ ବିରଦଲେଇ, ସମ୍ପାଦିକ ମୋହିନୀ ପାଲାକା, ସହ ସମ୍ପାଦିକା ଜ୍ୟୋତି କାଡ୍ରାକା, କୋଷାଧ୍ୟକ୍ଷ ଶୈଳେନ୍ଦ୍ରୀ ସବର, କାର୍ଯ୍ୟକାରୀ ସଭ୍ୟ ଭାବେ ଝୁନୁ ମୁଟୁକା ଏବଂ ଶୁରେଲୀ ଗାଣ୍ଟାଙ୍କୁ ଚୟନ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀମାନଙ୍କ ବିଭିନ୍ନ ଦାବି ଶୀଘ୍ର ପୂରଣ କରିବାକୁ ସରକାରଙ୍କୁ ଅନୁରୋଧ କରିବା ସହ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମୀ ଏବଂ ସହାୟିକା ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଜିଲା, ରାଜ୍ୟସ୍ତରୀୟ କର୍ମକର୍ତ୍ତା।

## ସମାନ କାମକୁ ସମାନ ଦରମା ଦାବି

### ବିଦ୍ୟୁତ୍ ମଜଦୁର ମହାସଂଘ ବୈଠକ

ରାୟଗଡା,୩୦।୭ (ଭାଗ୍ୟଶ୍ରୀ ମିଶ୍ର)

ଟାଟା ପାୱାର ସାଉଥ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏସ୍ଓଡିଏଲ) ସାଉଥ ଜୋନ, ରାୟଗଡା ଡିଭିଜନ ଅଧୀନରେ କାର୍ଯ୍ୟରତ ବିଦ୍ୟୁତ୍ ମଜଦୁର ମହାସଂଘର ପ୍ରଥମ ବୈଠକ ରବିବାର ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟରତ ଠିକା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ତଥା ଦାବି ପ୍ରସଙ୍ଗକୁ ନେଇ ଭାରତୀୟ ମଜଦୁର ସଂଘ ଓ ଅଖିଳ ଭାରତୀୟ ବିଦ୍ୟୁତ୍ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଏହି ବୈଠକ ଆୟୋଜିତ ହୋଇଥିଲା। ରାୟଗଡା ଜଲା ଶାଖା ସଭାପତି ଆନନ୍ଦ ରାଓଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡା ଓକିଲ ସଂଘ ଉପସଭାପତି ଆଇନଜୀବୀ ପଦ୍ମନାଭ ଦାସ (ଗୁଟୁ), ଆଇନଜୀବୀ ଗୌରଚନ୍ଦ୍ର ନାୟକ ଏବଂ ମୁଖ୍ୟବକ୍ତା ଭାବେ ମହାସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା ଯୋଗଦେଇଥିଲେ। ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ମିଟର ରିଡରମାନଙ୍କ କ୍ଷେତ୍ରରେ କୁଶଳୀ ଶ୍ରେଣୀର ଶ୍ରମିକଙ୍କ ମଜୁରି ପ୍ରଦାନ ପାଇଁ ଅଧିସୂଚନା ଜାରି କରିଥିବା ବେଳେ ଟାଟା ପାୱାର କର୍ତ୍ତୃପକ୍ଷ ଏମାନଙ୍କୁ ଅର୍ଦ୍ଧ କୁଶଳୀ ଶ୍ରେଣୀ ଶ୍ରମିକଙ୍କ ମଜୁରି ହାରରେ ଦରମା ପ୍ରଦାନ କରୁଛନ୍ତି । ସେହିଭଳି ଯେଉଁମାନେ ସୁପରଭାଇଜର ରହିଛନ୍ତି, ସେମାନଙ୍କୁ ଅର୍ଦ୍ଧ କୁଶଳୀ ଶ୍ରେଣୀର ମଜୁରି ହାରରେ ଦରମା ପ୍ରଦାନ ପରିବର୍ତ୍ତେ ସେମାନଙ୍କୁ ମଧ୍ୟ ଅର୍ଦ୍ଧ କୁଶଳୀ ଶ୍ରେଣୀର ମଜୁରୀ ହାରରେ ଦରମା ପ୍ରଦାନ କରୁଛନ୍ତି। ଏପରିକି ଟାଟା ପାୱାର ଆଜକୁ ୩ ବର୍ଷ ହେଲା ଦାୟିତ୍ୱ ନେଇଥିବାବେଳେ କର୍ମଚାରୀଙ୍କ ଦରମା ପ୍ରଦାନ କ୍ଷେତ୍ରରେ ୩ ପଇସା ମଧ୍ୟ ବୃଦ୍ଧି କରି ନ ଥିବା ଅଭିଯୋଗ ହୋଇଥିଲା। ଆଜିର ଦରଦାମ ବୃଦ୍ଧିରେ ସ୍ୱଳ୍ପ ଦରମାରେ ଜଣେ ଠିକା କର୍ମଚାରୀ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ଆଲୋଚନା ହୋଇଥିଲା। ବୈଠକରେ ମହାସଂଘର ନିଷ୍ପତ୍ତିକ୍ରମେ ଆଗାମୀ ଦିନରେ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରି ଦାବିପୂରଣ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରିବେ। ଦାବି ପୂରଣ ଦିଗରେ ବିଳମ୍ବ ହେଲେ ଟିପିଏସଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ମହାସଂଘର ସାଧାରଣ ସମ୍ପାଦକ ପରିଡ଼ା କହିଛନ୍ତି । ସଂଘର ଏକତା ବଜାୟ ରହିଲେ ସମସ୍ତ ସମସ୍ୟାର ସମାଧାନ ଦିଗରେ ନିଶ୍ଚିତ ସୁଫଳ ମିଳିବ ବୋଲି ମୁଖ୍ୟ ଅତିଥି ପ୍ରଧାନ କହିଥିଲେ । କାର୍ଯ୍ୟକ୍ରମରେ ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘ ଦକ୍ଷିଣ ଓଡିଶାର କଲେକ୍ସନ ଓ ବିଲିଂ ସୁପରଭାଇଜର, ଥ୍ରୀ ଫେଜ ଏବଂ ସିଙ୍ଗଲ ଫେଜ ମିଟର ରିଡର, ବିଲ କଲେକ୍ଟର, ଏମଏମଜି ଲାଇନ ମ୍ୟାନ, ଲ୍ୟାଡର ମ୍ୟାନ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡା ଜିଲା ଶାଖାର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ବୈଠକରେ ଉପସ୍ଥିତ ମଜଦୁର ସଂଘର କର୍ମକର୍ତ୍ତା ।




ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନଜନକ ଜାତୀୟ ଭୂବିଜ୍ଞାନ ପୁରସ୍କାର (ନ୍ୟାଶନାଲ ଜିଓସାଇନ୍ସ ଆୱାର୍ଡ-୨୦୨୨) ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଶୀଙ୍କ ସମେତ ଖଣି,କୋଇଲା ଓ ରେଳ ରାଷ୍ଟ୍ରମନ୍ତ୍ରୀ ରାଓ ସାହେବ ପାଟିଲ୍ ଦାନ୍‌ଵେ, ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ୱକ୍‌ହାର୍ଟ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୩୦।୭**

ଅନ୍ତଃରାଷ୍ଟ୍ରୀୟ ଫାର୍ମାସ୍ୟୁଟିକାଲ ଏବଂ ବାୟୋଟେକ୍ନୋଲୋଜି କମ୍ପାନୀ ୱକ୍‌ହାର୍ଟ ପକ୍ଷରୁ ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ଗତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀ ମଜଭୁତ ପରିଚାଳନାଗତ ପ୍ରଦର୍ଶନ କରିବା ସହିତ ରାଜସ୍ୱ ସଂଗ୍ରହରେ ମଧ୍ୟ ୭% ଅଭିବୃଦ୍ଧି ହାସଲ କରିଛି। ସେହିଭଳି ଏହାର ଇବିଆଇଟିଡିଏ ତିନିଗୁଣ ବୃଦ୍ଧି ପାଇ ୪୭ କୋଟି ଟଙ୍କା ହୋଇଛି। କମ୍ପାନୀ ତା'ର ଆମେରିକା ବ୍ୟବସାୟ ପୁନର୍ଗଠନ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛି। ବିଶେଷ କରି କମ୍ପାନୀର ମୋର୍ଟନ ଗ୍ରୋଭଠାରେ ଥିବା ଉତ୍ପାଦନ ବ୍ୟବସ୍ଥାକୁ ବନ୍ଦ କରୁଛି ଏବଂ ଉକ୍ତ ସ୍ଥାନକୁ ଚୁକ୍ତିଭିତ୍ତିକ ଉତ୍ପାଦନକାରୀ ସଂସ୍ଥାକୁ ହସ୍ତାନ୍ତର କରୁଛି। ଏହି ପୁନର୍ଗଠନ ପ୍ରକ୍ରିୟା ଦ୍ୱାରା କମ୍ପାନୀର ବାର୍ଷିକ ପ୍ରାୟ ୧୨ ନିୟୁତ ଆମେରିକୀୟ ଡଲାର ସଞ୍ଚୟ ହେବା ଆକଳନ କରାଯାଇଛି।

## ୟୁବିଆଇ ସହ ଆଇବିଏମ୍‌ର ସହଭାଗିତା



**ଭୁବନେଶ୍ୱର,୩୦।୭**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଏବଂ ଆଇବିଏମ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଡିଜିଟାଲ ବ୍ୟାଙ୍କିଙ୍ଗ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଜରିଆରେ କାରବାର ବୃଦ୍ଧି ଓ ଗ୍ରାହକଙ୍କ ନିକଟତର ହେବା ପାଇଁ ଏହି ବୁଝାମଣା ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ୟୁବିଆଇର ସିଇଓ ଏବଂ ଏମ୍‌ଡି ମଣିମେଖଲାଇ, ଇଡି ନିଧୁ ସାକ୍ସେନା, ଇଡି ରାମସୁବ୍ରମଣ୍ୟମ୍ ଏସ୍ ଏବଂ ଆଇବିଏମ୍ ଇଣ୍ଡିଆର ମ୍ୟାନେଜିଙ୍ଗ ପାର୍ଟନର ଲୁଲା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜିୟୁ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୩୦।୭**

ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ଭୁବନେଶ୍ୱର ପକ୍ଷରୁ ନିକଟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବ ଜରିଆରେ ୨୦୨୩-୨୪ ଶିକ୍ଷାବର୍ଷର ବିବିଏ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମିଣ୍ଟ ମବର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଗହୀର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲୁମିନସ୍ ଇନ୍‌ଫୋୱେଜ୍‌ର ପ୍ରତିଷ୍ଠାତା, ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ବିଜିୟୁର କୁଳପତି ପ୍ରଫେସର ପି.ପି. ମାଥୁର ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିତ୍ୱକୁ ଆହୁରି ପ୍ରସ୍ଫୁଟିତ କରିବା ପାଇଁ ବିଜିୟୁ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ।

ସେ ଛାତ୍ରୀଛାତ୍ରମାନଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖିବାକୁ ଉପଦେଶ ଦେଇଥିଲେ। ସେ ନିର୍ମା, ମାକ୍‌ଡୋନାଲ୍ଡସ ଏବଂ କେଏଫ୍‌ସି ଭଳି ବ୍ରାଣ୍ଡର ଉଦାହରଣ ଦେଇଥିବା ସହ ଏହାର ପ୍ରତିଷ୍ଠାତାମାନେ କିପରି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଥିଲେ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ.ଦାସ ଛାତ୍ରୀଛାତ୍ରମାନଙ୍କୁ କର୍ତ୍ତବ୍ୟନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ କହିଥିଲେ ଯେ,ନିଜକୁ ସମସ୍ତ ପରିସ୍ଥିତିରେ ପ୍ରସ୍ତୁତ କରି ରଖିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସେ ସଧାରଣ ଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ସ୍ୱପ୍ନ ଦେଖି ଏହାକୁ ସାକାର କରିବାର ସାହସ ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ମହାନ୍ତି ବିବିଏ ପାଠ୍ୟକ୍ରମକୁ ଆପଣେଇବା ସମୟରେ ନିଜର ଦକ୍ଷତାକୁ ଆବିଷ୍କାର କରିବାକୁ ଉପଦେଶ ଦେଇଥିଲେ ଏବଂ ଛାତ୍ରୀଛାତ୍ରମାନଙ୍କୁ ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ଗହୀର ଅମୁଲର ସଫଳ କାହାଣୀ ଉଦାହରଣ ଦେଇଥିଲେ। ବିବିଏ କୋର୍ସ କୋଅର୍ଡିନେଟର ସତ୍ୟକାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରିଟେଲ୍ ଋଣ ବୁକ୍‌ରେ ୮୭% ଅଭିବୃଦ୍ଧି

**ଭୁବନେଶ୍ୱର,୩୦।୭**

ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ବିଶେଷ କରି ପରିଚାଳନା ପରିବେଶ ଅନୁକୂଳ ହୋଇ ରହିଥିବାରୁ ବ୍ୟାଙ୍କର ସୁଦୃଢ଼ ବ୍ୟବସାୟ ଅଭିବୃଦ୍ଧି ଜାରି ରହିଛି। ଏପରିକି ବ୍ୟାଙ୍କର ରିଟେଲ୍ ଋଣ ବୁକ୍‌ରେ ୮୭% ଅଭିବୃଦ୍ଧି ଘଟିଛି, ବ୍ୟାଙ୍କର ମୋଟ ଜମାରେ ରିଟେଲ୍‌ର ଭାଗ ବର୍ତ୍ତମାନ ୭୧% ରହିଛି। ଗତ ଆଠ ବର୍ଷରେ ଶାଖା ଉପସ୍ଥିତିକୁ ତିନି ଗୁଣା ବଢ଼ାଇବାର ମାଇଲଖୁଣ୍ଟକୁ ବ୍ୟାଙ୍କ ପ୍ରଥମ ତ୍ରୈମାସିକରେ ହାସଲ କରିଛି। ଏହି ସମୟରେ ବ୍ୟାଙ୍କର ମୋଟ ବ୍ୟବସାୟ ୨.୧୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ବିତରଣରେ ସମ୍ପ୍ରସାରଣ ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଏହି ତ୍ରୈମାସିକରେ ବ୍ୟାଙ୍କ ସନ୍ତୁଳିତ ଅଭିବୃଦ୍ଧି ହାସଲ କରିଛି। ବ୍ୟାଙ୍କର ମୋଟ କାରବାର ଜମା ଓ ଅଗ୍ରିମ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ବର୍ଷକୁ ବର୍ଷ ଭିତ୍ତିରେ ୧୧% ବୃଦ୍ଧି ପାଇ ୨.୧୧ ଲକ୍ଷ କୋଟି ଟଙ୍କା ହୋଇଛି। ବ୍ୟାଙ୍କ ଭାରତର ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରୁ ୩୪ଟିରେ ୬୧୪୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ୩.୦୭ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ୭୨,୦୦୦ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୧୬% ବୃଦ୍ଧି ପାଇଛି। ମୋଟ ଜମା ଏବେ ୧.୦୮ ଲକ୍ଷ କୋଟି ଟଙ୍କା ରହିଛି। (କରେଣ୍ଟ) ଚଳନ୍ତି ଓ ସଞ୍ଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୩୬% ରହିଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମଡି ଓ ସିଇଓ ଚନ୍ଦ୍ରଶେଖର ଘୋଷ କହିଛନ୍ତି,ବ୍ୟାଙ୍କର ପ୍ରଥମ ତ୍ରୈମାସିକ ବ୍ୟାଙ୍କ ପାଇଁ ଏକ ସନ୍ତୁଳିତ ତ୍ରୈମାସିକ ହୋଇଛି। ବ୍ୟାଙ୍କର ବିବିଧକରଣ ଏଜେଣ୍ଡା ଅନୁସାରେ ଏହା ନିଜର ରିଟେଲ୍ ବ୍ୟାଙ୍କିଙ୍ଗ ପୋର୍ଟଫୋଲିଓକୁ ଆହୁରି ବଢ଼ାଇବା ଉପରେ ଗୁରୁତ୍ୱାରୋପ କରୁଛି। ଗତବର୍ଷ ଓ ଚଳିତ ବର୍ଷ ଶୁଭାରମ୍ଭ କରାଯାଇଥିବା ନୂଆ କାରବାର କ୍ଷେତ୍ରକୁ ନେଇ ଚଳିତ ଆର୍ଥିକ ବର୍ଷର ପ୍ରଦର୍ଶନ ଭଲ ରହିବ ବୋଲି ଆମର ବିଶ୍ୱାସ ରହିଛି।

## ହୋଣ୍ଡାର ଅଲ୍ ନ୍ୟୁ ଡିଓ ୧୨୫ଉନ୍ମୋଚିତ

**ଭୁବନେଶ୍ୱର,୩୦।୭ (ଅଭୟ ଦାଶ)**

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅଲ୍ ନ୍ୟୁ ଡିଓ ୧୨୫କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁସୁମୁ ଓଟାନି କହିଛନ୍ତି, ୨୦୦୨ରେ ହୋଣ୍ଡା ଡିଓର ଶୁଭାରମ୍ଭ ସହିତ ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ଭାରତରେ ମୋଟୋ-ସ୍କୁଟର ପରିକଳ୍ପନାକୁ ଉପସ୍ଥାପନ କରାଯାଇଛି। ସମ୍ପୂର୍ଣ୍ଣ ନୂଆ ୧୨୫ ସିସି ରୂପରେ ହୋଣ୍ଡା ଡିଓ ୧୨୫କୁ ଯୁବ ଭାରତୀୟ ଗ୍ରାହକଙ୍କ ଅଭିଳାଷ ପୂରଣ କରିବା ଲାଗି ପ୍ରସ୍ତୁତ ଓ ବିକାଶ କରାଯାଇଛି। ଶକ୍ତିଶାଳୀ ଇଞ୍ଜିନ ବ୍ୟତୀତ ହୋଣ୍ଡା ଡିଓ ୧୨୫ରେ ବିଶ୍ୱସ୍ତରରେ ପ୍ରଶଂସନୀୟ ହୋଣ୍ଡା ସ୍ମାର୍ଟ ସିଟି ସମେତ ଉନ୍ନତ ସ୍ପୋର୍ଟି ଡିଜାଇନ୍ ଓ ଅତ୍ୟାଧୁନିକ ପ୍ରଯୁକ୍ତି ଆଦି ସାମିଲ ରହିଛି। ସେହିଭଳି ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ-ସେଲ୍ସ ଆଣ୍ଡ ମାର୍କେଟିଂ ଯୋଗେଶ ମାଥୁର କହିଛନ୍ତି, ଆମେ ଆମ ଗ୍ରାହକଙ୍କ ଗାଡ଼ି ଚାଳନା ଅନୁଭୂତିରେ ଉନ୍ନତି ଆଣିବା ଉପରେ ବିଶ୍ୱାସ କରୁ। ନୂଆ ମାନଦଣ୍ଡ ଧାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ଡିଓ ୧୨୫ ହେଉଛି





ସ୍ପୋର୍ଟି ଡିଜାଇନ୍, ଉନ୍ନତ ପ୍ରଯୁକ୍ତି ଓ ଆକର୍ଷଣୀୟ ସହଜତାର ଏକ ମିଶ୍ରଣ। ଆମେ ଗର୍ବର ସହ ଏକ ମାଷ୍ଟରପିସ୍ ଉପସ୍ଥାପନ କରୁଛୁ, ଯାହା ଏହାର ସୁବିଧାସୁଯୋଗ ଓ ନିରବଚ୍ଛିନ୍ନ କାର୍ଯ୍ୟଦକ୍ଷତା ପାଇଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବ। ଡିଓ ୧୨୫ ସହିତ ଗାଡ଼ି ଚାଳନା ଅଭିଳାଷକୁ ବଢ଼ାଇବା ଏବଂ ରୋମାଞ୍ଚର ଏକ ନୂଆ ଯାତ୍ରା ଆରମ୍ଭ କରିବା ଲାଗି ଆମେ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରୁଛୁ।

ଉଲ୍ଲେଖଯୋଗ୍ୟ, ନୂଆ ଡିଓ ୧୨୫ର ନୂଆ ଲୋଗୋ ଓ ଗ୍ରାଫିକ୍ସ ଏହାକୁ ବେଶ ଆକର୍ଷଣୀୟ କରିପାରିଥିବା ବେଳେ ଡୁଆଲ ଆଉଟ୍‌ଲେଟ୍ ମଫଲର,ସ୍ପୋର୍ଟି ଏକ୍‌ଜଷ୍ଟ ନୋଟ୍, ସ୍ପୋର୍ଟି ସାମ୍ନା ପାର୍ଶ୍ୱ ଏବଂ ଆଧୁନିକ ଟେଲ୍ ଲ୍ୟାମ୍ପ ସହ ସ୍ପ୍ଲିଟ୍ ଗ୍ରାବ୍ ରେଲ୍ ଏହାର ଡିଜାଇନ୍‌କୁ ବେଶ୍ ଉନ୍ନତ କରିପାରିଛି। ଏଥିରେ ହୋଣ୍ଡା ସ୍ମାର୍ଟ କି' ସିଷ୍ଟମ୍, ଓବିଡି୨ ନିୟମ ପାଳନ କରୁଥିବା ବିଏସ୍-୬ ପିଜିଏମ୍-ଏଫ୍‌ଆଇ ଇଞ୍ଜିନ, ଆଇଡିଲ୍ ଷ୍ଟପ୍ ସିଷ୍ଟମ୍, ସାଇଡ୍ ଷ୍ଟାଣ୍ଡ ଇଣ୍ଡିକେଟର, ଇଞ୍ଜିନ ଇନହିବିଟର, ସମ୍ପୂର୍ଣ୍ଣ ଡିଜିଟାଲ୍ ମିଟର ଆଦି ଉନ୍ନତ ପ୍ରଯୁକ୍ତି ରହିଛି।

**ଫୁର୍‌ସତ୍**

## ଜାନୁୟାରୀକୁ ସ୍ଥଗିତ ଏମି ଆୱାର୍ଡ

**ୱାଶିଂଟନ**




ଯୁକ୍ତରାଷ୍ଟ୍ର ଆମେରିକାରେ ଡବ୍ଲ୍ୟୁଜିଏ ଏବଂ ଓସ୍ଏଜି- ଏଏଫ୍‌ଟିଆର୍‌ଏ ଦ୍ୱାରା ହଲିଉଡ୍‌ରେ ଚାଲିଥିବା ଲେଖକ ଏବଂ ଅଭିନେତାଙ୍କ ଅନଶନ ଏବେ ନୂଆ ରୂପ ନେଇଛି। ଏହାଫଳରେ ଟିଭି ଜଗତର ବଡ଼ ଆୱାର୍ଡ ୭୫ତମ ଏମି ଆୱାର୍ଡକୁ ମଧ୍ୟ ପ୍ରଭାବିତ କରିଛି। ଏହି ଅନଶନ ପାଇଁ ଆସନ୍ତା ସେପ୍ଟେମ୍ବର ୧୮ରେ ହେବାକୁ ଥିବା ଏମି ଆୱାର୍ଡ ଏବେ ସ୍ଥଗିତ ହେବାର ସମ୍ଭାବନା ରହିଛି। ଆସନ୍ତା ଜାନୁୟାରୀ ପର୍ଯ୍ୟନ୍ତ ଏହି ପୁରସ୍କାରକୁ ସ୍ଥଗିତ ରଖାଯିବ ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ, ୨ ସେପ୍ଟେମ୍ବର ୨୦୦୧ରେ ଆତଙ୍କବାଦୀ ଆକ୍ରମଣ ପରେ ଏହି ସମାରୋହ ୨ ମାସ ବିଳମ୍ବରେମ ହୋଇଥିଲା। ୨୦୨୦ରେ କରୋନା ସମୟ ଚାଲିଥିବାରୁ ଉତ୍ସବରେ ସମସ୍ତ କଳାକାର ନିଜ ନିଜ ସ୍ଥାନରୁ ରହି ଯୋଗଦେଇଥିଲେ। ଡବ୍ଲ୍ୟୁଜିଏର ସଦସ୍ୟମାନେ ପ୍ରଥମେ ମଜୁରି, ଅଧିକ

### ଲେଖକ, ଅଭିନେତାଙ୍କ ଅନଶନର ପ୍ରଭାବ

ସର୍ବନିମ୍ନ ମଜୁରି, ପ୍ରତି ଶୋ'ରେ ଅଧିକ ଲେଖକ ଏବଂ ଅନ୍ୟାନ୍ୟ ଜିନିଷ ମଧ୍ୟରେ ସ୍ୱତନ୍ତ୍ର ଚୁକ୍ତିନାମା ଦାବି କରି ଗତ ମେ' ୨ ତାରିଖରୁ ସେମାନଙ୍କ ଅନଶନ ଆରମ୍ଭ କରିଥିଲେ। ଲେଖକ ଏବଂ ଅଭିନେତାମାନଙ୍କ ଧର୍ମଘଟ ଯୋଗୁ ହଲିଉଡ ଫିଲ୍ମ ଇଣ୍ଡଷ୍ଟ୍ରି ଠପ୍ ହୋଇପଡ଼ିଛି। ମୁଭି ଏବଂ ଟିଭି ଶୋ'ର ଉତ୍ପାଦନ ବନ୍ଦ ହୋଇଯିବା ପରେ ଏମି ପୁରସ୍କାର ଭଳି ପ୍ରମୁଖ ପୁରସ୍କାର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଥିଲା।

## ଜ୍ୟାକେଟ୍‌ରେ ସ୍ୱାମୀଙ୍କ ଫଟୋ

**ମୁମ୍ବାଇ:** ଅଭିନେତା ରଣବୀର ସିଂ ଏବଂ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଚଳଚ୍ଚିତ୍ର 'ରକି ଔର୍ ରାନୀ କି ପ୍ରେମ୍ କାହାନୀ'କୁ ନେଇ ଲୋକଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳିଛି। କରନ ଜୋହରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଗତ ଶୁକ୍ରବାର ରିଲିଜ୍ ହୋଇଥିଲା। ଫିଲ୍ମକୁ ଭଲ ରିଭ୍ୟୁ ମିଳିଥିବାବେଳେ ଏହା ଦର୍ଶକଙ୍କ ଆଦୃତି ମଧ୍ୟ ହୋଇପାରିଛି। ତେବେ ଶନିବାର ରଣବୀର ତାଙ୍କ ରିଲ୍ ପାର୍ଟନରଙ୍କୁ ଛାଡ଼ି ରିୟଲ ପାର୍ଟନରଙ୍କ ସହ ଫିଲ୍ମ ଦେଖିବାକୁ ଯାଇଥିବା ଦେଖିବାକୁ ମିଳିଛି। ସର୍ବଦା ଅଭିନେତ୍ରୀ ଦୀପିକା ଶାନ୍ତ ମୁହଁରେ ନଜରକୁ ଆସିଥିବାବେଳେ ଏଥିରେ ସେ କୁଲ ଲୁକ୍‌ରେ ନଜରକୁ ଆସିଛନ୍ତି। ସେ ରଣବୀରଙ୍କ ହାତ ଧରି ଫିଲ୍ମ ଦେଖିବାକୁ ଯାଉଥିବାବେଳେ ସେ ଏକ ଜ୍ୟାକେଟ୍ ପିନ୍ଧିଛନ୍ତି। ଯେଉଁଥିରେ ସେ ତାଙ୍କ ସ୍ୱାମୀ ରଣବୀରଙ୍କ ମୁହଁ ଥିବା ଦେଖିବାକୁ ମିଳିଛି। ଦୀପିକା ୨୦୦୬ରେ କନ୍ନଡ ଫିଲ୍ମ ଜରିଆରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ପରେ ବଲିଉଡ୍‌ରେ 'ଓମ୍ ଶାନ୍ତି ଓମ୍' ଜରିଆରେ ଡେବ୍ୟୁ କରିଥିଲେ। ଏହାପରେ ତାଙ୍କ ଅଭିନୟ ଅନେକ ଲୋକପ୍ରିୟ ହୋଇଥିଲା। ଶେଷଥର ପାଇଁ ତାଙ୍କୁ 'ପଠାନ'ରେ ଦେଖିବାକୁ ମିଳିଥିଲା। ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି, ଯାହାର ଶୁଟିଂରେ ସେ ବ୍ୟସ୍ତ ଅଛନ୍ତି।



ଦୀପିକା ପାଦୁକୋନ

## ୨୧ ଫୁଟ ଉଚ୍ଚର ହମର



**ଦୁବାଇ**

ଯୁଗ ଆଗକୁ ବଢ଼ିବା ସହ ଲୋକଙ୍କ ସଉକ ମଧ୍ୟ ବଢ଼ିବାକୁ ଲାଗିଛି। ସେମାନେ ତାଙ୍କ ସୁବିଧା ପାଇଁ ଅନେକ ଯାନବାହନ କିଣୁଛନ୍ତି। ନିକଟରେ ଏକ କାର୍‌ର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଦୁବାଇର ଜଣେ ବ୍ୟକ୍ତି ଏକ କାର୍‌କୁ ମୋଡିଫାଏ କରି ଏକ ବିଶାଳକାୟ ହମର କାର୍ କରିଛନ୍ତି, ଯାହା ସାଧାରଣ ହମର କାର୍‌ଠାରୁ ବହୁତ ବଡ଼। ଏହି କାର୍ ଦୁବାଇର ବାସିନ୍ଦା ଶେଖ ହମଦ ବିନ୍ ହମଦନ୍ ଅଲ ନାୟହାନଙ୍କର, ଯିଏ ରେନ୍‌ବୋ ଶେଖ ଅଫ୍ ଦୁବାଇ ଭାବେ ମଧ୍ୟ ପରିଚିତ। ଏହି କାର୍‌ଟି ଏତେ ବଡ଼ ଯେ ସାଧାରଣ ହମର କାର୍ ତା' ଚକାଠାରୁ ମଧ୍ୟ ଛୋଟ। ଭିଡିଓ କ୍ୟାପ୍ସନରେ ଲେଖାଯାଇଛି, ଦୁବାଇକି ରେନ୍‌ବୋ ଶେଖଙ୍କ ହମର ଏଚ୍-୧ 'ଏକ୍ସ-୩' ରେଗୁଲାର ହମର ଏଚ୍-୧ ଏସ୍‌ୟୁଭିଠାରୁ ୩ ଗୁଣ ବଡ଼, ଯାହା ୪୬ ଫୁଟ ଲମ୍ବ, ୧୯ ଫୁଟ ଚଉଡ଼ା ଏବଂ ୨୧.୬ ଫୁଟ ଉଚ୍ଚ ବିଶିଷ୍ଟ। ଏହା କେବଳ ଦେଖିବାକୁ ଆକର୍ଷଣୀୟ ନୁହେଁ, ରାସ୍ତାରେ ଚାଲିବାଯୋଗ୍ୟ ମଧ୍ୟ। ଏହି କାର୍ ଶେଖଙ୍କ କାର୍ କଲେକ୍ସନ ମଧ୍ୟରୁ ଗୋଟେ। ଆବୁଧାବି ଶାସକ ପରିବାରର ସଦସ୍ୟ ଶେଖଙ୍କ ବାବଦରେ ଜଣାଯାଏ ଯେ, ସେ ୨୦ ବିଲିୟନ୍ ଡଲାରର ମାଲିକ ହୋଇଥିବାବେଳେ ତାଙ୍କ ପାଖରେ ବିଭିନ୍ନ ରଙ୍ଗର ୭ଟି ମର୍ସିଡିଜ୍ ୫୦୦ ରହିଛି। ଅଧିକାଂଶ କାର୍ କଲେକ୍ସନ ପାଇଁ ତାଙ୍କ ନାମ ଗିନିଜ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି। ତାଙ୍କ ପାଖରେ ମୋଟ ୭୧୮ଟି କାର୍ ରହିଛି। ରିପୋର୍ଟ ମୁତାବକ, ତାଙ୍କ ନିଜର ୩୦୦୦ କଲେକ୍ସନର ଯାନବାହନ ରହିଛି।

## ବିବାହ ଖୁସିରେ ଅତିଥିଙ୍କ ସହ ସ୍କାଏଡାଇଭିଂ

**ନୂଆଦିଲ୍ଲୀ**

ସମସ୍ତେ ନିଜ ବିବାହକୁ ଭିନ୍ନ ଢଙ୍ଗ ଏବଂ ସ୍ମରଣୀୟ କରିବାକୁ ଇଚ୍ଛା ରଖନ୍ତି। ସେଥିପାଇଁ ବର କନ୍ୟା ବିବାହ ପୂର୍ବରୁ ଫଟୋଶୁଟ୍ ମଧ୍ୟ କରାଇଥାନ୍ତି। ଏଥିସହ ଅନେକ ନୂଆ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ନିକଟରେ ବର କନ୍ୟା ତାଙ୍କ ବିବାହକୁ ସ୍ମରଣୀୟ କରିବାକୁ ପବନରେ ଉଡୁଥିବା ଦେଖିବାକୁ ମିଳିଛି। ଭିଡିଓରେ ବର କନ୍ୟା କିଛି ପରିବାର ସଦସ୍ୟଙ୍କ ସହିତ ମିଶି ସ୍କାଏଡାଇଭିଂର ରୋମାଞ୍ଚକ ଅନୁଭୂତିର ମଜା ନେଉଥିବା ଦେଖିବାକୁ ମିଳିଛି। ପ୍ରିସିଲା ଆଣ୍ଟ ଏବଂ ଫିଲିପୋ ଲିକ୍ୟୁରେନ୍ସି ନାମକ ବର କନ୍ୟା ପାହାଡ଼ ତଳେ ବିବାହ କରିଥିଲେ। ବିବାହ ଖୁସିରେ ସେମାନେ ପାହାଡ଼ ଉପରୁ କିଛି ସଦସ୍ୟଙ୍କ ସହିତ ମିଶି ସ୍କାଏଡାଇଭିଂର ମଜା ନେଇଥିଲେ। ଏହି ଭିଡିଓର କ୍ୟାପ୍ସନରେ 'ଏହି ସ୍କାଏଡାଇଭିଂ ମନେପକାଇବ ଯେ ଡର କି ଆଗେ ଜିତ୍ ହେ, ପ୍ରିସିଲା ଏବଂ ଫିଲିପୋଙ୍କ ବିବାହ'। ସମସ୍ତେ ସୁରକ୍ଷିତ ଉପକରଣ ପିନ୍ଧି ପାହାଡ଼ରୁ ଡେଇଁଥିଲେ। ଏହି ଭିଡିଓରେ ଅନେକ ଭିନ୍ନ ଭିନ୍ନ କମେଣ୍ଟ ଆସିଛି। କିଛି ଲୋକ ବିବାହର ଏହି ମଜାକୁ ବଡ଼ ଆଡ୍‌ଭେଞ୍ଚର ବୋଲି କହି ସମର୍ଥନ କରିଥିବାବେଳେ ଆଉ କିଛି ଏହା ବିପଦପୂର୍ଣ୍ଣ ହୋଇଥିବା କହିଥିଲେ। କିଛି ଲୋକ ମଧ୍ୟ ତାଙ୍କ ବିବାହରେ ଏପରି କରିବାକୁ ଯୋଜନା ରଖିଥିବା କହିଛନ୍ତି। ତେବେ ଏହି ଭିଡିଓ କେଉଁଠାର ତାହା ଜଣାପଡ଼ିନାହିଁ।





କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ଓ ଇଣ୍ଡିଆ ପ୍ରତିନିଧି ଦଳର ଅନ୍ୟ ସଦସ୍ୟମାନେ ମଣିପୁର ରାଜ୍ୟପାଳ ଅନୁସୂୟା ଉଇକେଙ୍କୁ ରବିବାର ଇମ୍ଫାଲସ୍ଥିତ ରାଜଭବନରେ ଭେଟୁଛନ୍ତି।

# ଚାଷୀଙ୍କୁ ତୁରନ୍ତ କୃଷି ଇନ୍‌ପୁଟ୍ ନ ଦେଲେ ଆନ୍ଦୋଳନ: କଂଗ୍ରେସ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

**ଆସନ୍ତା ୫ରେ ସବୁ ଜିଲାପାଳଙ୍କୁ ଦାବିପତ୍ର ଦେବ କିଷାନ କଂଗ୍ରେସ**

ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ଯୋଗୁ ୧୨ଟି ଜିଲାର ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ଗତ ୧୫ ତାରିଖଠାରୁ ମୌସୁମୀ ସକ୍ରିୟ ଥିଲେ ମଧ୍ୟ ଅନ୍ୟ ୧୮ ଜିଲାରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ ବହୁ ପଛରେ ପଡ଼ିଛି। ଏ ଦିଗରେ ସରକାରଙ୍କ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଉନାହିଁ। ସରକାର ତୁରନ୍ତ ଚାଷୀଙ୍କୁ କୃଷି ଇନପୁଟ୍ ଯୋଗାଇ ଦିଅନ୍ତୁ, ନ ହେଲେ ଆନ୍ଦୋଳନ ହେବ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି।

ସେ ଆହୁରି କହିଛନ୍ତି, ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କରେ ନିର୍ଦ୍ଧାରିତ ସମୟରେ ବିଜ୍ଞାପନ ପ୍ରକାଶ କଲେ ନାହିଁ। ସେହିପରି ଧାନ ସଂଗ୍ରହ ପାଇଁ ଚାଷୀ ନାମ ପଞ୍ଜୀକରଣ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ସାରା ରାଜ୍ୟରେ ୮୦% ଚାଷ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଭଳି ସ୍ଥିତିରେ ଚାଷୀ ପଞ୍ଜୀକରଣ କିପରି କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ମରୁଡ଼ିର ବିକଳ୍ପ ବ୍ୟବସ୍ଥା ପାଇଁ ତୁରନ୍ତ କଣ୍ଟିଜେଣ୍ଟ ପ୍ଲାନ ପରିବର୍ତ୍ତେ ଆକ୍ସନ ପ୍ଲାନ ଗ୍ରହଣ କରନ୍ତୁ। ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ପ୍ରଧାନମନ୍ତ୍ରୀ ଫସଲ ବୀମା ସମୟସୀମା ବୃଦ୍ଧି, ଧାନ ସଂଗ୍ରହରେ ଚାଷୀ ନାମ ପଞ୍ଜୀକରଣ ସମୟସୀମା ବୃଦ୍ଧି, ଚାଷୀଙ୍କୁ ମାଗଣାରେ ବିହନ, ଡଳି ଓ ପନିପରିବା ମିନିକିଟ୍‌ସ ଯୋଗାଇବା, ଉଠା ଜଳସେଚନ ପଏଣ୍ଟଗୁଡ଼ିକର ଆଶୁ କାର୍ଯ୍ୟକାରୀ କରିବା, କେନାଲରେ ତଳମୁଣ୍ଡ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣରେ ପାଣି ଯୋଗାଇବା, ନିର୍ଦ୍ଧାରିତ ସମୟରେ ସାର ଓ କୃଷି ଋଣ ଯୋଗାଇ ଦେବାକୁ କଂଗ୍ରେସ ଦାବି କରୁଛି। ଯଦି ଆସନ୍ତା ୫ଦିନ ମଧ୍ୟରେ ସରକାର ଏ ଦିଗରେ ତତ୍ପରତା ପ୍ରକାଶ ନ କରନ୍ତି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୫ ତାରିଖରେ ପ୍ରତି ଜିଲା କିଷାନ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଅମୀୟ କହିଛନ୍ତି।

# ସର୍ଭେ ରିପୋର୍ଟକୁ ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

- ବିଜେଡିର ଦାବି ୨୦ ଲୋକ ସଭା ଆସନରେ ଜିତିବୁ
- ସର୍ଭେ ରିପୋର୍ଟ କାମ କରିବାକୁ ଉତ୍ସାହିତ କରିବ: ଭାଜପା
- କଂଗ୍ରେସର ଦାବି ୮ରୁ ୧୦ ଲୋକ ସଭା ଆସନ ଜିତିବ

ଏବେ ଯଦି ଦେଶରେ ସାଧାରଣ ନିର୍ବାଚନ କରାଯାଏ ତେବେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ତୃତୀୟ ଥର ଲାଗି ସରକାର କରିବ। ଏହାସହ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ସେହିପରି ଓଡ଼ିଶାରେ ଏବେ ନିର୍ବାଚନ ହେଲେ ରାଜ୍ୟର ୨୧ ଲୋକ ସଭା ଆସନ ମଧ୍ୟରୁ ୮ଟି ଭାଜପା ଏବଂ ୧୩ଟି ଆସନ ବିଜେଡି ଖାତାକୁ ଯାଇପାରେ। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ପୋଲ୍ ସର୍ଭେରୁ ରିପୋର୍ଟ ଆସିଛି। ତେବେ ଏହି ସର୍ଭେ ରିପୋର୍ଟକୁ ନେଇ ଏବେ ଜୋର୍ ଧରିଛି ରାଜନୀତି। ସର୍ଭେ ରିପୋର୍ଟକୁ ନେଇ ରାଜ୍ୟର ୩ ପ୍ରମୁଖ ରାଜନୈତିକଦଳ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଯାଇଛି।

ପୋଲ୍ ସର୍ଭେ ରିପୋର୍ଟ ଆସିବା ପରେ ରାଜନୈତିକ ମହଲରେ ଓଡ଼ିଶାରେ କେଉଁ ଦଳର ଫଳାଫଳ କ'ଣ ରହିବ ତାକୁ ନେଇ ଏକପ୍ରକାର ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି। ବିଜେଡି ଗତ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ଅଧିକ ଗୋଟିଏ ଆସନରେ ଜିତିବ ବୋଲି ସର୍ଭେ କହୁଛି। ଅର୍ଥାତ୍ ଏଥର ନିର୍ବାଚନ ହେଲେ ବିଜେଡି ୧୩ଟି ଲୋକସଭା ସିଟ ହାତେଇବ। ସେହିପରି ଭାଜପା ୮ଟି ଆସନ ପାଇବାକୁ ଥିବା ବେଳେ ଅନ୍ୟ ଦଳ ବା ସ୍ୱାଧୀନ ପ୍ରାର୍ଥୀ ଜିତି ପାରିବେ ନାହିଁ ବୋଲି ସର୍ଭେ ଆକଳନ କରିଛି। ଗତଥର କଂଗ୍ରେସ କୋରାପୁଟ ଲୋକସଭା ଆସନ ହାତେଇଥିଲା। ତେଣୁ ସର୍ଭେ ଆକଳନ ଅନୁସାରେ ସେହି ଆସନରେ କଂଗ୍ରେସ ପରାଜିତ ହେବ ବୋଲି ଜଣାପଡିଛି। ହେଲେ କଂଗ୍ରେସ କିନ୍ତୁ ଏକଥାକୁ ଖଣ୍ଡନ କରିଛି।

ବିଜେଡି ରାଜ୍ୟ ସଭା ଏମ୍‌ପି ମୁନା ଖାଁ କହିଛନ୍ତି, ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏଭଳି ସର୍ଭେ ରିପୋର୍ଟ ଆସିଥାଏ। ସେମାନଙ୍କ ସବୁ ଅନୁମାନ ଠିକ୍ ହେବ ବୋଲି କିଛି ମାନେନାହିଁ। ଓଡ଼ିଶା କଥା ଦେଖିଲେ ୨୦୨୪ ଲୋକ ସଭା ନିର୍ବାଚନ ୨୦୧୪ ଭଳି ହେବ। ବିଜେଡି ୨୦ଟି ଲୋକ ସଭା ଆସନ ହାତେଇବ। ଗୋଟିଏ ଆସନ ଭାଜପା କିମ୍ବା କଂଗ୍ରେସ ନେବ। ହେଲେ ୨୦୨୪ରେ ରାଜ୍ୟରେ ବିଜେଡି ପୁଣିଥରେ ସରକାର ଗଢ଼ିବ ବୋଲି ମୁନା ଖାଁ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆଗାମୀ ଦଶ ମାସରେ ମହାନଦୀ ଓ ସୁବର୍ଣ୍ଣରେଖାରେ ବହୁତ ପାଣି ବହିବ। ନିର୍ବାଚନ ଲାଗି ବହୁତ ସମୟ ଅଛି। ସର୍ଭେ ରିପୋର୍ଟ କାମ କରିବାକୁ ଉତ୍ସାହିତ କରିଛି, ଆମେ ଆଗକୁ ଯିବୁ। ସଙ୍ଗଠନ ସୁଦୃଢ଼ ମଧ୍ୟ ରହିଛି ବୋଲି ମନମୋହନ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ସର୍ଭେ ରିପୋର୍ଟ ସବୁବେଳେ ଠିକ୍ ହୁଏ ନାହିଁ। ଗତଥର କର୍ଣ୍ଣାଟକ ସର୍ଭେ ରିପୋର୍ଟ ଠିକ୍ ହୋଇନାହିଁ। ସେଠାରେ କଂଗ୍ରେସ ସରକାର ଗଠନ କଲା। ସର୍ଭେ ଅନୁଯାୟୀ ଭାଜପା ସରକାର କରିବ ବୋଲି ରିପୋର୍ଟ ଆସିଥିଲା। ହିମାଚଳପ୍ରଦେଶରେ ମଧ୍ୟ ସମାନ ସର୍ଭେ ରିପୋର୍ଟ ଆସିଥିଲା, ସେଠାରେ କଂଗ୍ରେସ ନ ଆସି ଭାଜପା କ୍ଷମତାକୁ ଆସିବ ବୋଲି ରିପୋର୍ଟରେ କୁହାଯାଇଥିଲା। ଏଠାରେ କଂଗ୍ରେସ ସରକାର ଗଠନ କଲା। ତେଣୁ ସର୍ଭେ ରିପୋର୍ଟ କପୋଳକଳ୍ପିତ। ୧୯୯୫ରେ ଓଡ଼ିଶାରେ ବିଜୁବାବୁ ସରକାର କରିବେ ବୋଲି ସର୍ଭେ ରିପୋର୍ଟରେ ଆସିଥିଲା। ସେତେବେଳେ କିନ୍ତୁ କଂଗ୍ରେସ ସରକାରକୁ ଆସିଲା। ସର୍ଭେ ରିପୋର୍ଟ ମନଗଢ଼ା। ରାଜ୍ୟବାସୀଙ୍କ ଆଶୀର୍ବାଦରେ କଂଗ୍ରେସ ରାଜ୍ୟରେ କ୍ଷମତାକୁ ଫେରିବ। ୮ରୁ ୧୦ ଲୋକ ସଭା ଆସନରେ କଂଗ୍ରେସ ଜିତିବ ବୋଲି ଶରତ କହିଛନ୍ତି।

# ଦିଲ୍ଲୀ ଅର୍ଡିନାନ୍ସ ବିଲ୍‌କୁ ସବୁସ୍ତରରେ ବିରୋଧ କରିବାକୁ ଆପ୍‌ର ଅନୁରୋଧ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

କେନ୍ଦ୍ରର ଭାଜପା ସରକାର ଆସନ୍ତା ସପ୍ତାହରେ ଦିଲ୍ଲୀ ଅଧ୍ୟାଦେଶ ବା ଅର୍ଡିନାନ୍ସକୁ ଆଇନରେ ପରିଣତ କରିବା ପାଇଁ ଏକ ବିଲ୍ ଆଣୁଛି। ଏହି ବିଲ୍ ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ, ଅସମ୍ବିଧାନିକ ଏବଂ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ବିରୋଧୀ ଅଟେ ବୋଲି ଆପ୍ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି। ନିଶିକାନ୍ତ କହିଛନ୍ତି ଯେ, ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ ଦିଲ୍ଲୀର ଶାସନ ପାଇଁ ନିର୍ବାଚିତ ସରକାରଙ୍କୁ ଉତ୍ତରଦାୟୀ କରିବା ସହିତ ପ୍ରଶାସନ ସମ୍ପର୍କିତ ସମସ୍ତ ନିଷ୍ପତ୍ତି ନେବାର ଅଧିକାର ଦିଲ୍ଲୀ ସରକାରଙ୍କ ରହିଛି ବୋଲି ନିର୍ଣ୍ଣୟ କରିଛନ୍ତି। ଏହାସତ୍ତ୍ୱେ ତରବରିଆ ଭାବେ ଅଧ୍ୟାଦେଶ ଆଣି ଭାଜପା ସରକାର ସମସ୍ତ ଅଧିକାର ଦିଲ୍ଲୀର ଉପରାଜ୍ୟପାଳ(ଏଲଜି)ଙ୍କ ହାତକୁ ଟେକିଦେଇଛନ୍ତି। ଅର୍ଥାତ ଦିଲ୍ଲୀ ସରକାର ବଦଳରେ ଶାସନ କ୍ଷମତା କେନ୍ଦ୍ର ସରକାର ଏବଂ ଏହାଦ୍ୱାରା ନିଯୁକ୍ତ ଏଲଜିଙ୍କ ହାତରେ ରହିବ। ବର୍ତ୍ତମାନ ଏହି ଅର୍ଡିନାନ୍ସ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ଅନ୍ୟାୟ ଭାବେ ମୋଦି ସରକାର ଏ ସମ୍ପର୍କିତ ବିଲ୍ ଆଣିବା ସମ୍ବିଧାନ ଏବଂ ଏହାର ମୂଲ୍ୟବୋଧର ବିରୁଦ୍ଧାଚରଣ କରୁଛି। ଅନେକ ରାଜନୈତିକ ଦଳ ଏହି ବିଲ୍‌କୁ ବିରୋଧ କରୁଛନ୍ତି। ଆମ ଆଦ୍‌ମୀ ପାର୍ଟି(ଆପ୍) ସମସ୍ତ ଗଣତାନ୍ତ୍ରିକ ଶକ୍ତିଙ୍କୁ ଏହି ବିଲ୍‌ର ବିରୋଧ ସବୁସ୍ତରରେ କରିବା ପାଇଁ ଅନୁରୋଧ କରୁଛି ବୋଲି ସେ କହିଛନ୍ତି।

## ରାଜ୍ୟ ଖବର

# 'ନବ୍ୟତା'ରେ ଜଲ୍‌ୱା ଦେଖାଇଲେ ସେଲିବ୍ରିଟି

**ଆଇଏନ୍‌ଆଇଏଫ୍‌ଡି ଭୁବନେଶ୍ୱରର ଡିଜାଇନ୍ ଶୋ'**

ଭୁବନେଶ୍ୱର, ୩୦।୭ (ବନ୍ଦନା ସେଠୀ): ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଡିଜାଇନ୍ (ଆଇଏନ୍‌ଆଇଏଫ୍‌ଡି) ଭୁବନେଶ୍ୱର ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ବାର୍ଷିକ ଡିଜାଇନ୍ ଶୋ' 'ନବ୍ୟତା ୨୦୨୩' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ୨ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଫ୍ୟାଶନ୍ ଓ ଇଣ୍ଟେରିୟର ଡିଜାଇନ୍ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଆଲୁମିନିଙ୍କୁ ମଧ୍ୟ ସେମାନଙ୍କ କଳାତ୍ମକ ପରିକଳ୍ପନାକୁ ପ୍ରଦର୍ଶିତ କରିବାର ସୁଯୋଗ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହାସ୍ୟ କଳାକାର ପପୁ ପମ୍‌ପମ୍, ଓଲିଉଡ୍ ଅଭିନେତ୍ରୀ ଜସ୍ମିନ ରଥ, ଅଭିନେତା ଅଭିଶେକ ପଣ୍ଡା ଓ କଣ୍ଠଶିଳ୍ପୀ ମୃଣ୍ମୟୀ ଶୋ' ଟପ୍ପର ଭାବେ ଯୋଗଦେଇ ନିଜର ଜଲୱା ଦେଖାଇଥିଲେ। ଏହି ଅବସରରେ ମେଧାବୀ ସ୍କିଲ୍‌ସ ବିଶ୍ୱବିଦ୍ୟାଳୟ ଓ ଏନ୍‌ଏସ୍‌ଡିସିର ଧନ୍ଦାମୂଳକ ପାଠ୍ୟକ୍ରମକୁ ଆଇଏନ୍‌ଆଇଏଫ୍‌ଡି ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଥିବା ନେଇ ଘୋଷଣା କରାଯାଇଥିଲା। ଅତିଥି ଭାବେ ବଲିଉଡ୍ କଳାକାର ଅମନ ବର୍ମା ଯୋଗଦେଇ କହିଲେ, ଡିଜାଇନ୍ କ୍ଷେତ୍ରରେ ଦକ୍ଷ ପ୍ରଫେସନାଲଙ୍କ ଚାହିଦା ବଢ଼ିବାରେ ଲାଗିଛି। ବଜାର ଆବଶ୍ୟକ କରୁଥିବା ପ୍ରତିଭା ଅନୁଯାୟୀ ଆଇଏନ୍‌ଆଇଏଫ୍‌ଡି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଇଏନ୍‌ଆଇଏଫ୍‌ଡିର ଗ୍ଲୋବାଲ୍ ସିଇଓ ଅନିଲ ଖୋସ୍‌ଲା କହିଲେ, ଏହି ପାଠ୍ୟକ୍ରମଗୁଡିକ ଡିଗ୍ରୀ ଓ ଡିପ୍ଲୋମା ଛାତ୍ରୀଛାତ୍ରଙ୍କ ମୂଳଦୂଆ ଦୃଢକରି ସେମାନଙ୍କୁ ପ୍ରାକ୍ଟିକାଲ ଅନୁଭବ ପ୍ରଦାନ କରିବ। ଆଇଏନ୍‌ଆଇଏଫ୍‌ଡି ଭୁବନେଶ୍ୱର କେନ୍ଦ୍ରର ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା ଅନୁଷ୍ଠାନର ପ୍ରତିବଦ୍ଧତା ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର (ଆର୍କିଟେକ୍ଟ) ରାଜକୁନାୱାନ ନାୟକ, ପୂର୍ବତନ ଏମ୍‌ପି ପ୍ରଦୀପ କୁମାର ମାଝୀ, ଓଡ଼ିଶା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଶିଳ୍ପ ଜଗତର ବିଶେଷଜ୍ଞମାନେ ଯୋଗଦେଇଥିଲେ।

# ହୋଟେଲରେ ରହି ଡକାୟତି ଉଦ୍ୟମ

ବରଗଡ଼,୩୦।୭(ପ୍ରେମାନନ୍ଦ ଖମାରୀ)

- ବନ୍ଧୁକ ଦେଖାଇ ହାତଗୋଡ଼ ବାନ୍ଧିଲେ
- ଟାର୍ଗେଟ୍ ଥିଲା ଗହଣା ଦୋକାନ ଲୁଟ୍
- ଜଣେ ଧରାପଡ଼ିଲେ, ୨ ଜଣ ଖସିଗଲେ

ବରଗଡ଼ ଘରୋଇ ବସଷ୍ଟାଣ୍ଡ କେନାଲ ବ୍ରିଜ୍ ନିକଟ ଏକ ହୋଟେଲରେ ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଦୁର୍ବୃତ୍ତମାନେ ମାଲିକଙ୍କ ପୁଅଙ୍କ ସମେତ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ବାନ୍ଧି ଦେଇ ଲୁଟ୍ ଉଦ୍ୟମ କରିଛନ୍ତି। ଖବର ପାଇ ବରଗଡ଼ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ଜଣଙ୍କୁ କାବୁ କରିଛି। ଅନ୍ୟ ୨ ଜଣ ଫେରାର ଅଛନ୍ତି। ତେବେ ସେମାନେ ଉକ୍ତ ହୋଟେଲକୁ ଲାଗି ରହିଥିବା ଏକ ସୁନା ଗହଣା ଦୋକାନରେ ଡକାୟତି କରିବା ଯୋଜନା ଥିଲା ବୋଲି ପୋଲିସ ସନ୍ଦେହ କରୁଛି। ହୋଟେଲରୁ ଏକ କାର୍ (ନଂ.ଏମପି୦୯/୧୨୨୦) ଜବତ ହୋଇଥିବା ବେଳେ ଦୁର୍ବୃତ୍ତମାନେ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଆଲୋଚନା ହେଉଛି।

ପ୍ରକାଶ ଯେ, ଶନିବାର ରାତିରେ ଉକ୍ତ ୩ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ହୋଟେଲର ଏକ କୋଠରୀ (ରୁମ୍ ନଂ. ୩୦୪)ରେ ରହିଥିଲେ। ରବିବାର ପୂର୍ବାହ୍ନରେ ହୋଟେଲର ସଫେଇ କର୍ମଚାରୀମାନେ ଉପର ମହଲାକୁ ସଫା କରିବାକୁ ଯାଇଥିବାବେଳେ ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ପ୍ରଥମେ ସେମାନଙ୍କ ହାତଗୋଡ଼ ବାନ୍ଧି ଦେବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଏପରିକି କିଛି କର୍ମଚାରୀଙ୍କୁ ସେମାନେ ମାରପିଟ୍ କରିଥିଲେ। ପରେ ଦୁର୍ବୃତ୍ତମାନେ ହୋଟେଲର ଅନ୍ୟ କୋଠରୀ ଏବଂ ତଳ ମହଲାକୁ ଯାଇ ସେଠାରେ ଥିବା କର୍ମଚାରୀ ଏବଂ ଅନ୍ୟମାନଙ୍କୁ ମଧ୍ୟ ବାନ୍ଧି ଦେଇଥିଲେ। ତେବେ କୌଶଳକ୍ରମେ ୨ଜଣ ହୋଟେଲ ଛାତ ଉପରୁ ତଳକୁ ଓହ୍ଲାଇଯିବାରୁ ଘଟଣା ପ୍ରଘଟ ହୋଇଥିଲା। ସୂଚନା ପାଇ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ସଦଳବଳ ସେଠାରେ ପହଞ୍ଚି ଥିବାବେଳେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମି ଥିଲା। ପୋଲିସ ହୋଟେଲ ଭିତରକୁ ପଶି ବନ୍ଧା ହୋଇଥିବା ସମସ୍ତଙ୍କୁ ମୁକ୍ତ କରିଥିଲା। ଏହି ସମୟରେ ଦୁର୍ବୃତ୍ତମାନେ ଖସି ପଳାଉଥିବା ବେଳେ ପୋଲିସ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ୨ଜଣ ଖସି ଯାଇଥିଲେ। ପୋଲିସ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଛାନଭିନ୍ ଚଳାଇଛି।

# ଅପରାଧମୁକ୍ତ ସମାଜ ଗଠନ ପାଇଁ କମିଶନରେଟ ପୋଲିସର ପ୍ରୟାସ

ଭୁବନେଶ୍ୱର,୩୦।୭
(ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ ପୋଲିସ ପକ୍ଷରୁ ରବିବାର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହାଇଟେକ ପ୍ଲାଜାରେ ପୋଲିସ ଓ ଜନ ସାଧାରଣମାନଙ୍କୁ ନେଇ ସହଯୋଗ ଓ ସଚେତନତା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଓ ଜନ ସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିବା ସହ କିପରି ଅପରାଧମୁକ୍ତ ସମାଜ ଗଠନ କରାଯାଇପାରିବ, ସେନେଇ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏସିପି ଜୋନ୍-୨ ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଏୟାରଫିଲ୍ଡ ଥାନାଧିକାରୀ ଅଶୋକ କୁମାର ନାୟକଙ୍କ ସମେତ ସ୍ଥାନୀୟ ୨୧ଟି ବ୍ଲକରୁ ପ୍ରାୟ ୨ ହଜାରରୁ ଅଧିକ ଜନ ସାଧାରଣ ଯୋଗଦେଇଥିଲେ। ଏସିପି ଚକ୍ରବର୍ତ୍ତୀ ଜନ ସାଧାରଣମାନଙ୍କୁ ଅପରାଧର ପ୍ରତିରୋଧ ତଥା ଚିହ୍ନଟ ଦିଗରେ ସେମାନଙ୍କର ଭୂମିକା ଓ ଅବଦାନ ଉପରେ ସମ୍ବେଦନଶୀଳ କରାଇଥିଲେ। ଜନ ସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ତରଫରୁ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ଥାନା ଅଞ୍ଚଳରେ କରାଯାଉଥିବା ସୂଚନା ଦିଆଯାଇଥିଲା।

# ରାଜ୍ୟ ସରକାରଙ୍କୁ ଜବାବ ତଲବ କଲେ ଏନ୍‌ଜିଟି

ଭୁବନେଶ୍ୱର,୩୦।୭(ଅନିଲ ଦାସ)

**କୁଲଡ଼ିହା ମିରିଗିନ ଖଣିରୁ ପଥର ଉତ୍ତୋଳନ ପ୍ରସଙ୍ଗ**

**୪ ସପ୍ତାହ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ**

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ମିରିଗିନ ଖଣିରୁ ପଥର ଉତ୍ତୋଳନ ଅନୁମତି ପ୍ରଦାନକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଜବାବ ତଲବ କରିଛନ୍ତି। କୁଲଡ଼ିହା ଅଭୟାରଣ୍ୟର ୧ କିଲୋମିଟର ଭିତରେ ମିରିଗିନ ଅଞ୍ଚଳ ଆସୁଥିବା ବେଳେ ଏଠାରୁ କିପରି ପଥର ଖନନ ଅନୁମତି ପ୍ରଦାନ କରାଗଲା ସେ ନେଇ ଆସନ୍ତା ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୁଲଡ଼ିହା ଅଭୟାରଣ୍ୟର ଭିତର ୧ କିଲୋମିଟର ପରିଧି ପରିବେଶ-ସମ୍ବେଦନଶୀଳ ଅଞ୍ଚଳ ବା ଇକୋ ସେନ୍ସେଟିଭ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି ଅଞ୍ଚଳ ମଧ୍ୟରେ କୌଣସି ନିର୍ମାଣ କିମ୍ବା ଖନନ କାର୍ଯ୍ୟକଳାପକୁ ବାରଣ କରାଯାଇଛି। ମାତ୍ର ଏହି ଅଞ୍ଚଳରେ ଖଣି ଖନନ ପାଇଁ କେଉଁ ପରିସ୍ଥିତିରେ ଅନୁମତି ଦିଆଗଲା ତାହାକୁ ନେଇ ଏନ୍‌ଜିଟିରେ ମାମଲା ହୋଇଛି। ଏହି ମାମଲା ଏବେ ବିଚାରାଧୀନ ରହିଛି। କୋଲକାତାସ୍ଥିତ ଏନ୍‌ଜିଟିର ପୂର୍ବ ଜୋନ ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ, ରାଜ୍ୟ ପରିବେଶ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଜିଲାପାଳ ଏବଂ ନୀଳଗିରି ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ଏକ ବର୍ଷ ପାଇଁ ୨୧,୨୫୨ କ୍ୟୁବିକ୍ ମିଟର ପଥର ଉତ୍ତୋଳନ ପାଇଁ ୨୦୨୨ ଜୁଲାଇ ୨୬ ତାରିଖରେ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡକୁ ନୀଳଗିରି ତହସିଲଦାର ଅନୁମତି ଦେଇଥିଲେ। ବାଲେଶ୍ୱରର ଜଣେ ଆବେଦନକର୍ତ୍ତାଙ୍କ ମାମଲାର ଶୁଣାଣି କରି ଏନ୍‌ଜିଟିର ଦୁଇଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜବାବ ମିଳିବା ପରେ ଆସନ୍ତା ଅଗଷ୍ଟ ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକର୍ତ୍ତା ଅଭିଯୋଗ କରିଛନ୍ତି ଯେ କୁଲଡ଼ିହା ପଥର ଖଣିରୁ ପଥର ଖୋଳାଯାଇ ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ସ୍କୁଲ, କମ୍ୟୁନିଟି ସେଣ୍ଟର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେଉଥିବା ଘରଗୁଡ଼ିକ ପାଇଁ ପଥର ଯୋଗାଇ ଦିଆଯାଇଛି। ଏଥିସହିତ ବିସ୍ଫୋରଣ ନିକଟରେ ଥିବା ବିଭିନ୍ନ ନିର୍ମାଣ ଓ ଜନବସତି ଉପରେ ପଡିଛି। ଏହି ଖଣି କାମ ଯୋଗୁ ନିକଟରେ ଭୂଗର୍ଭ ଜଳସ୍ତର ମଧ୍ୟ ହ୍ରାସପାଇଛି। ଏ ନେଇ ସ୍ଥାନୀୟ ଲୋକମାନେ ୨୦୨୩ ଏପ୍ରିଲ ୧୨ ତାରିଖରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର କୌଣସି ଫଳ ମିଳି ନ ଥିଲା। ପଥର ଖଣିଠାରୁ ତେଣ୍ଡା ସଂରକ୍ଷିତ ଜଙ୍ଗଲ ୧ କିଲୋମିଟର ଦୂରରେ ହୋଇଥିବା ବେଳେ କୁଲଡ଼ିହା ବନ୍ୟଜନ୍ତୁ ଅଭୟାରଣ୍ୟ ୧ କିଲୋମିଟର ପରିସର ମଧ୍ୟରେ ରହୁଛି।

# 'ଭୋଇ ସମାଜର ସର୍ବାଙ୍ଗୀନ ଉନ୍ନତି ମୂଳ ଲକ୍ଷ୍ୟ ହେବା ଉଚିତ'



ସମାବେଶରେ ମୁଖ୍ୟଅତିଥି ଲକ୍ଷ୍ମୀଧର ଭୋଇ ଉଦ୍‌ବୋଧନ ଦେଉଥିବାବେଳେ ମଞ୍ଚାସୀନ ଅତିଥିମାନେ।

ଜଗତ୍‌ସିଂହପୁର, ୩୦।୭
(ପ୍ରମୋଦ କୁମାର ନାୟକ)

**ରାଜ୍ୟସ୍ତରୀୟ ଭୋଇ ସମାବେଶ**

ଭୋଇ ସମାଜର ଅନେକ ଲୋକ ବିଭିନ୍ନ କ୍ଷେତ୍ରରେ ଉପେକ୍ଷିତ, ପଛୁଆ। ସେମାନଙ୍କର କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ତାହା ମୂଳ ଲକ୍ଷ୍ୟ ହେବା ଉଚିତ। କେବଳ ଏତିକି ନୁହେଁ, ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜ ପାଇଁ କିଛି କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ରବିବାର ଜଗତ୍‌ସିଂହପୁରସ୍ଥିତ ଆଦି କବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭୋଇ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଖିଳ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ସଭାପତି ଲକ୍ଷ୍ମୀଧର ଭୋଇ ଏହା କହିଛନ୍ତି। ମୁଖ୍ୟ ବକ୍ତାଭାବେ କଟକ କୁଶକଣ୍ଠାସ୍ଥିତ ସନ୍ଥ ବାହୁଡ଼ା ଦାସ ଭୋଇ ସମାଜ ବିକାଶ ପରିଷଦ ସଭାପତି ଗିରିଶ ଚନ୍ଦ୍ର ନାୟକ, ଅନ୍ୟତମ ବକ୍ତା ଭାବେ ସାମାଜିକ କର୍ମୀ ତଥା ବିଜେବି କଲେଜ ପ୍ରଥମ ବର୍ଷ ଛାତ୍ରୀ ତମନ୍ନା ଭୋଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରତ୍ନାକର କାଣ୍ଡି, ବରିଷ୍ଠ ସାମାଜିକ କର୍ମୀ ଲିଙ୍ଗରାଜ ଭୋଇ, ନିଖିଳ ଓଡ଼ିଶା ୟୁନିୟନ ବ୍ୟାଙ୍କ ଏସ୍‌ସି/ଏସ୍‌ଟି ଏମ୍ପ୍ଲଇଜ୍ ୱେଲଫେୟାର କାଉନସିଲ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭୋଇ, ଖୋର୍ଦ୍ଧାସ୍ଥିତ ଅଲ୍ ଇଣ୍ଡିଆ କନ୍‌ଫେଡେରେଶନ୍ ଅଫ୍ ଏସ୍‌ସି/ଏସ୍‌ଟି ଅର୍ଗାନାଇଜେଶନ ରାଜ୍ୟ ଆବାହକ ଦିବାକର ଭୋଇ, ନାଲ୍‌କୋର କୈଳାସ ଭୋଇ, କ୍ଷେତ୍ରମୋହନ ଭୋଇ, ବରିଷ୍ଠ ସାମାଜିକକର୍ମୀ ନାଥ କାଣ୍ଡି ଓ ଓକିଲ ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଭୋଇ ବଂଶର ଇତିହାସ ବଖାଣିବା ସହ ଶିକ୍ଷା ଓ ଅଧିକାର ପାଇଁ ଲଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ କହିଥିଲେ, ଦଳିତ ବର୍ଗର ଲୋକେ ଯଦିଓ କେତେକାଂଶରେ ଶିକ୍ଷିତ ହୋଇଛନ୍ତି କିନ୍ତୁ ସଙ୍ଗଠିତ କି ଅଧିକାର ପାଇଁ ସଂଘର୍ଷ କରିପାରୁନାହାନ୍ତି। କେଉଁ ଆବାହମାନ କାଳରୁ ବ୍ରାହ୍ମଣ, କ୍ଷେତ୍ରିୟ ଓ ବୈଶ୍ୟଙ୍କୁ ସେବା କରିବା କାମ ଶୂଦ୍ରଙ୍କ ଉପରେ ନ୍ୟସ୍ତ ଥିଲା। ସେତେବେଳେ ଶୂଦ୍ର ୨ ଭାଗରେ ବିଭକ୍ତ ହୋଇଥିଲେ। ସେମାନେ ପଛୁଆ ବର୍ଗର ହୋଇଥିଲେ ବି ସେମାନଙ୍କୁ ଛୁଇଁବାରେ ପାପ ନ ଥିଲା। କିନ୍ତୁ ଅତି ଶୂଦ୍ରମାନେ ଅଛୁଆଁ ଥିଲେ। ଭୋଇମାନେ ଏହି ଅତିଶୂଦ୍ର ବର୍ଗର। ଏହି ଜାତିକୁ ନେଇ ଥିବା ଘୃଣା ଭାବନା ଭାଙ୍ଗିବାକୁ ପଡ଼ିବ। ବାବା ସାହେବ ଆମ୍ବେଡ୍‌କର ଏକ ଦଳିତ ପରିବାରରେ ଜନ୍ମଗ୍ରହଣ କରି ଦଳିତ, ମହିଳା ଓ ଭାରତୀୟଙ୍କୁ ସ୍ୱାଧୀନତା ଦେବାରେ ବିଶେଷ ସହାୟକ ହୋଇଥିଲେ। ତେଣୁ ଆମ ପାଖରେ କିଛି ନାହିଁ ବୋଲି ଭାବିଲେ ହେବନାହିଁ। କେବଳ ମାନସିକତା ଦରକାର। ସମାବେଶରେ ପରିଷଦ ଜଗତ୍‌ସିଂହପୁର ଶାଖା ଆବାହକ ଶଙ୍କର ଦାସ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସିପି ଛକ ନିକଟରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ସମାବେଶସ୍ଥଳ ପର୍ଯ୍ୟନ୍ତ ଯାଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ: ଭାରତକୁ ଚତୁର୍ଥ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୩୦।୭ (ପି.ଟି.)**

ଚାଇନାର ଚେଙ୍ଗ୍‌ଡୁଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅମନ ସଇନି ଓ ପ୍ରଗତିଙ୍କୁ ନେଇ ଭାରତର ମିକ୍ସଡ କମ୍ପାଉଣ୍ଡ ତୀରନ୍ଦାଜୀ ଦଳ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମାନେ ଫାଇନାଲରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୫୬-୧୫୬ରେ ହରାଇ ଦେଇଛନ୍ତି। ଭାରତ ବର୍ତ୍ତମାନ ପଦକ ତାଲିକାରେ ୧୦ ପଦକ (୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ) ସହ ଚତୁର୍ଥ ସ୍ଥାନରେ ରହିଛି। ଭାରତ ପୁରୁଷ ଓ ମହିଳା କମ୍ପାଉଣ୍ଡ ଇଭେଣ୍ଟ ଟିମ୍ ଇଭେଣ୍ଟରେ ମଧ୍ୟ ଆହୁରି ଦୁଇ ପଦକ ହାସଲ କରିଛି। ସଙ୍ଗମପ୍ରୀତ ବିସ୍‌ଲା, ଅମନ ସଇନି ଓ ରିଷଭ ଯାଦବ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୨୯-୨୨୫ରେ ପରାସ୍ତ କରି ଏକ ବ୍ରୋଞ୍ଜ ପଦକ ପାଇଥିବା ବେଳେ ପୂର୍ଭାଷା, ପ୍ରଗତି ଓ ଅଭନିତ ଫାଇନାଲରେ କୋରିଆଠାରୁ ପରାଜିତ ହୋଇ ରୌପ୍ୟ ପଦକ ପାଇଛନ୍ତି। ତୀରନ୍ଦାଜୀକୁ ଛାଡ଼ିଦେଲେ ଭାରତ ଶୁଟିଂରେ ମଧ୍ୟ ଦୁଇ ପଦକ ଲାଭ କରିଛି। ଉଦୟବୀର ସିନ୍ଧୁ ଓ ଆଦର୍ଶ ସିଂ ରାପିଡ୍ ଫାୟାର ପିସ୍ତଲ ଟିମ୍ ଇଭେଣ୍ଟରେ ୧୭୨୯ ପଏଣ୍ଟ ସ୍କୋର କରି ଏକ ରୌପ୍ୟ ଜିତିଛନ୍ତି।





ଫିଫା ମହିଳା ବିଶ୍ୱକପରେ ରବିବାର ନରୱେ ଓ ଫିଲିପାଇନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ମ୍ୟାଚ ଅବସରରେ ଷ୍ଟାଡିୟମରେ ଉପସ୍ଥିତ ଫିଲିପାଇନ୍ସ ପ୍ରଶଂସକ।

# ହିଜାବରେ ପ୍ରଥମ ଖେଳାଳି ବେନ୍‌ଜିନା

## ମହିଳା ଫୁଟ୍‌ବଲ ବିଶ୍ୱକପ୍

**ଆଡିଲେଡ୍, ୩୦।୭ (ଏପି)**

ସିନିୟର ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ହିଜାବ ପରିଧାନ କରି ଖେଳିବାରେ ମରକ୍କୋ ଡିଫେଣ୍ଡର ନୌହେଲା ବେନ୍‌ଜିନା ପ୍ରଥମ ଖେଳାଳି। ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଖେଳି ସେ ଇତିହାସ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ସୁରକ୍ଷା ଜନିତ କାରଣରୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ହିଜାବ ପରିଧାନକୁ ବାରଣ କରିଥିଲା। ମାତ୍ର ସ୍ୱେଚ୍ଛାକର୍ମୀ, ଆଥଲେଟ ଏବଂ ସରକାର ଓ ଫୁଟ୍‌ବଲ ଅଫିସିଆଲଙ୍କ ଓକିଲାତି ପରେ ୨୦୧୪ରେ ଏହି କଟକଣାକୁ ଉଠାଇ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁସ୍‌ଲିମ ଓମେନ ସ୍ପୋର୍ଟ୍ସ ନେଟୱର୍କର ସହ ପ୍ରତିଷ୍ଠାତା ଆସ୍‌ମାହ ହିଲାଲ୍ କହିଛନ୍ତି, ବେନ୍‌ଜିନାଙ୍କୁ ଦେଖି କେବଳ ଖେଳାଳି ନୁହଁନ୍ତି ଅଧିକରୁ ଅଧିକ ମୁସ୍‌ଲିମ୍ ବାଳିକା ଓ ମହିଳା ହିଜାବ ବ୍ୟବହାର କରିବା ଲାଗି ଉତ୍ସାହିତ ହେବେ। ବେନ୍‌ଜିନା ମରକ୍କୋର ଟପ୍ ମହିଳା ଲିଗ୍ ୮ଥର ଚାମ୍ପିୟନ ପ୍ରଫେସନାଲ କ୍ଲବ ଆସୋସିଏଶନ୍ସ ସ୍ପୋର୍ଟ୍ସ ଅଫ୍ ଫୋର୍ସେସ ଆର୍ମଡ ରୟାଲ ତରଫରୁ ଖେଳିଥାନ୍ତି। ସେ ମେଲବୋର୍ନଠାରେ ଖେଳାଯାଇଥିବା ମରକ୍କୋର ଓପନିଂ ଗେମ୍ ଖେଳି ନ ଥିଲେ। ଏଥିରେ ତାଙ୍କ ଦଳ ଗ୍ରୁପ୍ ଏଚ୍'ରେ ଜର୍ମାନୀ ନିକଟରୁ ୬-୦ ଗୋଲ୍‌ରେ ପରାଜିତ ହୋଇଥିଲା। ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ମରକ୍କୋ ହେଉଛି ପ୍ରଥମ ଆରବ ଓ ଉତ୍ତର ଆଫ୍ରିକୀୟ ରାଷ୍ଟ୍ର।



ମ୍ୟାଚ ଅବସରରେ ନୌହେଲା ବେନ୍‌ଜିନା।

# ଆୟୋଜକ ନ୍ୟୁଜିଲାଣ୍ଡର ବିଦାୟ

**ଡୁନେଡିନ୍/ସିଡ୍‌ନୀ, ୩୦।୭ (ଏପି)**

ଚଳିତ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍‌ର ଗ୍ରୁପ୍ 'ଏ'ରେ ରବିବାର ନ୍ୟୁଜିଲାଣ୍ଡ ଓ ସୁଇଜରଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି। ଏଥି ସହିତ ନ୍ୟୁଜିଲାଣ୍ଡ ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଦଳ ଭାବେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଅନ୍ୟପକ୍ଷରେ ସୁଇଜରଲାଣ୍ଡ ଗୋଟିଏ ବିଜୟ ଓ ୨ଟି ଡ୍ର ସହ ୫ ପଏଣ୍ଟ ଅର୍ଜନ କରି ଗ୍ରୁପ୍ ଏ'ର ଶୀର୍ଷରେ ରହିବା ସହ ପ୍ରି-କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛି। ଦଳ ବର୍ତ୍ତମାନ ଗ୍ରୁପ୍ ସି'ର ସ୍ପେନ କିମ୍ବା ଜାପାନକୁ ଭେଟିବ। ସିଡ୍‌ନୀ ଫୁଟବଲ ଷ୍ଟାଡିୟମରେ କଲମ୍ବିଆ ଶେଷ ମୁହୂର୍ତ୍ତରେ ଏକ ଗୋଲ ସ୍କୋର ୨ଥର ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲ୍‌ରେ ପରାସ୍ତ କରି ଟୁର୍ନାମେଣ୍ଟରେ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। କଲମ୍ବିଆ ପକ୍ଷରୁ ଲିଣ୍ଡା କାଲ୍‌ସେଡୋ ଖେଳର ୫୨ତମ ମିନିଟ୍‌ରେ ଗୋଲ ସ୍କୋର କରି ତାଙ୍କ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ୮୯ତମ ମିନିଟ୍‌ରେ ଆଲେଜାଣ୍ଡ୍ରା ପପ୍‌ଙ୍କ ଜରିଆରେ ଏକ ଗୋଲ୍ ସ୍କୋର କରି ଜର୍ମାନୀ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ପରବର୍ତ୍ତୀ ସମୟରେ ଖେଳର ୯୦+୭ତମ ସମୟରେ ମାନୁଏଲା ଭେନେଗାସ୍‌ଙ୍କ ଗୋଲ୍ ଯୋଗୁ କଲମ୍ବିଆ ବିଜୟ ଲାଭ କରିଥିଲା। ଏହି ବିଜୟ ଦ୍ୱାରା କଲମ୍ବିଆ ଗ୍ରୁପ୍ 'ଏଚ୍'ରେ ଖେଳିଥିବା ଦୁଇଟି ମ୍ୟାଚରେ ୬ ପଏଣ୍ଟ ଅର୍ଜନ କରି ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନ ଅଧିକାର କରିଛି। ରବିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ନରୱେ ୬-୦ ଗୋଲ୍‌ରେ ଫିଲିପାଇନ୍ସକୁ ପରାସ୍ତ କରି ନକ୍‌ଆଉଟରେ ପ୍ରବେଶ କରିଛି। ଦଳ ପକ୍ଷରୁ ସୋଫି ରୋମନ ହର୍ଗ୍ ୩ଟି ଗୋଲ୍ ସ୍କୋର କରିଥିବା ବେଳେ କାରୋଲିନ୍ ଗ୍ରାହାମ ହାନସେନ୍ ଓ ଗୁରୋ ରେଲ୍‌ଟନ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ତେବେ ଗ୍ରୁପ୍ ଏ'ରେ ଏହି ଦଳ ସୁଇଜରଲାଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଅନ୍ୟ ଏକ ମ୍ୟାଚରେ ମରକ୍କୋ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଚଳିତ ବିଶ୍ୱକପ୍‌ରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଦଳ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ଇବିତ୍‌ସାମ ଜ୍ରାଦି ଖେଳର ୬ଷ୍ଠ ମିନିଟ୍‌ରେ ସ୍କୋର କରିଥିଲେ।




ମ୍ୟାଚ ଜିତିବାପରେ ଉଲ୍ଲସିତ ନରୱେ ଖେଳାଳି।

**Classified Everyday**
0674-2580101, 2549949



REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279.
D-74895



Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Newly opened (One8 Spa)/(Salon Service) with expert therapist, 9938843929.
D-75136

Asribada Panchakarma herbal SPA Kesharimall, Bhubaneswar. Contact: 8926173473.
D-75013

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

**Relax, Refresh your body, mind at Saikrupa Spa with best therapies. 8984068077.**
D-0921

Spa Kerala Body Massage only best Therapist @699/- Bhubaneswar. 9337672475.
D-0857

## ସିଆର୍‌ପିଏଫ୍ ଆଥଲେଟ ଜିତିଲେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ

**ନୂଆଦିଲ୍ଲୀ, ୩୦।୭ (ପି.ଟି.)**

କାନାଡାର ୱିନିପେଗ୍‌ଠାରେ ଚାଲିଥିବା ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ର ଆଥଲେଟମାନେ ଭାରତ ପାଇଁ ୫ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଲାଭ କରିଛନ୍ତି। ଲୁୱାଙ୍ଗଥେମ୍ ଗୁନାଓ ଏବଂ ଏମ୍ ଧୀରେନ୍ ସିଂ ଯଥାକ୍ରମେ ପୁରୁଷ ଫିଜିକ୍ ଓ ବଡିବିଲ୍ଡିଂରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଜିତିଥିବା ବେଳେ ରୀତୁ ରାଣୀ ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ମହିଳା ୫୯କେଜି ଶ୍ରେଣୀ ରେସ୍‌ଲିଂରେ ହାସଲ କରିଛନ୍ତି। ରୋହିତ କୁମାର ପୁରୁଷ ୭୪ କେଜି ଫ୍ରିଷ୍ଟାଇଲ ଇଭେଣ୍ଟରେ ଏକ ରୌପ୍ୟ ପଦକ ଲାଭ କରିଛନ୍ତି।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
For Booking Contact: 0674-2580385

ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# 'ନିର୍ଦ୍ଦିଷ୍ଟ ମ୍ୟାଚ କିମ୍ବା ସିରିଜକୁ ନେଇ ଚିନ୍ତିତ ନୋହୁଁ'

## ଦ୍ୱିତୀୟ ଦିନିକିଆରେ ୱେଷ୍ଟଇଣ୍ଡିଜଠାରୁ ଭାରତ ହାରିବା ପରେ ଦ୍ରାବିଡ୍‌ଙ୍କ ପ୍ରତିକ୍ରିୟା

**ବ୍ରିଜଟାଉନ୍, ୩୦।୭**

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ପରାସ୍ତ ହୋଇଛି। ଭାରତ ୪୦.୫ ଓଭରରେ ୧୮୧ ରନ୍‌କରି ଅଲ୍‌ଆଉଟ ହୋଇଥିବାବେଳେ ୱେଷ୍ଟଇଣ୍ଡିଜ ୮୦ଟି ବଲ୍ ବାକିଥାଇ ୩୬.୪ ଓଭରରେ ୪ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଥିଲା। ପ୍ରଥମ ଦିନିକିଆ ପରି ଦ୍ୱିତୀୟ ଦିନିକିଆରେ ମଧ୍ୟ ଭାରତ ଅତ୍ୟଧିକ ପରୀକ୍ଷା ନିରୀକ୍ଷା କରିଥିଲା। ଏପରି କି ଅଧିନାୟକ ରୋହିତ ଶର୍ମା ଓ ତାରକା ବ୍ୟାଟର ବିରାଟ କୋହଲିଙ୍କୁ ବାଦ୍ ଦେଇ ଟିମ୍ ଇଣ୍ଡିଆ ପଡ଼ିଆକୁ ଓହ୍ଲାଇଥିଲା। ଏହାର ଭରପୂର ସୁଯୋଗ ନେଇ ୱେଷ୍ଟଇଣ୍ଡିଜ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାରେ ସୁଯୋଗ ପାଇଥିଲା। ମାତ୍ର ରୋହିତ ଏବଂ କୋହଲିଙ୍କୁ ବିଶ୍ରାମ ଦିଆଯିବା ନିଷ୍ପତ୍ତି ଠିକ୍ ଥିଲା ବୋଲି କହିଛନ୍ତି କୋଚ୍ ରାହୁଲ ଦ୍ରାବିଡ। କୌଣସି ନିର୍ଦ୍ଦିଷ୍ଟ ମ୍ୟାଚ କିମ୍ବା ସିରିଜକୁ ନେଇ ଆମେ ଚିନ୍ତିତ ନୋହୁଁ, ଦିନିକିଆ ବିଶ୍ୱକପ ପୂର୍ବରୁ ସମସ୍ତ ଖେଳାଳିଙ୍କୁ ନେଇ ପରୀକ୍ଷା ନିରୀକ୍ଷା ଚାଲିବ ବୋଲି ଦ୍ରାବିଡ ପ୍ରକାଶ କରିଛନ୍ତି।

ଆଗକୁ ଏସିଆ କପ୍ ଏବଂ ବିଶ୍ୱକପ୍ ଆସୁଥିବାରୁ ଆମେ ସର୍ବଦା ବୃହତ୍ତର ଦୃଷ୍ଟିକୋଣକୁ ନେଇ ଚିନ୍ତା କରୁଛୁ। କେତେକ ଖେଳାଳି ଆହତ ଥିବାରୁ ଏପରି ନିଷ୍ପତ୍ତି ନିଆଯାଉଛି। ଆମେ ଯଦି କୌଣସି ନିର୍ଦ୍ଦିଷ୍ଟ ମ୍ୟାଚ କିମ୍ବା ସିରିଜକୁ ନେଇ ଚିନ୍ତିତ ହେବୁ ତେବେ ଭୁଲ୍ ହେବ। ଯୁବ ଖେଳାଳିଙ୍କୁ ସୁଯୋଗ ଦେବାକୁ ହେଲେ କୋହଲି ଓ ରୋହିତଙ୍କୁ ବସାଇବାକୁ ପଡ଼ିବ। ଆମକୁ ଏପରି ରିସ୍କ ନେଇ ଯୁବ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବାକୁ ହେବ ବୋଲି ଦ୍ରାବିଡ କହିଛନ୍ତି। ଏସିଆ କପ୍ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୭ ଏବଂ ବିଶ୍ୱକପ୍ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବ। ଭାରତୀୟ ଦଳର କେତେଜଣ ଖେଳାଳି ଆହତ ସମସ୍ୟା ଦେଇ ଗତି କରୁଥିବାରୁ ସମ୍ପ୍ରତି ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ପ୍ରସ୍ତୁତି ଚଳାଇଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣ ଏସିଆ କପ୍ ଏବଂ ବିଶ୍ୱକପ୍ ବେଳକୁ ଫିଟ୍ ହେବା ଆଶା ରହିଛି। ତେବେ ଏହାକୁ ଭରସା କରି ସେ ଚାନ୍ସ ନେବାକୁ ଚାହୁଁନାହାନ୍ତି ବୋଲି ଦ୍ରାବିଡ କହିଛନ୍ତି। ଏହାକୁ ନେଇ ହେଉଥିବା ସମାଲୋଚନାରେ ସେ ତିଳେମାତ୍ର ଚିନ୍ତିତ ନୁହନ୍ତି ବୋଲି ସ୍ପଷ୍ଟ କରିଛନ୍ତି।



ରାହୁଲ ଦ୍ରାବିଡ

### ୫୦-୬୦ ରନ କମ୍ ହେଲା

ଦ୍ୱିତୀୟ ଦିନିକିଆ ଖେଳାଯାଇଥିବା ପିଚ୍ ବ୍ୟାଟିଂ ପାଇଁ ସହଜ ନ ଥିଲେ ମଧ୍ୟ ଭାରତ ୫୦-୬୦ ରନ କମ୍ ସ୍କୋର କଲା। ଏଠାରେ ୨୩୦-୨୪୦ ରନ କରିପାରିଥିଲେ ଭାରତ ଭଲ ଚ୍ୟାଲେଞ୍ଜ ଦେଇଥାନ୍ତା ବୋଲି ଦ୍ରାବିଡ କହିଛନ୍ତି। ଶୁବମନ ଗିଲ୍ ଓ ଇଶାନ କିଶନ ଭଲ ଆରମ୍ଭ ଦେଇଥିଲେ। କେହି ଜଣେ କ୍ରିଜ୍‌ରେ ତିଷ୍ଠିରହି ଇନିଂସକୁ ଆଗେଇ ନେବାର ଥିଲା। କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ ୫୦-୬୦ ରନ କମ୍ ସ୍କୋର କଲୁ ବୋଲି ସେ ପ୍ରକାଶ କରିଛନ୍ତି।

### ସୂର୍ଯ୍ୟ ଦିନିକିଆ କ୍ରିକେଟରୁ ଶିଖୁଛନ୍ତି

ଦିନିକିଆ କ୍ରିକେଟରେ ନିଜ ପ୍ରଦର୍ଶନରେ ସୂର୍ଯ୍ୟକୁମାର ଯାଦବ ନିଶ୍ଚିତ ନିରାଶ ଅନୁଭବ କରିଥିବେ। ଘରୋଇ କ୍ରିକେଟ ଏବଂ ଟି୨୦ ଫର୍ମାଟରେ ସେ ଯେପରି ପ୍ରତିଷ୍ଠା ଅର୍ଜନ କରିଛନ୍ତି ଦିନିକିଆରେ ତାହାକୁ ରୂପାନ୍ତରିତ କରିପାରି ନାହାନ୍ତି। ସେ ଜଣେ ଉତ୍ତମ ଖେଳାଳି ଏଥିରେ ଦ୍ୱିମତ ନାହିଁ। ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରୁ ଶିକ୍ଷାଲାଭ କରୁଛନ୍ତି। ମିଡିଲ ଓଭରଗୁଡ଼ିକରେ କିପରି ବ୍ୟାଟିଂ କରିବାକୁ ହୁଏ ତାହା ଶିଖୁଛନ୍ତି। ସେ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି। ତେଣୁ ତାଙ୍କୁ ଯଥା ସମ୍ଭବ ଅଧିକରୁ ଅଧିକ ସୁଯୋଗ ଦେବାକୁ ଆମେ ଚାହୁଁଛୁ ବୋଲି ଦ୍ରାବିଡ କହିଛନ୍ତି।

### ଗିଲ୍, କିଶନଙ୍କୁ ପ୍ରଶଂସା

ଶୁବମନ ଗିଲ୍ ଓ ଇଶାନ କିଶନଙ୍କ ପ୍ରଦର୍ଶନରେ ସନ୍ତୁଷ୍ଟ ଅଛନ୍ତି ଦ୍ରାବିଡ। ଗିଲ୍‌ଙ୍କ ଫର୍ମକୁ ନେଇ ସେ ଚିନ୍ତିତ ନାହାନ୍ତି। ସେ ଭଲ ବ୍ୟାଟିଂ କରୁଛନ୍ତି। ଖେଳରେ ଏପରି ହୋଇଥାଏ। ପ୍ରତି ମ୍ୟାଚକୁ ନେଇ କାହାକୁ ସମାଲୋଚନା କରାଯିବା ଉଚିତ ନୁହେଁ। କ୍ରିକେଟର ତିନୋଟିଯାକ ଫର୍ମାଟ ପାଇଁ ଗିଲ୍ ଏବେ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଦ୍ରାବିଡ କହିଛନ୍ତି। ସେହିପରି କିଶନଙ୍କ ପ୍ରଦର୍ଶନରେ ମଧ୍ୟ ଦ୍ରାବିଡ ଖୁସି ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଜୁଲାଇ, ୨୦୨୩



# ସକ୍ରିୟ ରହିବ ପାଚନକ୍ରିୟା



ବର୍ତ୍ତମାନ ବର୍ଷାଋତୁ। ତେଣୁ ଆମେ ଖାଦ୍ୟପେୟ ପ୍ରତି ସତର୍କ ରହିବା ଆବଶ୍ୟକ। ଏହି ଋତୁରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ବର୍ଷାଦିନେ ସନ୍ତୁଳିତ ତଥା ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହି ଦିନେ ଅଧିକ ପରିମାଣରେ ସାଲାଡ୍ ଖାଆନ୍ତୁ ନାହିଁ। କାରଣ ବର୍ଷାଦିନେ କଞ୍ଚା ଖାଦ୍ୟରେ ଅଧିକ ବ୍ୟାକ୍ଟେରିଆ ରହିଥାଆନ୍ତି। ଏହି ଦିନେ ଘରେ ବ୍ରେଡ୍‌ଯୁକ୍ତ ଖାଦ୍ୟ ବେଶି ଦିନ ରଖନ୍ତୁ ନାହିଁ। କାରଣ ଅଧିକ ଦିନ ରହିଲେ ସେଥିରେ ଫିମ୍ପି ହୋଇଯାଏ, ଯାହା ଶରୀର ପାଇଁ କ୍ଷତିକାରକ। ଏହି ଋତୁରେ ରାସ୍ତାକଡ ଉଠାଦୋକାନ କିମ୍ବା ବାହାର ଖାଦ୍ୟ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ। କାରଣ ଏଭଳି ଖାଦ୍ୟ ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ବର୍ଷାଦିନେ ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପେଟଜନିତ ସମସ୍ୟା ସୃଷ୍ଟି କରିବ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ବର୍ଷାଦିନେ ଅଧିକ ପରିମାଣର ମାଛ ମାଂସ ନ ଖାଇବା ଭଲ। ଏହି ଋତୁରେ ଫୁଡ୍ ପଏଜନିଂର ଆଶଙ୍କା ରହିଛି, ତେଣୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

# ଡେଙ୍ଗୁରୁ ରକ୍ଷା ପାଇବାର ଉପାୟ



ସାଧାରଣତଃ ବର୍ଷା ଋତୁରେ ଡେଙ୍ଗୁ ସମସ୍ୟା ଅଧିକ ଦେଖାଦେଇଥାଏ। ତେବେ ଏହାର ଲକ୍ଷଣ ଜାଣିବା ମାତ୍ରେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ବିଳମ୍ବ ନ କରି ନିକଟସ୍ଥ ହସ୍‌ପିଟାଲରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ। ତେବେ ଏଥିରୁ ରକ୍ଷା ପାଇବାର କେତୋଟି ସରଳ ତଥା ସହଜ ଉପାୟ ରହିଛି। ଘର ବାହାରେ ଖୋଲା ମାଠିଆ କିମ୍ବା କୌଣସି ଖୋଲା ପାତ୍ର ରଖନ୍ତୁ ନାହିଁ। କାରଣ ବର୍ଷା ଦିନେ ଏଥିରେ ପାଣି ଜମା ହୋଇ ରହିଲେ ତାହା ଭିତରେ ଡେଙ୍ଗୁ ମଶା ନିଜର ବଂଶ ବିସ୍ତାର କରିଥାଆନ୍ତି। ଆଉ ଏକ କଥା ଏହି ଋତୁରେ ଘର ଚାରିପଟ ପରିଷ୍କାର ରଖନ୍ତୁ। ଘର ଚାରିପଟେ ଯଦି ଅଳିଆ ଆବର୍ଜନା ଜମା ହୋଇଛି ତେବେ ତାହାକୁ ତୁରନ୍ତ ସଫା କରନ୍ତୁ। ରାତିରେ ମଶାରି ଟାଙ୍ଗି ଶୁଅନ୍ତୁ। ଶରୀରକୁ ସମ୍ପୂର୍ଣ୍ଣ ଆବୃତ କରି ରଖୁଥିବା ପୋଷାକ ପିନ୍ଧନ୍ତୁ। ଏହି ଋତୁରେ ଖାଦ୍ୟପଦାର୍ଥଗୁଡ଼ିକୁ ଘୋଡାଇ ରଖନ୍ତୁ। ବର୍ଷା ଋତୁରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଥାଏ। ତେଣୁ ଘର ଭିତରକୁ ଯେପରି ମଶା ପ୍ରବେଶ ନ କରିବେ ତାହାର ବ୍ୟବସ୍ଥା କରନ୍ତୁ। ଝରକାରେ ଜାଲି ଲଗାନ୍ତୁ। ସନ୍ଧ୍ୟା ହେବା ମାତ୍ରେ ଝରକା ବନ୍ଦ କରିଦିଅନ୍ତୁ। ଘର ବାହାର ଅନ୍ଧାର ରଖନ୍ତୁ ନାହିଁ। କାରଣ ଅନ୍ଧାରରେ ମଶା ସେମାନଙ୍କର ବଂଶ ବିସ୍ତାର କରିଥାଆନ୍ତି।

# ବିଲୁପ୍ତିର ପଥେ ଶାଗୁଣା



ନିକୁଞ୍ଜ ବିହାରୀ ସାହୁ

"ଏକ ହିସାବରୁ ଜଣାଯାଏ ଯେ, ବିଗତ ୧୯୮୦ ଦଶକରେ ଆମ ଦେଶରେ ପ୍ରାୟ ୮ କୋଟି ଶାଗୁଣା ଥିଲାବେଳେ ଏବେ ସେମାନଙ୍କ ସଂଖ୍ୟା ୪୦୦୦ରୁ କମ୍। ସୁତରାଂ ଏବେଠୁଁ ସେମାନଙ୍କ ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହି ବିରଳ ଓ ଉପକାରୀ ଜୀବ ଶାଗୁଣା ବଂଶର ଯେ ସମ୍ପୂର୍ଣ୍ଣ ବିଲୁପ୍ତି ଘଟିବ ଏଥିରେ ସନ୍ଦେହ ନାହିଁ। ଫଳରେ ସେମାନେ ଆମ ପିଲାମାନଙ୍କ ପାଇଁ କେବଳ ପଢ଼ାବହିର ଚିତ୍ର ହୋଇ ରହିଯିବେ ସିନା, ପ୍ରକୃତିରେ ଆଉ ଦେଖିବାକୁ ମିଳିବେ ନାହିଁ। ତେବେ ପ୍ରଶ୍ନ ଉଠେ : ଶାଗୁଣାଙ୍କ ଏହି ରହସ୍ୟମୟ ବିଲୁପ୍ତି ପାଇଁ ଦାୟୀ କିଏ ?"



ଚାଳିଶ ପଚାଶ ବର୍ଷ ତଳେ ଶାଗୁଣା ଆମ ଗାଁ ଗହଳିରେ ବହୁ ସଂଖ୍ୟାରେ ଦେଖାଯାଉଥିଲେ। ଗୋରୁ ଆଦି ଗୃହପାଳିତ ଜୀବ ମରିଗଲେ, ଶାଗୁଣାମାନେ କିପରି ସୁରାକ ପାଇ ଦଳଦଳ ଚକ୍କର କାଟନ୍ତି ଆକାଶରେ, ଆଉ ମୃତ ଜୀବକୁ ଘେରି କେଇ ଘଣ୍ଟା ସମୟ ମଧ୍ୟରେ ଖାଇ ଶେଷ କରିଦିଅନ୍ତି। ଆମ ସଂସ୍କୃତିରେ ଶାଗୁଣାମାନଙ୍କୁ ସାଧାରଣତଃ ଅଶୁଭର ସଙ୍କେତ ମନେ କରାଯାଉଥିଲେ ସୁଦ୍ଧା ପରିବେଶୀୟ ଦୃଷ୍ଟିକୋଣରୁ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ମଲାଜୀବଙ୍କ ଶଢ଼ା ମାଂସ ଖାଇ ପରିବେଶକୁ ସଫା ରଖିଥାଆନ୍ତି। ଶାଗୁଣା ନ ଥିଲେ ପୃଥିବୀରେ କୁଢ଼କୁଢ଼ ଶବ ଜମାହୋଇ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ସଷ୍ଟି କରୁଥାଆନ୍ତା।

ଘୋର ପରିତାପର ବିଷୟ ଯେ, ଏବେ ଆମ ଦେଶରେ ପରିବେଶର ବନ୍ଧୁ ଏହି ଶାଗୁଣାମନଙ୍କ ବଂଶ ଦ୍ରୁତ ଲୋପ ପାଇବାରେ ଲାଗିଛି ଏବଂ ସେମାନଙ୍କର ସ୍ଥିତି ଏବେ ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଲାଣି। ଏବେ ଗାଁ ଗଣ୍ଡାରେ ଶାଗୁଣାମାନଙ୍କୁ ଦେଖିବା ବିରଳ। ଗାଁରେ ଗୋରୁ ମରିଗଲେ ମଲାଜୀବକୁ ଖାଇବା ପାଇଁ ଶାଗୁଣା ଆଉ ଗାଁକୁ ଆସୁନାହିଁ। ଏକ ହିସାବରୁ ଜଣାଯାଏ ଯେ, ବିଗତ ୧୯୮୦ ଦଶକରେ ଆମେ ଦେଶରେ ପ୍ରାୟ ୮ କୋଟି ଶାଗୁଣା ଥିଲାବେଳେ ଏବେ ସେମାନଙ୍କ ସଂଖ୍ୟା ୪୦୦୦ରୁ କମ୍। ସୁତରାଂ ଏବେଠୁଁ ସେମାନଙ୍କ ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହି ବିରଳ ଓ ଉପକାରୀ ଜୀବ ଶାଗୁଣା ବଂଶର ଯେ ସମ୍ପୂର୍ଣ୍ଣ ବିଲୁପ୍ତି ଘଟିବ ଏଥିରେ ସନ୍ଦେହ ନାହିଁ। ଫଳରେ ସେମାନେ ଆମ ପିଲାମାନଙ୍କ ପାଇଁ କେବଳ ପଢ଼ାବହିର ଚିତ୍ର ହୋଇ ରହିଯିବେ ସିନା, ପ୍ରକୃତିରେ ଆଉ ଦେଖିବାକୁ ମିଳିବେ ନାହିଁ। ତେବେ ପ୍ରଶ୍ନ ଉଠେ : ଶାଗୁଣାଙ୍କ ଏହି ରହସ୍ୟମୟ ବିଲୁପ୍ତି ପାଇଁ ଦାୟୀ କିଏ ?

ଏକ ଗବେଷଣାରୁ ଜଣାପଡ଼େ ଯେ, ଗୋରୁମାନଙ୍କୁ ଔଷଧ ରୂପେ ଦିଆଯାଉଥିବା ଡାଇକ୍ଲୋଫେନାକ ନାମକ ଏକ ରାସାୟନିକ ପଦାର୍ଥ ଏଥିପାଇଁ ଦାୟୀ। ଏହି ଔଷଧକୁ ସାଧାରଣତଃ ଗୋରୁ ଭଳି ଜୀବମାନଙ୍କଠାରେ ବିନ୍ଧା ଫୁଲା ଭଳି ଯନ୍ତ୍ରଣାର ଉପଶମ ନିମନ୍ତେ ପେନକିଲର୍ ରୂପେ ପ୍ରଦାନ କରାଯାଇଥାଏ। ଔଷଧ ସେବନ କରିଥିବା ଏହି ଜୀବମାନଙ୍କ ସମୟକ୍ରମେ ମୃତ୍ୟୁ ଘଟିଲେ, ଏହି ମୃତଜୀବଙ୍କ ଶବକୁ ଭକ୍ଷଣ କରୁଥିବା ଶାଗୁଣାମାନଙ୍କ ଶରୀରରେ ଏହି ରାସାୟନିକ ପଦାର୍ଥ ପ୍ରବେଶ କରେ। ଏହା ଶାଗୁଣାର ଶରୀରରେ ତୀବ୍ର ପ୍ରତିକ୍ରିୟା ଘଟାଇ ବୃକକ୍ (କିଡ୍‌ନୀ) ସମେତ ଏହାର ରେଚନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅକାମୀ କରିଦିଏ। ଫଳରେ ଏଭଳି ମଲାଜୀବକୁ ଖାଇଥିବା ଶାଗୁଣାର ଦୁଇ ତିନି ଦିନ ମଧ୍ୟରେ ମୃତ୍ୟୁ ଘଟେ। ଗବେଷଣାରୁ ଜଣାଯାଏ ଯେ, ଏହି ବିଷାକ୍ତ ପଦାର୍ଥର ସେବନ ଦ୍ୱାରା ଭାରତରେ ଦେଖାଯାଉଥିବା ତିନି ପ୍ରଜାତିର ଶାଗୁଣାଙ୍କ ମଧ୍ୟରୁ ସମୁଦାୟ ୯୫%ଙ୍କ ମୃତ୍ୟୁ ଘଟିଲାଣି। କେବଳ ଆମ ଦେଶ ଭାରତ ନୁହେଁ, ସମଗ୍ର ଉପମହାଦେଶର ଅନେକ ଦେଶ ଯଥା ନେପାଳ, ପାକିସ୍ତାନ ଓ ବାଂଲାଦେଶରେ ମଧ୍ୟ ଶାଗୁଣାଙ୍କ ସଂଖ୍ୟାରେ ଏବେ ଦ୍ରୁତ ଅବନତି ପରିଲକ୍ଷିତ ହେଉଛି।

ଏବେ ସରକାରଙ୍କ ଆଖି ଖୋଲିଛି। ଶାଗୁଣାମାନଙ୍କ ବଂଶରକ୍ଷା ନିମନ୍ତେ ସରକାର ବିଗତ ୨୦୦୬ ମସିହାଠାରୁ ଦେଶରେ ଏହି ଡାଇକ୍ଲୋଫେନାକ ପଦାର୍ଥରୁ ପ୍ରସ୍ତୁତ ସମସ୍ତ ଔଷଧର ଉତ୍ପାଦନ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହି ଔଷଧ ପ୍ରସ୍ତୁତ କରୁଥିବା ସମସ୍ତ କମ୍ପାନୀର ଲାଇସେନ୍ସକୁ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି। ଏହାଦ୍ୱାରା ଆଗାମୀ କିଛି ବର୍ଷ ମଧ୍ୟରେ ଶାଗୁଣାମାନଙ୍କ ସଂଖ୍ୟା ପୂର୍ବସ୍ଥିତିରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରାଯାଇଛି।

ଶାଗୁଣାମାନଙ୍କ ସୁରକ୍ଷା ନିମନ୍ତେ ଏବେ ଆମ ଦେଶରେ ପ୍ରତିଷ୍ଠିତ ମୁମ୍ବାଇସ୍ଥିତ ପ୍ରାକୃତିକ ବିଜ୍ଞାନ ପରିଷଦ ଓ ପଶ୍ଚିମବଙ୍ଗର ଦୁଇଟି ଶାଗୁଣା ପ୍ରଜନନ କେନ୍ଦ୍ର କାର୍ଯ୍ୟ କରୁଛନ୍ତି। ମାତ୍ର ଏହି କେନ୍ଦ୍ରସବୁରୁ ଜନ୍ମିତ ଶାଗୁଣାମାନଙ୍କୁ ପରିବେଶ ସମ୍ପୂର୍ଣ୍ଣ ଡାଇକ୍ଲୋଫେନାକ୍ ମୁକ୍ତ ନ ହେବା ପର୍ଯ୍ୟନ୍ତ ତୁରନ୍ତ ପଦାକୁ ଛାଡ଼ି ହେବ ନାହିଁ ବୋଲି ବିଶେଷଜ୍ଞଙ୍କ ମତ। ଗୋରୁମାନଙ୍କ ଶରୀରରୁ ସଂଗୃହୀତ ନମୁନାରୁ ଜଣାପଡ଼ିଛି ଯେ, ଏବେ ବି ପ୍ରାୟ ୧୦% ଜୀବଙ୍କ ଶରୀରରେ ଏହି ମାରାତ୍ମକ ପଦାର୍ଥର ଅବଶେଷ ରହିଛି। ଏଭଳି ପରିସ୍ଥିତି ଶାଗୁଣାର ବଞ୍ଚିରହିବା ପାଇଁ ସହନୀୟ ନୁହେଁ। ନିକଟରେ ନେପାଳ ସରକାର ମଧ୍ୟ ନିଜ ଦେଶରେ ଡାଇକ୍ଲୋଫେନାକ ପଦାର୍ଥର ବ୍ୟବହାରକୁ ନିଷିଦ୍ଧ କରି ଏହା ବଦଳରେ ଅନ୍ୟ ଏକ ବିକଳ୍ପ ପଦାର୍ଥ ମେଲୋକ୍ସିକାମ ବ୍ୟବହାରକୁ ଅନୁମୋଦନ କରିଛନ୍ତି। ଏସବୁ ପଦକ୍ଷେପ ଦ୍ୱାରା ଶାଗୁଣାମାନଙ୍କୁ ବିଲୁପ୍ତିର ଦ୍ୱାରଦେଶରୁ ଫେରାଇ ଆଣିହେବ ବୋଲି ବିଶ୍ୱାସ କରାଯାଏ। ମାତ୍ର ଶାଗୁଣାମାନଙ୍କ ପ୍ରଜନନ ଅତି ମନ୍ଥର ହୋଇଥିବାରୁ ସେମାନଙ୍କ ସଂରକ୍ଷଣ ପ୍ରକ୍ରିୟା ସମୟସାପେକ୍ଷ ବୋଲି ଜଣାପଡ଼ିଛି।

ପରିବେଶର ଅବକ୍ଷୟ ଯୋଗୁ ଏକଦା ଆମ ଗାଁ ଗହଳିରେ ପ୍ରଚୁର ଦେଖାଯାଉଥିବା ଜୀବ ଯଥା ଶାଗୁଣା, ଶଂଖଚିଲ, ମାଟିଆଚିଲ, ହଳଦୀବସନ୍ତ, ଅନ୍ଧାରୁଆ ବଗ ଆଦିଙ୍କ ସଂଖ୍ୟା କମି ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଲାଣି। ଏହାଦ୍ୱାରା ପ୍ରକୃତିର ଜୈବବିବିଧତା ହ୍ରାସ ପାଇବା ସାଙ୍ଗକୁ ଖାଦ୍ୟଶୃଙ୍ଖଳ ପ୍ରକ୍ରିୟା ଭଳି ସୂକ୍ଷ୍ମ ପରିବେଶୀୟ ସନ୍ତୁଳନରେ ବାଧା ଉପୁଜୁଛି। ସୁତରାଂ ସମୟ ଆସିଛି, ଆମେ ଆମ ଚତୁଃପାର୍ଶ୍ୱର ଶାଗୁଣା ଭଳି ଜୀବମାନଙ୍କ ପରିବେଶପ୍ରିୟ ଭୂମିକାକୁ ଉପଲବ୍ଧି କରି ସେମାନଙ୍କ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ଉଚିତ।

-ଏଜୁକେଶନ୍ ଅଫିସର୍,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪


# ଅତ୍ୟଧିକ ପେନ୍‌କିଲର ଓ ହୃଦ୍‌ଘାତ



ଅନେକ ସମୟରେ ରୋଗର ଅବସ୍ଥା ଦେଖି ଡାକ୍ତର ପେନ୍‌କିଲର ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ତେବେ ଦୀର୍ଘ ଦିନ ଧରି ଏଭଳି ଔଷଧ ଖାଇଲେ ତାହାର ପ୍ରଭାବ ହୃତ୍‌ପିଣ୍ଡ ବା ହାର୍ଟ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଆମେରିକୀୟ ହୃଦ୍‌ରୋଗ ବିଶେଷଜ୍ଞମାନେ ନିକଟରେ 'ହୃଦ୍‌ଘାତ ଏବଂ ପେନ୍‌କିଲର' ଶୀର୍ଷକ ବିଷୟକୁ ନେଇ ଗବେଷଣା କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଦୀର୍ଘ ମାସ ଧରି ପେନକିଲର ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ସମସ୍ୟା ଦେଖିବାକୁ ମିଳିଥିଲା। ତେବେ ଡାକ୍ତରଙ୍କ ବିନା ପରାମର୍ଶରେ ପେନକିଲର ଖାଇବା ଆଦୌ ଠିକ୍ ନୁହେଁ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ସ୍ୱାସ୍ଥ୍ୟ ସମସ୍ୟା ଲାଗି ସତର୍କତା

କଥାରେ ଅଛି 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ନିଜକୁ ସୁସ୍ଥ ତଥା ନୀରୋଗ ରଖିବା ଲାଗି ଆମେ ସର୍ତକତା ଅବଲମ୍ବନ କରିବା ନିହାତି ଦରକାର। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ବିଜ୍ଞତାର ପରିଚାୟକ। ଏହାବ୍ୟତୀତ ଏଭଳି କେତୋଟି ବିଷୟ ରହିଛି ଯାହା ପ୍ରତି ନଜର ଦେବା ଆବଶ୍ୟକ। ପ୍ରଥମ କଥା ହେଲା ଖାଦ୍ୟପେୟ। ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ-ଭାତ, ଡାଲି, ସବୁଜ ପନିପରିବାରୁ ପ୍ରସ୍ତୁତ ତରକାରି, ମାଛ, ମାଂସ, ଅଣ୍ଡା, କ୍ଷୀର, ପନୀର ଆଦି ଖାଆନ୍ତୁ। ଏଭଳି ଖାଦ୍ୟ ମାଂସପେଶୀକୁ ମଜଭୁତ ରଖିବା ସହ ରକ୍ତ ସଞ୍ଚାଳନକୁ ସକ୍ରିୟ କରିଥାଏ। ନିଜକୁ ସୁସ୍ଥ ରଖିବା ଲାଗି ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଭଲ। କାରଣ ଏହା ପେଟଜନିତ ସମସ୍ୟାଠାରୁ ଆପଣଙ୍କୁ ଅନେକାଂଶରେ ଦୂରେଇ ରଖିବ। ସବୁବେଳେ ଆଇରନ୍, କ୍ୟାଲସିୟମ, ପୋଟାସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଦାନ୍ତ ଏବଂ ଅସ୍ଥି ମଜଭୁତ ରହିଥାଏ। ସକାଳ ଜଳଖିଆ ବା ବ୍ରେକଫାଷ୍ଟରେ ସାଲାଡ୍, ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହାସହ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ, ଆବଶ୍ୟକ ମୁତାବକ ପାଣି ପିଅନ୍ତୁ ଏବଂ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।



# ସହଜରେ ସନ୍ତୁଳିତ ରହିବ ଓଜନ



ଆଜିକାଲିର ବ୍ୟସ୍ତ ଜୀବନ ଭିତରେ ନିଜକୁ ସୁସ୍ଥ ରଖିବା ହେଉଛି ବଡ଼ କଥା। ବିଶେଷଭାବରେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। ଏଭଳି କେତେକ ଉପାୟ ରହିଛି ଯାହାଦ୍ୱାରା ଆପଣ ନିଜର ଓଜନକୁ ନିୟନ୍ତ୍ରଣରେ ରଖିପାରିବେ। ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ବା ଏକ୍ସରସାଇଜ ସାମିଲ କରନ୍ତୁ। ନିୟମିତ ବ୍ୟାୟାମ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ପେଟରୁ ଚର୍ବି କମିଥାଏ। ଦୁଗ୍ଧଜାତୀୟ ଖାଦ୍ୟ ଖାଆନ୍ତୁ। ଏହା ପେଟରେ ଚର୍ବି କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। ପ୍ୟାକ୍‌ଡ ଫୁଡ ଆଦୌ ଖାଆନ୍ତୁ ନାହିଁ। ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ଶରୀର ଓଜନ ବୃଦ୍ଧି କରିବା ଭଳି ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ବ୍ରେକ୍‌ଫାଷ୍ଟରେ ଜୁସ୍ ଏବଂ ତଟକା ଫଳମୂଳ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ ଅନେକାଂଶରେ ନିୟନ୍ତ୍ରିତ ରହିଥାଏ। ତା'ସହ ନିୟମିତ ସମୟ ଅନ୍ତରାଳରେ ଓଜନ କେତେ ଅଛି ତାହା ମାପି ନିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ଛତୁ ସାମିଲ କରନ୍ତୁ। ଏଥିରେ 'ଗ୍ଲୁକାନ୍ସ' ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ସୃଷ୍ଟି କରୁଥିବା ଅଣ୍ଡାଜନିତ ବ୍ୟାକ୍ଟେରିଆର ବଂଶ ବୃଦ୍ଧି କରିବାକୁ ଦେଇ ନ ଥାଏ। କେବଳ ସେତିକି ନୁହେଁ, ଏହା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ସକ୍ରିୟ କରାଇଥାଏ।

➤ମହୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କେବଳ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଛି।



➤ବେଳେବେଳେ କୌଣସି ରୋଗ ନିରୂପଣ କରିବା ସମୟରେ ଡାକ୍ତର କେତେକ ପରୀକ୍ଷା କରିବାକୁ ପ୍ରେସକ୍ରିପଶନରେ ଉଲ୍ଲେଖ କରିଥାଆନ୍ତି। ସେଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଯାହା ଉଲ୍ଲେଖ କରିଛନ୍ତି ସେହି ଅନୁସାରେ ଭଲ ପାଥୋଲୋଜିରେ ପରୀକ୍ଷା କରାଇନିଅନ୍ତୁ।

➤ଯଦି ଅସୁସ୍ଥ ଅଛନ୍ତି ତେବେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବ୍ୟାୟାମରୁ ବିରତ ରୁହନ୍ତୁ। କାରଣ ଯଦି ସେପରି ଅବସ୍ଥାରେ ବ୍ୟାୟାମ କରନ୍ତି, ତେବେ ତାହାର ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ।

➤ପ୍ରତିଦିନ ସକାଳୁ ଦାନ୍ତଘଷିବା ପରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି।

# ମାନବୀୟ ଅଭିବୃଦ୍ଧିରେ ଜୈବପ୍ରଯୁକ୍ତି ବିଜ୍ଞାନ

(ଶେଷ ଭାଗ)

ଯୁବ ବର୍ଗଙ୍କୁ ଭବିଷ୍ୟତ ଜୈବ ପ୍ରଯୁକ୍ତି ବିଜ୍ଞାନୀ ରୂପେ ଗଢ଼ି ତୋଳିବାକୁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ଶ୍ରେଣୀରେ ପାଠପଢ଼ା ସୁଯୋଗ ସହିତ ଗବେଷଣା ବ୍ୟବସ୍ଥା ମଧ୍ୟ କରାଇଛନ୍ତି। ଭାରତ ବାୟୋଟେକ ପ୍ରଥମ ଦଫାରେ ଅଦ୍ୟାବଧି ୭୦୦ କୋଟି ଟଙ୍କା ନିବେଶ କରି ଭୁବନେଶ୍ୱରର ଅନ୍ଧାରୁଆ ଠାରେ ଏକ ବାୟୋଟେକନୋଲୋଜି ପାର୍କ ସ୍ଥାପନ କରି ନିକଟ ଭବିଷ୍ୟତରେ ପ୍ରାୟ ୨୮ଗୋଟି 'ଭାକସିନ' ଉତ୍ପାଦନ ଆରମ୍ଭ ହେବାକୁ ଥିବାବେଳେ ଏହାକୁ ସରକାର ସମସ୍ତ ସହାୟତା ଯୋଗାଇ ଦେଇଛନ୍ତି। ଓଡ଼ିଶାରେ ବିଭିନ୍ନ ଅନୁରୂପ ଉଦ୍ୟୋଗ ଯଥା ଇମଜେନେକ୍ସ, କାର୍ଡ ଲାଇଫ, ସନ୍ ବାୟୋଟେକ ଇତ୍ୟାଦି ଅବସ୍ଥାପିତ ହୋଇ ଅନେକ ସଫଳତା ସହ ସୁନାମ ଅର୍ଜନ କରୁଛନ୍ତି।

ଜୈବ ପ୍ରଯୁକ୍ତିବିଦ୍ୟା ଜୀବଜଗତରେ ସଂଶ୍ଳିଷ୍ଟ ସମସ୍ତ ପ୍ରାଣୀଙ୍କ ପାଇଁ ହିତକାରୀ ସାବ୍ୟସ୍ତ ହେବା ସହିତ ମାନବ ଜୀବନ ଓ ତା'ର ସାମାଜିକ ଚଳଣିକୁ ସିଧାସଳଖ ପ୍ରଭାବିତ କରୁଛି। ଏହାର କୃଷି କ୍ଷେତ୍ରରେ ପ୍ରଭାବ ଯୋଗୁ ଖାଦ୍ୟ ଉତ୍କର୍ଷତା, ପରିମାଣ ଓ ଏହାର ପ୍ରକ୍ରିୟାକରଣରେ ଅନେକ ପରିବର୍ତ୍ତନ ଆଣିପାରିଛି। ଟମାଟୋ ଭଳି ସ୍ୱଳ୍ପ ଅବଧି ମଧ୍ୟରେ ପଚିଶଢ଼ି ଯାଉଥିବା ଯୋଗୁ ଏହାର ଗୁଣସୂତ୍ରରେ ପରିବର୍ତ୍ତନ ଯୋଗୁ ମନୁଷ୍ୟ ଏପରି ଏକ ଟମାଟୋ 'ଫ୍ଲାଭର ସାଭର' ପ୍ରସ୍ତୁତ କରିପାରିଛି, ଯାହା କୃଷକ ପାଇଁ ହିତକାରୀ ସାବ୍ୟସ୍ତ ହୋଇଅଛି। ସେହିପରି କୃଷିରେ ବ୍ୟବହୃତ ଜୈବିକ ସାର, ଜୈବିକ କୀଟନାଶକ ଇତ୍ୟାଦିରେ ସୂକ୍ଷ୍ମ ଜୀବମାନଙ୍କ ବହୁଳ ବ୍ୟବହାର କରାଯାଉଛି। ଏହାଫଳରେ ଫସଲ ଅତ୍ୟଧିକ ଅଣୁ ଖାଦ୍ୟ ଗ୍ରହଣ ଶକ୍ତି ପାଇ ଏବେ ଅଧିକ ଅମଳକ୍ଷମ ହେବା ସହିତ ପରିବେଶକୁ ବାୟୁ ଓ ଜଳ ପ୍ରଦୂଷଣ ମୁକ୍ତ କରାଯାଇ ପାରୁଛି। ମନୁଷ୍ୟ ଜୀବନ ରକ୍ଷାକାରୀ ଔଷଧ ଉଦ୍ୟୋଗ ପାଇଁ ଜୈବ ପ୍ରଯୁକ୍ତି ବିଜ୍ଞାନ ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରାଯାଉଛି। ବିଭିନ୍ନ ରୋଗ ନିରୂପଣ, ଚିକିତ୍ସା ଓ ପ୍ରତିରୋଧ କ୍ଷେତ୍ରରେ ସହାୟକ ସାବ୍ୟସ୍ତ ହୋଇଅଛି।

ଭୂତାଣୁ ପ୍ରତିରୋଧକ ଇଣ୍ଟରଫେରନ, ମୋନୋକ୍ଲନାଲ ଆଣ୍ଟିବଡି କିମ୍ବା ଷ୍ଟେମ ସେଲ ଚିକିତ୍ସା ଇତ୍ୟାଦି ଏହି ବିଜ୍ଞାନ ଯୋଗୁ ସମ୍ଭବ ହୋଇଛି। ଟିସୁ କଲଚର ପଦ୍ଧତି ସହାୟତାରେ ଖୁବ୍ କମ୍ ସମୟରେ ଅସଂଖ୍ୟ ଦୁର୍ମୂଲ୍ୟ ଗଛ ତିଆରି କ୍ଷମତା 'ମାଇକ୍ରୋପ୍ରୋପାଗେସନ' ଅବିଶ୍ୱସନୀୟ ହେଲେ ବି ସତ୍ୟ। ପାରମ୍ପରିକ ପ୍ରଜନନ ପ୍ରକ୍ରିୟାରେ ଅସମ୍ଭବ ସଙ୍କର ପ୍ରଜାତି 'ଜେନେଟିକ ଇଞ୍ଜିନିୟରିଙ୍ଗ' ଦ୍ୱାରା ଡି.ଏନ.ଏ. କିମ୍ବା ଆର.ଏନ.ଏ.କୁ କଟା ଯୋଡ଼ା କରି ନୂତନ ମନୁଷ୍ୟ ଉପଯୋଗୀ ପ୍ରାଣୀ ସୃଷ୍ଟି କରାଯିବା ସୁଯୋଗ ସୃଷ୍ଟି ହୋଇପାରିଛି। ଏପରି ଆନୁବଂଶିକ ରୂପାନ୍ତରିତ ଜୀବ ତିଆରି ଦ୍ୱାରା ଉନ୍ନତ ହରମୋନ ପ୍ରସ୍ତୁତି ସହିତ ଅଣ୍ଡା, ଦୁଗ୍ଧ ତଥା ମାଂସ ଅଧିକ ଉତ୍ପାଦନ ସମ୍ଭବ ହୋଇଅଛି। ଜୈବ ପ୍ରଯୁକ୍ତିବିଜ୍ଞାନ ପରିବେଶରେ ଥିବା ପ୍ରଦୂଷକ ମାନଙ୍କୁ ଜୈବିକ ଅବକ୍ଷୟ ତଥା ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ ଓ ଉପଚାର ଦ୍ୱାରା ସନ୍ତୁଳିତ ରଖିବାରେ ବିଶେଷ ସହାୟକ ହେଉଅଛି। 'ବାୟୋରିମେଡିଏଶନ' ଭଳି ପଦ୍ଧତି ମାଧ୍ୟମରେ ଜୈବ ପ୍ରଯୁକ୍ତି ବିଜ୍ଞାନ ପରିବେଶ ପ୍ରଦୂଷଣ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ଏହାର ନିୟନ୍ତ୍ରଣ ସୁଯୋଗ ଦେଇଥାଏ।



ଏହି ବିଜ୍ଞାନକୁ ଆମ ରାଜ୍ୟର କୋଣ ଅନୁକୋଣରେ ସାର୍ବଜନୀନ କରିବା ଦରକାର। ଓଡ଼ିଶାରେ ଭରପୂର ଥିବା ଖଣିଜ ସମ୍ପଦ, ୪୮୦ କିଲୋମିଟର ଉପକୂଳବର୍ତ୍ତୀ ସାମୁଦ୍ରିକ ଜୈବ ବିବିଧତା, ବିଭିନ୍ନ ବନ୍ୟ ଔଷଧୀୟ ସମ୍ପଦ ଇତ୍ୟାଦି ରହିଛି। ଏ କ୍ଷେତ୍ରରେ ଏଭଳି ବିଜ୍ଞାନର ପ୍ରୟୋଗ କରାଗଲେ ଆମ ରାଜ୍ୟର ଆହୁରି ପ୍ରଗତି ହୋଇପାରିବ।

-ଡ. ମାନସ ରଞ୍ଜନ ଶତପଥୀ,
ସହକାରୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଉଦ୍ଭିଦ ବିଜ୍ଞାନ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ: ୯୪୩୭୪୭୯୦୪୫

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୩୧/୨୦୨୩ Bhubaneswar, Monday, July 31/ 2023

# ଭର୍ଷ୍ଟାପେନ ଜିତିଲେ ବେଲଜିଆନ ଗ୍ରାଁ ପ୍ରି



ବେଲଜିଆନ ଗ୍ରାଁ ପ୍ରି ଟ୍ରଫି ସହ ମ୍ୟାକ୍ସ ଭର୍ଷ୍ଟାପେନ।

**ସ୍ପା-ଫ୍ରାଙ୍କୋଚାମ୍ପ (ବେଲଜିୟମ), ୩୦।୭ (ଏପି)**

ଡିଫେଣ୍ଡିଂ ଫର୍ମୁଲାୱାନ ଚାମ୍ପିୟନ ମ୍ୟାକ୍ସ ଭର୍ଷ୍ଟାପେନ ରବିବାର ଅନୁଷ୍ଠିତ ବେଲଜିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ବିଜେତା ହୋଇଛନ୍ତି। ପୂରା ସିଜନରେ ଆଧିପତ୍ୟ ବିସ୍ତାର କରିଥିବା ଏହି ରେଡ୍‌ବୁଲ୍ ଡ୍ରାଇଭର କ୍ରମାଗତ ୮ମ ଏବଂ ଓଭରଅଲ୍ ୧୦ମ ଗ୍ରାଁ ପ୍ରି ବିଜୟ ହାସଲ କରିଛନ୍ତି। ସେ ଏଠାରେ ଟିମ୍ ମେଟ୍ ସର୍ଗିଓ ପେରେଜଙ୍କଠାରୁ ୨୨.୩ ସେକେଣ୍ଡ ଆଗରେ ରହି ରେସ୍ ଫିନିଶ୍ କରିଥିଲେ। ଫଳରେ ରେଡ୍‌ବୁଲ୍ ପ୍ରଥମ ୨ ସ୍ଥାନ ଅଧିକାର କରି ନେଇଥିଲା। ଏଠାରେ ବିଜୟ ଫଳରେ ଭର୍ଷ୍ଟାପେନ କ୍ରମାଗତ ୩ୟ ଥରପାଇଁ ବିଶ୍ୱ ଟାଇଟଲ ଜିତିବାର ନିକଟତର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫେରାରୀର ଚାର୍ଲ୍ସ ଲେକରେକ, ମର୍ସିଡିଜ୍‌ର ଲୁଇସ ହାମିଲଟନ, ଆଷ୍ଟନ ମାର୍ଟିନର ଫର୍ମାଣ୍ଡୋ ଆଲୋଁସୋ, ମର୍ସିଡିଜ୍‌ର ଜର୍ଜ ରସେଲ, ମ୍ୟାକଲରେନର ଲାନ୍‌ଲୋ ନୋରିସ, ଆଲପିନେର ଇଷ୍ଟାବନ ଓକନ, ଅଷ୍ଟେନ ମାର୍ଟିନର ଲାନ୍ସ ଷ୍ଟ୍ରଲ୍ ଏବଂ ଆଲ୍‌ଫା ଟୌରୀର ୟୁକି ସୁନୋଡା ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଭର୍ଷ୍ଟାପେନ ୩୧୪ ପଏଣ୍ଟ ସହିତ ଶୀର୍ଷରେ ଅପରିବର୍ତ୍ତିତ ରହିଛନ୍ତି। ପେରେଜ ୧୮୯ ପଏଣ୍ଟ ପାଇଛନ୍ତି। ଅର୍ଥାତ୍ ପେରେଜଙ୍କଠାରୁ ୧୨୫ ପଏଣ୍ଟରେ ଆଗୁଆ ରହି ଭର୍ଷ୍ଟାପେନ ଟାଇଟଲ ଦିଗରେ ଅଗ୍ରସର ହୋଇଛନ୍ତି। ଅଗଷ୍ଟ ୨୭ରେ ହେବାକୁଥିବା ଡଚ୍ ଗ୍ରାଁ ପ୍ରିରେ ବିଜୟୀ ହେଲେ ସେ ସେବାଷ୍ଟିଆନ ଭେଟେଲଙ୍କ କ୍ରମାଗତ ୯ମ ଗ୍ରାଁ ପ୍ରି ବିଜୟ ରେକର୍ଡର ସମକକ୍ଷ ହେବେ।

# ଅଷ୍ଟ୍ରେଲିଆ ପଥରେ ବର୍ଷା ବାଧା

**ଲଣ୍ଡନ, ୩୦।୭**

ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଆଶେଷ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆର ବିଜୟ ପଥରେ ବର୍ଷା ବାଧା ସୃଷ୍ଟି କରିଛି। ଇଂଲଣ୍ଡ ପକ୍ଷରୁ ୩୮୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ କୌଣସି ଉଇକେଟ ନ ହରାଇ ୧୩୫ ରନ ସଂଗ୍ରହ କରି ନେଇଛି। ବର୍ଷା ଆରମ୍ଭ ହେବାରୁ ଚା' ବିରତିକୁ ଅଗୁଆ କରାଯାଇଛି। ଫଳରେ ଅଷ୍ଟ୍ରେଲିଆକୁ ବିଜୟ ପାଇଁ ଆଉ ୨୪୯ ରନ ଆବଶ୍ୟକ ହେଉଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୮୯/୯ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଆଉ ୧୧ ରନ ଯୋଗକରି ୩୯୫ରେ ଅଲ୍‌ଆଉଟ ହୋଇ ଯାଇଥିଲା। ଜେମ୍ସ ଆଣ୍ଡରସନଙ୍କୁ ଆଉଟ କରି ଟଡ୍ ମର୍ଫି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ। କ୍ୟାରିୟରର ଶେଷ ଟେଷ୍ଟ ଖେଳୁଥିବା ଷ୍ଟୁଆର୍ଟ ବ୍ରଡ୍ ୮ ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଓ ମର୍ଫି ୪ଟି ଲେଖାଏ ଉଇକେଟ ନେଇଥିଲେ। ଜୋଶ ହାଜେଲଉଡ୍ ଓ ପ୍ୟାଟ୍ କମିନ୍ସଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଟାର୍ଗେଟକୁ ଚ୍ୟାଲେଞ୍ଜଭାବେ ନେଇଥିଲା ଅଷ୍ଟ୍ରେଲିଆ। ଦୁଇ ଓପନର ଉସମାନ ଖ୍ୱାଜା ଓ ଡେଭିଡ ୱାର୍ନର ଲଞ୍ଚ୍ ବେଳକୁ କୌଣସି ଉଇକେଟ ହରାଇ ଦଳୀୟ ସ୍କୋରକୁ ୭୫ରେ ପହଞ୍ଚାଇଥିଲେ। ଏହାପରେ ୧୪ ଓଭର ଖେଳ ହୋଇଥିବାବେଳେ ବର୍ଷା ଆସିଥିଲା। ଫଳରେ ପଡ଼ିଆକୁ

**ପଞ୍ଚମ ଆଶେସ ଟେଷ୍ଟ**

କଭର କରାଯାଇଥିଲା ଏବଂ ଆଗୁଆ ଚା' ବିରତି ଘୋଷଣା କରାଯାଇଥିଲା। ସେତେବେଳକୁ ଅଷ୍ଟ୍ରେଲିଆ କୌଣସି ଉଇକେଟ ନ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ୱାର୍ନର ୫୮ ଓ ଖ୍ୱାଜା ୬୯ ରନକରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୯୫। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୯୫। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ (ଅସମାପ୍ତ): ୧୩୫/୦ (ଡେଭିଡ ୱାର୍ନର-୫୮, ଉସମାନ ଖ୍ୱାଜା-୬୯)।



ଷ୍ଟୁଆର୍ଟ ବ୍ରଡ୍

## ବ୍ରଡ୍‌ଙ୍କୁ ଗାର୍ଡ ଅଫ୍ ଅନର

ତୃତୀୟ ଦିବସ ଖେଳ ଶେଷରେ ଅବସର ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍। ଚତୁର୍ଥ ଦିବସରେ ସେ ଯେତେବେଳେ ବ୍ୟାଟିଂ କରିବାକୁ ଆସିଲେ ସମ୍ମାନ ସ୍ୱରୂପ ଅଷ୍ଟ୍ରେଲିଆ ଖେଳାଳିମାନେ ତାଙ୍କୁ ଗାର୍ଡ ଅଫ୍ ଅନର ଜଣାଇଥିଲେ। ଜେମ୍ସ ଆଣ୍ଡରସନଙ୍କ ସହ ସେ ପଡ଼ିଆକୁ ଓହ୍ଲାଇବାବେଳେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ତାଙ୍କୁ ଉତ୍ସାହିତ କରିଥିଲେ। ବ୍ରଡ୍ ନିଜ ପ୍ରଶଂସକଙ୍କୁ ନିରାଶ କରି ନ ଥିଲେ। ସେ ମିଚେଲ ଷ୍ଟାର୍କଙ୍କ ବଲ୍‌କୁ ଏକ ଛକା ମାରିବାପରେ ଆଣ୍ଡରସନ ଆଉଟ ହୋଇ ଯାଇଥିଲେ ଏବଂ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଶେଷ ହୋଇ ଯାଇଥିଲା।

# ସ୍ପେନ୍‌କୁ ୩-୦ରେ ହରାଇଲା ଭାରତ



ସ୍ପେନ୍ ବିପକ୍ଷ ମ୍ୟାଚରେ ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ବାର୍ସିଲୋନା, ୩୦।୭ (ପି.ଟି.)**

ସ୍ପାନିଶ ହକି ଫେଡେରେଶନର ଶତବାର୍ଷିକୀ ଅବସରରେ ଚାଲିଥିବା ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୩-୦ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ମ୍ୟାଚରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଭାରତ ପକ୍ଷରୁ ବନ୍ଦନା କାଟରିଆ ୨୨, ମୋନିକା ୪୮ ଓ ଉଦିତା ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏଥିରେ ବିଜୟ ହାସଲ କରିବା ସହ ଭାରତୀୟ ମହିଳା ଦଳ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜେୟ ରହିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଲାଲରେମସିଆମିଙ୍କ ହ୍ୟାଟ୍ରିକ ଗୋଲ ବଳରେ ଭାରତ ୩-୦ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଥିଲା। ପୂର୍ବ ୨ଟି ମ୍ୟାଚକୁ ଭାରତ ଇଂଲଣ୍ଡ ବିପକ୍ଷରେ ୧-୧ ଓ ସ୍ପେନ୍ ବିପକ୍ଷରେ ୨-୨ରେ ଡ୍ର ରଖିଥିଲା।

**ମହିଳା ହକି**

ସ୍ପେନ୍ ବିପକ୍ଷରେ ଭାରତ ପ୍ରଥମ କ୍ୱାର୍ଟରରୁ ହିଁ ଚାପ ପକାଇ ଖେଳିଥିଲା। ପରସ୍ପର ମଧ୍ୟରେ ଉତ୍ତମ ପାସ୍ ଦେଇ ଖେଳାଳିମାନେ କେତେକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ପ୍ରଥମ କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ପ୍ରଥମ କ୍ୱାର୍ଟରର ଶେଷ ୫ ମିନିଟ୍‌ରେ ସ୍ପେନ୍ ପକ୍ଷରୁ ଏକାଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରାଯାଇଥିଲା। ତେବେ ଭାରତୀୟ ଦଳର ଅଧିନାୟିକା ତଥା ଗୋଲକିପର ସବିତା ସଫଳତାର ସହ ତାହାକୁ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରେ ଆରମ୍ଭରୁ ଭାରତ ଆକ୍ରମଣକୁ ଜୋରଦାର କରିଥିଲା। ୨୨ତମ ମିନିଟରେ ସୁଶୀଳାଙ୍କ ପାଖରୁ ପାସ୍ ପାଇ ନେହା ଗୋୟଲ ଗୋଲ ଦେବାକୁ ପ୍ରୟାସ କରିଥିଲେ। ମାତ୍ର ତାଙ୍କ ଶଟ୍‌କୁ ସ୍ପେନ୍ ଗୋଲକିପର କ୍ଲାରା ପେରେଜ ପ୍ୟାଡ୍‌ରେ ଠେଲି ଦେଇଥିଲେ। ରିବାଉଣ୍ଡ ହୋଇ ଫେରିଆସୁଥିବା ବଲ୍‌କୁ ନିୟନ୍ତ୍ରଣକୁ ଆଣି ଲାଲରେମସିଆମି ବନ୍ଦନାଙ୍କ ନିକଟକୁ ପଠାଇ ଦେଇଥିଲେ। ବନ୍ଦନା ତାହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ। ୪୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ମୋନିକା। ଶେଷ ଭାଗରେ ଗୋଲ ପରିଶୋଧ ପାଇଁ ସ୍ପେନ୍ ଖେଳାଳିମାନେ ଉଦ୍ୟମ କରିଥିଲେ ହେଁ ଭାରତୀୟ ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ ଓ ସୁଶୀଳା ଚାନୁ ତାହାକୁ ସଫଳତାର ସହ ପ୍ରତିହତ କରିଥିଲେ। ମ୍ୟାଚ ଶେଷ ହେବାର ୨ ମିନିଟ ପୂର୍ବରୁ ଉଦିତା ଭାରତ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ।




ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଛତିଶଗଡ଼କୁ ହରାଇବାପରେ ରାଜସ୍ଥାନର ଉଦୟପୁରରେ ହେବାକୁଥିବା ଜାତୀୟ ଟି୨୦ ପାଇଁ ମନୋନୀତ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ।

# ବ୍ରିଜ ଭୂଷଣଙ୍କ ବୈଠକରେ ୨୨ ରାଜ୍ୟ ୟୁନିଟ୍‌ର ପ୍ରତିନିଧି

**ନୂଆଦିଲ୍ଲୀ, ୩୦।୭ (ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଦ୍ୱାରା ଆହୁତ ଏକ ବୈଠକରେ ଦେଶର ମୋଟ ୨୫ଟି ରାଜ୍ୟ ୟୁନିଟ ମଧ୍ୟରୁ ୨୨ଟି ରାଜ୍ୟ ୟୁନିଟର ପ୍ରତିନିଧି ଯୋଗ ଦେଇଥିବା ସେ ଦାବି କରିଛନ୍ତି। ଅଗଷ୍ଟ ୧୨ରେ ହେବାକୁଥିବା ମହାସଂଘର ନିର୍ବାଚନ ପାଇଁ ସେ ତାଙ୍କ ପ୍ରାର୍ଥୀ ତାଲିକା ସୋମବାର ଘୋଷଣା କରିବେ। ସୋମବାର ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ଭାଜପା ଏମ୍‌ପି ବ୍ରିଜଭୂଷଣ ସ୍ଥାନୀୟ ଏକ ୫ ତାରକା ବିଶିଷ୍ଟ ହୋଟେଲରେ ବୈଠକର ଆୟୋଜନ କରିଥିଲେ। ସୂଚନାଯୋଗ୍ୟ, ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ସମେତ ଦେଶର ୬ ଟପ୍ ରେସ୍‌ଲର ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବ୍ରିଜଭୂଷଣ ୧୨ବର୍ଷ ଧରି ଡବ୍ଲ୍ୟୁଏଫ୍‌ଆଇର ମୁଖ୍ୟ ରହିଆସିଛନ୍ତି। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଅନୁସାରେ ଅନୁସାରେ ସେ ସର୍ବାଧିକ ଏକ ପଦବୀରେ ରହିଆସିଛନ୍ତି। ତେଣୁ ସେ ଆଉ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ବୈଠକରେ ଯୋଗଦାନ କରିଥିବା ଜଣେ ରାଜ୍ୟ ୟୁନିଟ୍ ସଦସ୍ୟ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଭାଜପା ନେତାଙ୍କ ଜାମାତା ବ୍ରିଜ ଭୂଷଣଙ୍କ ଉତ୍ତରାଧିକାରୀ ବୋଲି ସବୁଆଡେ ଯେଉଁ ଚର୍ଚ୍ଚା ଚାଲିଛି ତାହା ଠିକ୍ ନୁହେଁ। ବିହାରର ଏହି ପ୍ରତିନିଧି ଅଗଷ୍ଟ ୧୨ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ବିଶାଳ ସମୟ ଦେଇ ପାରିବେ ନାହିଁ ବୋଲି ଦର୍ଶାଇ ଅକ୍ଷମତା ପ୍ରକାଶ କରଇଛନ୍ତି। କିନ୍ତୁ ସେ ଭୋଟ୍ ଗ୍ରହଣରେ ଭାଗ ନେବେ। ବ୍ରିଜ ଭୂଷଣଙ୍କ ପ୍ରାର୍ଥୀମାନଙ୍କୁ ଚ୍ୟାଲେଞ୍ଜ ଦେବାକୁ ଥିବା ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଏକ ସମାନ୍ତରାଳ ବୈଠକ ଜାତୀୟ ରାଜଧାନୀର ଭିନ୍ନ ଏକ ସ୍ଥାନରେ ବସିଥିଲା। ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଅଲିମ୍ପିକ ଭବନରେ ବ୍ରିଜ ଭୂଷଣଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ ବୈଠକର ଆୟୋଜନ କରାଯାଇଛି। ବର୍ତ୍ତମାନ ବିଡବ୍ଲ୍ୟୁଏଫ୍‌ର ଦୈନନ୍ଦିନ କାର୍ଯ୍ୟ ସମ୍ଭାଳିବା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଭାରତୀୟ ଉଷୁ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ବାଜୱାଙ୍କ ଗଠିତ ଏକ ଆଡହକ୍ କମିଟିକୁ ଦାୟିତ୍ୱ ପ୍ରଦାନ କରିଛି।

## ପୂର୍ବାଞ୍ଚଳକୁ ୫ ଉଇକେଟରେ ପରାସ୍ତ କଲା ଦକ୍ଷିଣାଞ୍ଚଳ

**ପୁଡୁଚେରୀ, ୩୦।୭ (ପି.ଟି.):** ଦେଓଧର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଏକ ରାଉଣ୍ଡ ରବିନ ମ୍ୟାଚରେ ଦକ୍ଷିଣାଞ୍ଚଳ ଏହାର ଅଲରାଉଣ୍ଡ ପ୍ରଦର୍ଶନ ଜାରି ରଖି ୫ଉଇକେଟରେ ପୂର୍ବାଞ୍ଚଳକୁ ପରାସ୍ତ କରିଛି। ଏଥିସହିତ ଦଳ ଅପରାଜେୟ ଧାରା ବଜାୟ ରଖିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ମୟଙ୍କ ଅଗ୍ରୱାଲ (୮୪ରନ) ଓ ସାଇ ସୁଦର୍ଶନ (୫୩ରନ)ଙ୍କ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଉଭୟେ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୧୮ରନ ଯୋଗ କରଇଥିଲେ। ଏଥିରେ ୧୦ ଚୌକା ଓ ୨ ଛକା ସାମିଲ ଥିଲା। ଦକ୍ଷିଣାଞ୍ଚଳ ୨୩୦ରନର ବିଜୟ ଲକ୍ଷ୍ୟକୁ ୪୪.୨ ଓଭରରେ ହାସଲ କରିନେଇଥିଲା। ଅଗ୍ରୱାଲ ତାଙ୍କ ଇନିଂସରେ ୮୮ବଲ୍ ସାମ୍ନା କରି ୬ ଚୌକା ଓ ଗୋଟିଏ ଛକା ମାରିଥିଲେ। ତାଙ୍କ ପାର୍ଟନର ସୁଦର୍ଶନ ତାଙ୍କ ୫୭ ବଲ୍ ଇନିଂସରେ ୬ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଏହି ଦୁଇଜଣଙ୍କ ପରେଏନ୍. ଜଗଦିଶନ (୩୨ ଓ ରୋହିତ ରାୟୁଡୁ (୨୪) ରନ ଚେଜ୍‌କୁ ଜାରି ରଖିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୪୬ ଓଭରରେ ୨୨୯ରନ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ଖେଳାଳି ଶୁଭ୍ରାଂଶୁ ସେନାପତି ୪୪ ରନ କରିଥିବା ବେଳେ ବିରାଟ ସିଂ ୪୯ ଓ ଆକାଶ ଦୀପ ୪୪ ରନ କରିଥିଲେ। ଦକ୍ଷିଣାଞ୍ଚଳ ଏପର୍ଯ୍ୟନ୍ତ ସୁଦ୍ଧା ଖେଳିଥିବା ସମସ୍ତ ୪ଟି ମ୍ୟାଚରେ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ବେଳେ ପୂର୍ବାଞ୍ଚଳ ୪ଟି ମ୍ୟାଚରୁ ୩ ବିଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି।

**ସଂକ୍ଷିପ୍ତ ସ୍କୋର**

ପୂର୍ବାଞ୍ଚଳ: ୨୨୯/ ଅଲଆଉଟ (ବିରାଟ ସିଂ-୪୯, ଆକାଶ ଦୀପ-୪୪, ଶୁଭ୍ରାଂଶୁ ସେନାପତି-୪୪ ; ଭି. କୌଶିକ-୩/୩୭, ସାଇ କିଶୋର-୩/୪୫)। ଦକ୍ଷିଣାଞ୍ଚଳ: ୪୪.୨ ଓଭରରେ ୨୩୦/୫ (ମୟଙ୍କ ଅଗ୍ରୱାଲ-୮୪, ସାଇ ସୁଦର୍ଶନ-୫୩; ଅଭିନବ ଚୌଧୁରୀ-୨/୫୮)।

## ସ୍କୁଲ୍ସ ଓପନ୍ ଚେସ୍: ସତ୍ୟମ୍ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୭ (ତପନ ସ୍ୱାଇଁ)**

ବିଜେଇମ୍ ସ୍କୁଲ-୧ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ୍ସ ଓପନ ଚେସ୍‌ରେ କଟକ ଗୁରୁନାନକ ପବ୍ଲିକ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସତ୍ୟମ ପୂରା ୫ ପଏଣ୍ଟ ପାଇଛନ୍ତି। ବିଜେଇଏମ୍ ସ୍କୁଲ-୧ର ଭିନିତ ନାୟକ ଓ ୟୁନିଟ-୮ ଡିଏଭିର ତନୁଶ ସାହୁ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତିକ ରଞ୍ଜନ ସାହୁ, ଆଦିତ୍ୟ ଜେନା, ନମସ୍ୟ ନଳିନୀ, ଅର୍ଣ୍ଣବ ମହାନ୍ତି, ସାଇ ବିଦ୍ୟାଶ୍ରୀ, ସତ୍ୟମ୍ ଓଝା ଓ ସ୍ୱସ୍ତିକ ପଟ୍ଟନାୟକ ଟପ୍-୧୦ରେ ରହିଛନ୍ତି। ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଜଣ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୫ ବର୍ଷୀୟ ଜୀବିତେଶ ପାତ୍ର ପ୍ରତିଯୋଗିତାର ସର୍ବକନିଷ୍ଠ ଖେଳାଳି ଥିଲେ। ବିଜେଇଏମ୍ ସ୍କୁଲ-୧ ପ୍ରିନ୍ସିପାଲ ସନ୍ଧ୍ୟା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭାଇସ୍ ପ୍ରିନ୍ସିପାଲ ପଲ୍ଲବୀ ମହାପାତ୍ର, କ୍ରୀଡ଼ା ବିଭାଗ ମୁଖ୍ୟ ସରୋଜ କୁମାର ସାହୁ, ସିନିୟର ପିଇଟି ସତ୍ୟନାରାୟଣ ସାହୁ, ପିଇଟି ରୀନା ଶତପଥୀ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ